# ଧରିତ୍ରୀ
DHARITRI

ରାୟଗଡ଼ା, ସୋମବାର, ନଭେମ୍ବର ୨/୨୦୨୦ (୧୨ପୃଷ୍ଠା) | Rayagada, Monday, November 2/2020 ★

୧୦ମ ଭାଗ ୧୭୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-





**ବଂଶୀବାଦନ ଶୁଣି ମନ୍ତ୍ରମୁଗ୍ଧ ଅଦା**
ଅଭିନେତ୍ରୀ ଅଦା ଶର୍ମା ଇନ୍‌ଷ୍ଟାରେ ଏକ ଭିଡିଓ ପୋଷ୍ଟ କରିଛନ୍ତି। ଯେଉଁଥିରେ ସେ ବଂଶୀର ସ୍ୱର ଶୁଣି ମନ୍ତ୍ରମୁଗ୍ଧ ହୋଇଯାଉଛନ୍ତି । ୦୯

୧୦ **ଅମ୍ପାୟର ଆଲିମ ଦାରଙ୍କ ରେକର୍ଡ**
ପାକିସ୍ତାନ ଅମ୍ପାୟର ଆଲିମ ଦାର ଜଣେ ଅନ୍‌ଫିଲ୍ଡ ଅମ୍ପାୟର ଭାବେ ସର୍ବାଧିକ ଦିନିକିଆ ମ୍ୟାଚ୍ ପରିଚାଳନା କରି ଏକ ରେକର୍ଡ କରିଛନ୍ତି।




## ଜମା, ଉଠାଣରେ ଚାର୍ଜ ନେବେ ବ୍ୟାଙ୍କ

■ କଂଗ୍ରେସ କହିଲା ସରକାରଙ୍କ 'କମର ତୋଡ ତୋଫା'

ନୂଆଦିଲ୍ଲୀ,୧।୧୧

ଜମା ଏବଂ ଉଠାଣ କ୍ଷେତ୍ରରେ କିଛି ବ୍ୟାଙ୍କ ଗ୍ରାହକଙ୍କଠାରୁ ଚାର୍ଜ ଆଦାୟ କରିବେ। ରିପୋର୍ଟ ମୁତାବକ ବ୍ୟାଙ୍କ ଅଫ୍ ବରୋଦା ନିର୍ଦ୍ଧାରିତ ନେଣଦେଣଠାରୁ ଅଧିକ ଥର ନେଣଦେଣରେ ନଭେମ୍ବର ପହିଲାରୁ ଏଭଳି ନିୟମ ଲାଗୁ କରିଛି। ବ୍ୟାଙ୍କ ଅଫ୍ ଇଣ୍ଡିଆ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ଆକ୍ସିସ ବ୍ୟାଙ୍କ ଏବଂ ସେଣ୍ଟ୍ରାଲ ବ୍ୟାଙ୍କ ଏହି ନିୟମ ମଧ୍ୟ ସେମାନଙ୍କ ଗ୍ରାହକଙ୍କ କ୍ଷେତ୍ରରେ କାର୍ଯ୍ୟକାରୀ କରାଇବାକୁ ଯାଉଥିବା ରିପୋର୍ଟରେ ପ୍ରକାଶ ପାଇଛି। ଏହି ବ୍ୟାଙ୍କଗୁଡିକ କେବେ ସୁଦ୍ଧା ଏହାକୁ ଲାଗୁ କରାଉଛନ୍ତି ତାହା ଦେଖିବାକୁ ବାକି ରହିଛି। ବ୍ୟାଙ୍କଗୁଡିକର ଏଭଳି ପଦକ୍ଷେପ ଗ୍ରାହକଙ୍କୁ ପ୍ରଭାବିତ କରିବ। କାରଣ ଫ୍ରି ଟ୍ରାଞ୍ଜାକଶନ ବାଦ ☞ପୃଷ୍ଠା–୪

# ନିଯୁକ୍ତି, ରାଜସ୍ୱ ଗିଳିବ ସ୍ଲରି ପାଇପ୍



■ ପାଣି ଲୁଟ ପାଇଁ ଫନ୍ଦି ଫିକର
■ ରୋଜଗାର ହରାଇବେ ୫୦ହଜାର ପରିବହନକାରୀ
■ ଜଳକର ଆଦାୟ ବୃଦ୍ଧି କରିବାକୁ ସରକାରଙ୍କ ଯୋଜନା

ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ,୧।୧୧

ଶିଳ୍ପ କମ୍ପାନୀଗୁଡ଼ିକ ଏବେ ସ୍ଲରି ପାଇପ୍ ଲାଇନ ବିଛାଇ ଖଣିଜ ପଦାର୍ଥ ପରିବହନ କରିବାକୁ ଉଦ୍ୟମ ଚଳାଇଛନ୍ତି। ଏଥିଯୋଗୁ କର୍ମନିଯୁକ୍ତି ହ୍ରାସ ପାଇବା ସହ ସରକାର ବିପୁଳ ପରିମାଣର ରାଜସ୍ୱ ହରାଇବେ ବୋଲି ରାଜ୍ୟ ଜଳ ସମ୍ପଦ ବିଭାଗ ଓ ଇପିକଲ ପକ୍ଷରୁ ଆଶଙ୍କା ପ୍ରକାଶ ପାଇଛି। କେବଳ ସେତିକି ନୁହେଁ ବିପୁଳ ପରିମାଣର ପାଣି ଲୁଟ୍ ପାଇଁ କେତେକ କମ୍ପାନୀ ଏହି ଫନ୍ଦି ଫିକର କରୁଥିବା କୁହାଯାଉଛି। ତେବେ ସ୍ଲରି ପାଇପ ବିଛାଇବାକୁ ଅନୁମତି ଦିଆଯିବା ନେଇ ଗତ ୯ତାରିଖରେ ଅନୁଷ୍ଠିତ ୯୫ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ) ବୈଠକରେ ସବିଶେଷ ଆଲୋଚନା କରାଯାଇଛି। ଉକ୍ତ ବୈଠକରେ ସ୍ଲରି ପାଇପ୍‌ଲାଇନ୍‌ରେ ବ୍ୟବହାର ହେଉଥିବା ଜଳ ଉପରେ ଅଧିକ ରାଜସ୍ୱ ଆଦାୟ କରିବାକୁ ନୀତି ନିର୍ଦ୍ଧାରଣ ପାଇଁ ଜଳସମ୍ପଦ ବିଭାଗକୁ ନିର୍ଦ୍ଦେଶ ହୋଇଛି। ଆସନ୍ତା ୩ତାରିଖରେ ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏର ପରବର୍ତ୍ତୀ ବୈଠକରେ ଏହି ନୀତି ସଂକ୍ରାନ୍ତରେ ଆଲୋଚନା କରିବାକୁ ଇପିକଲର ପରିଚାଳନା ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।

ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ ବୈଠକରେ ଏସାର ମିନ୍‌ମେଣ୍ଟ ଲିମିଟେଡ କେନ୍ଦୁଝରଠାରେ ବାର୍ଷିକ ୧୪ମେଟ୍ରିକ ଟନ୍ ବେନିଫିକେଶନ, ପାରାଦୀପଠାରେ ବାର୍ଷିକ ୧୪ ମେଟ୍ରିକ ଟନ୍ ପେଲେଟ ପ୍ଲାଣ୍ଟ ସ୍ଥାପନ ଏବଂ ବାର୍ଷିକ ୧୪ ମେଟ୍ରିକ ଟନ୍‌ର ସ୍ଲରି ପାଇପଲାଇନ ବିଛାଇବାକୁ ଆବେଦନ କରିଛି। ଏଥିପାଇଁ ୬,୬୫୦କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ତେବେ ଏହି ପ୍ରକଳ୍ପକୁ ନିର୍ଦ୍ଦିଷ୍ଟ କେତେକ ସର୍ତ୍ତ ଆଧାରରେ ମଞ୍ଜୁରୀ କରିବାକୁ ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ ହାଇ ଲେଭଲ୍ କ୍ଲିୟରାନ୍ସ ଅଥରିଟି(ଏଚ୍‌ଏଲ୍‌ସିଏ) ନିକଟରେ ସୁପାରିସ କରିଛି। ସେହିପରି ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ ସମ୍ପ୍ରସାରଣ ସହ ଅନୁଗୋଳକୁ ବାର୍ଷିକ ୩୬ ମେଟ୍ରିକ ଟନ ସ୍ଲରି ପାଇପ୍‌ଲାଇନ ଦୁଇଟି ପର୍ଯ୍ୟାୟରେ ସ୍ଥାପନ କରିବାକୁ ପ୍ରସ୍ତାବ ରଖିଛି। ଏଥିପାଇଁ ୭୬,୦୧୮ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ଏହି ଦୁଇଟି ସ୍ଲରି ପ୍ରକଳ୍ପ ପାଇଁ ୯୦ଦିନ ମଧ୍ୟରେ ସବିଶେଷ ଆକ୍ସନ ପ୍ଲାନ ଦାଖଲ କରିବାକୁ ଇପିକଲ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ସେହିପରି ତ୍ରିବେଣୀ ଆର୍ଥମୁଭର୍ସ ପ୍ରା.ଲି. କେନ୍ଦୁଝର ଜିଲାର ବଡ଼ବିଲ, ଦେଓଝର ନିକଟରୁ ଜଗତ୍‌ସିଂହପୁର ଜିଲା ପାରାଦୀପ ନିକଟସ୍ଥ ଭିତରଗଡ଼କୁ ବାର୍ଷିକ ୩୦ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ସ୍ଲରି ☞ପୃଷ୍ଠା–୪

## ରେଡ୍ ଜୋନ୍‌ରେ ଖୋର୍ଦ୍ଧା, କଟକ

### ଦିନକରେ ଆଉ ୧,୭୦୯ ଆକ୍ରାନ୍ତ, ୧୧ ମୃତ

■ ୟେଲୋ ଜୋନ୍‌ରେ ୧୦ ଜିଲା
■ କରୋନା ମୃତ୍ୟୁରେ ଗଞ୍ଜାମ ଓ ଖୋର୍ଦ୍ଧା ସମାନ
■ ୨,୯୧,୮୨୫ରେ ପହଞ୍ଚିଲା ସଂକ୍ରମଣ, ୧,୩୩୧ ମୃତ୍ୟୁ

ଭୁବନେଶ୍ୱର, ୧।୧୧(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ଧୀରେ ଧୀରେ କମୁଛି। ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ୪ହଜାରରୁ ହ୍ରାସ ପାଇ ବର୍ତ୍ତମାନ ୨ହଜାର ତଳକୁ ଖସିଲାଣି। ତିନି ଚାରୋଟି ଜିଲାକୁ ଛାଡ଼ିଦେଲେ ବାକି ସବୁ ଜିଲାରେ ଶହେଠାରୁ କମ୍ ପଜିଟିଭ୍ ବାହାରୁଛନ୍ତି। ଅପରପକ୍ଷରେ ଆରୋଗ୍ୟ ହାର ମଧ୍ୟ ଅଧିକ ରହୁଥିବାରୁ ସକ୍ରିୟ ରୋଗୀଙ୍କ ସଂଖ୍ୟା କମିବାରେ ଲାଗିଛି। ଫଳରେ ବହୁ ଜିଲା ବିପଜ୍ଜନକ ସ୍ଥିତିରୁ ମୁକୁଳିଥିବାବେଳେ ଏବେ ବି ଖୋର୍ଦ୍ଧା ଓ କଟକ ଜିଲା ରେଡ୍ ଜୋନ୍‌ରେ ରହିଛି। ଏହି ଦୁଇ ଜିଲାରେ ସକ୍ରିୟ ରୋଗୀଙ୍କ ସଂଖ୍ୟା ଅଧିକ ରହିଛି। ସେହିପରି ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର, ମୟୂରଭଞ୍ଜ, ସୁନ୍ଦରଗଡ଼, ଅନୁଗୋଳ, ବରଗଡ଼, ବଲାଙ୍ଗୀର ଓ ନୂଆପଡ଼ା ଆଦି ୧୦ଜିଲା ଏବେ ୟେଲୋ ଜୋନ୍‌ରେ ରହିଛନ୍ତି। ଅନ୍ୟସବୁ ଜିଲା ଗ୍ରୀନ୍ ଜୋନ୍‌ରେ ରହିଥିବା ସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାପଡ଼ିଛି। ରାଜ୍ୟରେ ଏଯାବତ୍ ୪୬,୦୧,୮୬୦ ନମୁନା ପରୀକ୍ଷା ହୋଇଛି। ସେଥିମଧ୍ୟରୁ ୬.୩୪% କରୋନା ପଜିଟିଭ୍ ବାହାରିଛି। ଶେଷ ୨୪ଘଣ୍ଟାରେ ୪୬,୦୪୫ ନମୁନା ପରୀକ୍ଷା ହୋଇଥିବାବେଳେ ୧,୭୦୯ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ସଂକ୍ରମିତଙ୍କ ସଂଖ୍ୟା ୨,୯୧,୮୨୫କୁ ବୃଦ୍ଧି ପାଇଛି। ତେବେ ନୂଆ ଆକ୍ରାନ୍ତ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୨୨୧ଜଣ ଥିବାବେଳେ ମୟୂରଭଞ୍ଜରୁ ୧୨୧, କଟକରୁ ୧୧୫, ସୁନ୍ଦରଗଡ଼ରୁ ୧୦୭ଜଣ ରହିଛନ୍ତି। ଅନ୍ୟସବୁ ଜିଲାରେ ଏହି ସଂଖ୍ୟା ଶହେ ତଳକୁ ରହିଥିବାବେଳେ ସୋନପୁରରେ ସର୍ବନିମ୍ନ ୭ଜଣ ଚିହ୍ନଟ ହୋଇଛନ୍ତି।

ସେପଟେ ରାଜ୍ୟରେ ଆଉ ୧୧ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ☞ପୃଷ୍ଠା–୪

## ହିଜ୍‌ବୁଲ ମୁଖ୍ୟ ସୈଫୁଲ୍ଲା ନିହତ



ଶ୍ରୀନଗର,୧।୧୧

ଶ୍ରୀନଗରର ରଙ୍ଗରେଥ୍ ଅଞ୍ଚଳରେ ରବିବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ହିଜ୍‌ବୁଲ ମୁଜାହିଦ୍ଦିନ ଚିଫ୍ ଅପରେଶନାଲ କମାଣ୍ଡର ସୈଫୁଲ୍ଲା ମୀର୍ ନିହତ ହୋଇଛନ୍ତି। ସୁରକ୍ଷା ବଳ ପାଇଁ ଏହା ଏକ ବଡ଼ ସଫଳତା ବୋଲି କଶ୍ମୀର ରେଞ୍ଜ୍ ପୋଲିସ ଆଇଜି ବିଜୟ କୁମାର କହିଛନ୍ତି। ଗତ ମେ'ରେ ରିୟାଜ ନାଇକୁ ନିହତ ହେବା ପରେ ହିଜ୍‌ବୁଲ କିଛିଦିନ ପାଇଁ ନେତୃତ୍ୱ ବିହୀନ ହୋଇଯାଇଥିଲା। ପରେ ସୈଫୁଲ୍ଲା ସଂଗଠନର ଦାୟିତ୍ୱ ଆତଙ୍କବାଦୀ କାର୍ଯ୍ୟ ଜାରି ରଖିଥିଲେ। ସୈଫୁଲ୍ଲା ଦକ୍ଷିଣ କଶ୍ମୀରରୁ ଆସି ଏକ ଘରେ ଲୁଚି ରହିଥିବାର ଗୋଇନ୍ଦା ସୂଚନା ପାଇବା ପରେ ସୁରକ୍ଷା ☞ପୃଷ୍ଠା–୪


**ଆଜିର ସମ୍ପାଦକୀୟ**
ମାକ୍ରଁଙ୍କୁ ସମର୍ଥନ


# ଜିଏସ୍‌ଟି ସଂଗ୍ରହ ଲକ୍ଷେ କୋଟି ଟପିଲା

ନୂଆଦିଲ୍ଲୀ,୧।୧୧



ଅକ୍ଟୋବରରେ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ବାବଦକୁ ସରକାର ଲକ୍ଷେ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ସଂଗ୍ରହ କରିଛନ୍ତି। ଗତ ୮ ମାସ ମଧ୍ୟରେ ପ୍ରଥମ ଥର ଲାଗି ପରୋକ୍ଷ ଟିକସ ସଂଗ୍ରହ ୧ ଲକ୍ଷ କୋଟି ଟଙ୍କା ଟପିଛି। କରୋନା ସଂକ୍ରମଣକୁ ରୋକିବା ଲାଗି ସାରା ଦେଶରେ ଲାଗୁ ହୋଇଥିବା କଟକଣା କୋହଳ ହେବାରୁ ଆର୍ଥିକ କାର୍ଯ୍ୟକଳାପ ବର୍ତ୍ତମାନ ଟ୍ରାକକୁ ଫେରୁଥିବା ଏଥିରୁ ଅନୁମାନ କରାଯାଉଛି। ଅକ୍ଟୋବରରେ ୧୯,୧୯୩ କୋଟିର କେନ୍ଦ୍ର ଜିଏସ୍‌ଟି(ସିଜିଏସ୍‌ଟି), ୨୫,୧୧୧ କୋଟିର ରାଜ୍ୟ ଜି ଏ ସ୍ ଟି ( ଏ ସ୍ ଜି ଏ ସ୍ ଟି ) ଏ ବ ଂ ୫୨,୫୪୦ କୋଟି ଟଙ୍କାର ସମନ୍ୱିତ ଜିଏସ୍‌ଟି(ଆଇଜିଏସ୍‌ଟି) ଆଦାୟ ହୋଇଛି। ଏହି ୩ବର୍ଗରେ ସେପ୍ଟେମ୍ବରରେ ଆଦାୟ ଯଥାକ୍ରମେ ୧୭,୭୪୧ କୋଟି, ୨୩,୧୩୧ କୋଟି ଏବଂ ୪୭,୪୮୪ କୋଟି ଆଦାୟ ହୋଇଥିଲା। ଅର୍ଥାତ ସେପ୍ଟେମ୍ବର ତୁଳନାରେ ଅକ୍ଟୋବରରେ ଜିଏସ୍‌ଟି ସଂଗ୍ରହ ଅପେକ୍ଷାକୃତ ଉନ୍ନତ ହୋଇଛି। ସେହିଭଳି କ୍ଷତିପୂରଣ ସେସ୍ ୭,୧୨୪ କୋଟି ଟଙ୍କାରୁ ୮,୦୧୧ କୋଟି ଟଙ୍କାକୁ ବଢ଼ିଛି। ଗତ ବର୍ଷ ଅକ୍ଟୋବରରେ ୯୫,୩୭୯ କୋଟି ଟଙ୍କା ଜିଏସ୍‌ଟି ଆଦାୟ ହୋଇଥିଲା। ଚଳିତ ବର୍ଷ ସମାନ ମାସରେ ଏହା ୧୦% ଅଧିକ ରହିଛି। ଗତ ମାସର ଜିଏସ୍‌ଟି ଆଦାୟ ଚଳିତ ବର୍ଷ ଫେବୃୟାରୀ ମାସ ସହ ପ୍ରାୟ ସମାନ ରହିଛି। ଫେବୃୟାରୀରେ ୧,୦୫,୩୬୬ କୋଟି ପରୋକ୍ଷ ଟିକସ ଆଦାୟ ହୋଇଥିବା ବେଳେ ଅକ୍ଟୋବରରେ ୧,୦୫,୧୫୫ କୋଟି ଟଙ୍କା ସଂଗ୍ରହ କରିବାକୁ ସରକାର ସକ୍ଷମ ହୋଇଛନ୍ତି।

### ଓଡ଼ିଶାରେ ଜିଏସ୍‌ଟି ଆଦାୟ ୨୧% ବଢ଼ିଲା

ଭୁବନେଶ୍ୱର,୧।୧୧

ଚଳିତ ବର୍ଷ ଅକ୍ଟୋବରରେ ଓଡ଼ିଶାରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସଂଗ୍ରହ ଗତ ବର୍ଷ ଅକ୍ଟୋବର ତୁଳନାରେ ୨୧% ବଢ଼ିଛି। ଗତବର୍ଷ ଅକ୍ଟୋବରରେ ୧୯୯୪ କୋଟି ଟଙ୍କା ଏହି ବାବଦକୁ ଆଦାୟ ହୋଇଥିବାବେଳେ ଚଳିତ ବର୍ଷ ଅକ୍ଟୋବରରେ ଏହା ୨୪୧୯କୋଟିକୁ ବଢ଼ିଛି। ସେହିଭଳି ଗତ ବର୍ଷ ତୁଳନାରେ ଚଳିତ ବର୍ଷ ସେପ୍ଟେମ୍ବରରେ ରାଜ୍ୟରେ ପରୋକ୍ଷ ଟିକସ ସଂଗ୍ରହ ୧୮% ବୃଦ୍ଧି ପରିଲକ୍ଷିତ ହୋଇଥିଲା। ଲଗାତର ଦ୍ୱିତୀୟ ମାସ ଲାଗି ରାଜ୍ୟରେ ଜିଏସ୍‌ଟି ଆଦାୟରେ ବୃଦ୍ଧି ଦେଖାଯାଉଛି। ଅକ୍ଟୋବରରେ ଏଥିରେ ୫.୧୬% ବୃଦ୍ଧି ଘଟିଛି। ଯାହା ସେପ୍ଟେମ୍ବରରେ ୩.୨୪% ବଢ଼ିଥିଲା। ଚଳିତ ବର୍ଷ ଅକ୍ଟୋବରରେ ସମନ୍ୱିତ ☞ପୃଷ୍ଠା–୪

## କୋଭିଡ୍ ହସ୍ପିଟାଲରେ ବୃଦ୍ଧାଙ୍କ ଆତ୍ମହତ୍ୟା

ଢେଙ୍କାନାଳ ଅଫିସ, ୧।୧୧

ଢେଙ୍କାନାଳ ଜିଲା କୋଭିଡ୍ ହସ୍ପିଟାଲରେ ରବିବାର ଅପରାହ୍ନରେ ଜଣେ ବୃଦ୍ଧା ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସଦର ଥାନା ବିରାଡିଆ ଗ୍ରାମର ବାସନ୍ତୀ ନାୟକ (୬୦)। କରୋନାରେ ସଂକ୍ରମିତ ହୋଇ ସେ ଗତ ଅକ୍ଟୋବର ୨୯ରେ ଜିଲା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେ ରହୁଥିବା ପ୍ରକୋଷ୍ଠରେ ଅନ୍ୟ ୫ଜଣ ରୋଗୀ ମଧ୍ୟ ରହୁଥିଲେ। ରବିବାର ଅପରାହ୍ନ ୨ଟାରେ ଡାକ୍ତର ରାଉଣ୍ଡ ଶେଷକରି ଫେରିଯିବା ପରେ ମହିଳା ଜଣକ ଅନ୍ୟ ଏକ ଫାଙ୍କା କୋଠରିରେ ଲାଗିଥିବା ଫ୍ୟାନରେ ସାଲାଇନ ପାଇପ୍ ସହାୟତାରେ ଝୁଲି ପଡିଥିଲେ। ଜଣେ ବ୍ୟକ୍ତି ଏହା ଦେଖି ଡାକ୍ତରଙ୍କୁ ସୂଚନା ଦେଇଥିଲେ। ତାଙ୍କୁ ଉଦ୍ଧାର କରି ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଅପରାହ୍ନ ୨ଟା ୫୫ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ବୃଦ୍ଧା ଜଣକ କାହିଁକି ଏପରି ଚରମ ☞ପୃଷ୍ଠା–୪




ମାଇଲାନ **ରେମ୍‌ଡେସିଭିର୍** ର ଉପଲବ୍ଧତା ସମ୍ପର୍କରେ ସୂଚନା ବିନିମୟ ପାଇଁ ଏକ ହେଲ୍‌ପଲାଇନ ଆରମ୍ଭ କରିଛି ।

ଆସନ୍ତୁ ଏକାଠି କୋଭିଡ୍-19 ସହ ଲଢ଼ିବା

ଆପଣ **24x7** ଆମ ପାଖରେ ପହଞ୍ଚିପାରିବେ

ଦୟାକରି ଆମକୁ ଏକ ମିସ୍‌କଲ ଦିଅନ୍ତୁ ଏବଂ ଆମର କାର୍ଯ୍ୟନିର୍ବାହୀ ଆପଣଙ୍କ ସହ ସଂଯୁକ୍ତ ହେବେ

**78299 80066**

**ରେମଡେସିଭିର** ଇଞ୍ଜେକ୍ସନ ନିମନ୍ତେ **100** ମିଗ୍ରା/ଭାୟଲ ଆଇଭି ଇନଫ୍ୟୁଜନ ନିମନ୍ତେ ଇଞ୍ଜେକ୍ସନ ପାଇଁ ଲିଓଫିଲିଜେଡ୍ ପାଉଡର

ସନ୍ଦେହାସ୍ପଦ ଅଥବା ପ୍ରୟୋଗଶାଳାରେ ସୁନିଶ୍ଚିତ ହୋଇଥିବା କୋରୋନା ଭାଇରସ୍ ରୋଗ 2019 (କୋଭିଡ୍-19) ରେ ପୀଡ଼ିତ ପ୍ରାପ୍ତ ବୟସ୍କ ଏବଂ ଶିଶୁମାନଙ୍କର ଚିକିତ୍ସା ପାଇଁ ଯିଏ ଗୁରୁତର ରୋଗ ଯୋଗୁଁ ଡାକ୍ତରଖାନାରେ ଭର୍ତ୍ତି ଥିବେ ।

ଯେ କୌଣସି ପ୍ରକାର ସହାୟତା ପାଇଁ ଆପଣ ଆମକୁ **info@mylanremdesivir.co.in** ରେ ଲେଖିପାରିବେ ।

Mylan
Better Health for a Better World


# ଗଣତନ୍ତ୍ର ଦୁର୍ବଳ ହେଉଛି

ବିଗତ ୧୦ ବର୍ଷ ମଧ୍ୟରେ ବିଶ୍ୱରେ ନିରଙ୍କୁଶ ଶାସନ (ଅଟୋକ୍ରାଟାଇଜେଶନ) ସବୁଠୁ ବେଶି ବୃଦ୍ଧି ପାଇଛି। ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତରେ ଲୋକତନ୍ତ୍ର ଦୁର୍ବଳ ହେବାରେ ଲାଗିଛି। ଆମେରିକାର ଉଦାର ଗଣତନ୍ତ୍ର ପଥଭ୍ରଷ୍ଟ ହୋଇଛି। ସ୍ୱିଡେନର ଗବେଷଣା ସଂସ୍ଥା ଭି-ଡେମ୍ ଇନ୍‌ଷ୍ଟିଚ୍ୟୁଟ ତା' ସଦ୍ୟ ରିପୋର୍ଟରେ ଏପରି ସଙ୍କେତ ଦେଇଛି। ୨୦୧୭ରୁ ପ୍ରତିବର୍ଷ ବିଶ୍ଳେଷଣାତ୍ମକ ରିପୋର୍ଟ ପ୍ରକାଶ କରୁଥିବା ଏହି ସଂସ୍ଥା ନିଜ ସର୍ବେକ୍ଷଣକୁ ଗଣତନ୍ତ୍ର ଉପରେ ବିଶ୍ୱର ସର୍ବାଧିକ ତଥ୍ୟ ସଂଗ୍ରହକାରୀ ପ୍ରୋଜେକ୍ଟ ଭାବେ ଅଭିହିତ କରିଛି।

■ ଭି-ଡେମ୍ ଡେମୋକ୍ରାସି ରିପୋର୍ଟ




ନୂଆଦିଲ୍ଲୀ,୧।୧୧

ବର୍ତ୍ତମାନ ଯାଏ ଗଣତନ୍ତ୍ର ସୂଚକାଙ୍କରେ ଭାରତର ସ୍ଥାନ ତଳକୁ ଖସୁଥିବା ନେଇ ରିପୋର୍ଟ ଆସୁଥିଲା। କିନ୍ତୁ ଏବେ ଭାରତ ଏକ ଗଣତନ୍ତ୍ର ଭାବେ ନିଜ ସ୍ଥିତି ହରାଇବା ଅବସ୍ଥାକୁ ଖସିଥିବା ନେଇ ଏକ ସଦ୍ୟ ସର୍ବେକ୍ଷଣରେ ଦର୍ଶାଯାଇଛି। ଭାରତରେ ଗଣମାଧ୍ୟମ, ନାଗରିକ ସମାଜ ଓ ବିରୋଧୀଙ୍କ ସ୍ଥାନ ସଙ୍କୁଚିତ ହେବାରେ ଲାଗିଥିବାରୁ ଏପରି ସ୍ଥିତି ଉପୁଜିଛି। ଫଳରେ ଦେଶ ଲଗାତର ଭାବେ ନିରଙ୍କୁଶତା ଆଡ଼କୁ ଅଗ୍ରସର ହେଉଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ସ୍ୱିଡେନସ୍ଥିତ ଗୋଥେନବର୍ଗ ୟୁନିଭର୍ସିଟିର ଭି-ଡେମ୍ (ଭେରାଇଟି ଅଫ୍ ଡେମୋକ୍ରାସି) ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ନିକଟରେ ଜାରି କରାଯାଇଥିବା ରିପୋର୍ଟର ଶୀର୍ଷକ ରହିଛି 'ଅଟୋକ୍ରାଟାଇଜେଶନ ସର୍ଜେସ୍: ରେଜିଷ୍ଟାନ୍ସ ଗ୍ରୋଜ୍'। ଅର୍ଥାତ୍ ନିରଙ୍କୁଶତା ଉଚ୍ଛୁଳୁଥିବାବେଳେ ପ୍ରତିରୋଧ ବଢ଼ୁଛି। ଏହି ସ୍ୱାଧୀନ ଗବେଷଣା ସଂସ୍ଥାର ରିପୋର୍ଟ ସାରା ବିଶ୍ୱର ଦେଶଗୁଡ଼ିକରେ ଗଣତାନ୍ତ୍ରିକ ସ୍ଥିତି ଉପରେ ପର୍ଯ୍ୟବସିତ। ଏଥିରେ ଭାରତୀୟ ଗଣତନ୍ତ୍ରର ସ୍ଥିତି ଦୟନୀୟ ବୋଲି ଦର୍ଶାଯାଇଛି। ଉକ୍ତ ରିପୋର୍ଟ ଏପରି ସମୟରେ ଆସିଛି, ଯେତେବେଳେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ହିନ୍ଦୁତ୍ୱବାଦୀ ବିଚାରଧାରା ଓ ନୀତିକୁ ନେଇ ଚାରିଆଡ଼େ ସମାଲୋଚନା କରାଯାଉଛି। ୨୦୧୪ରେ ମୋଦି ସରକାର କ୍ଷମତାକୁ ☞ପୃଷ୍ଠା–୪

**କନ୍‌ଷ୍ଟେବଳଙ୍କୁ ବନେଟରେ ଘୋଷାଡ଼ିଲେ କାର ଡ୍ରାଇଭର**

**ଆଲିଗଡ଼:** ଉତ୍ତରପ୍ରଦେଶର ଆଲିଗଡ଼ ଜିଲାରେ ଗାଡ଼ି ଯାଞ୍ଚ କରୁଥିବା ଜଣେ ପୋଲିସ କନ୍‌ଷ୍ଟେବଳଙ୍କୁ ଜଣେ କାର୍ ଡ୍ରାଇଭର ବନେଟରେ ଘୋଷାଡ଼ିବା ଘଟଣା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଜିଲାର ତପ୍ପାଲ ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ପୋଲିସ କାର ମାଲିକଙ୍କୁ ଗିରଫ କରିଥିବାବେଳେ ଡ୍ରାଇଭର ଧରାପଡ଼ିନାହିଁ। କନ୍‌ଷ୍ଟେବଳଙ୍କ ଏତଲା କ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## କାଷ୍ଠ ସ୍ଥାପତ୍ୟ

ବ୍ରିଟେନର ୱେଲ୍ସସ୍ଥିତ ରେକ୍ସହାମ୍ ନିବାସୀ କାଷ୍ଠ ସ୍ଥପତି ସାଇମନ ଓ'ରୁର୍କି ଝଡ଼ରେ ଭାଙ୍ଗିଯାଇଥିବା ଏକ ଗଛ ଖୁଣ୍ଟରେ ବିଶାଳକାୟ ହାତ ତିଆରି କରିଛନ୍ତି। ୫୦ ଫୁଟ୍ ଉଚ୍ଚତାର ଏହି ଆକାଶମୁହାଁ ସ୍ଥାପତ୍ୟ ପୋଓ୍ବିସ୍‌ର ଭିର୍ନଓ୍ବି ହ୍ରଦ ନିକଟରେ ଶୋଭାବର୍ଦ୍ଧନ କରୁଛି। ମନେହେଉଛି ସତେ ଯେମିତି ଆକାଶକୁ ଛୁଇଁବା ପାଇଁ ଗଛଟି ଶେଷ ଉଦ୍ୟମ କରୁଛି। ଏହାକୁ ଦେଖିବା ପାଇଁ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି।



## ହାତ ଚିହ୍ନରେ ଭୋଟ ଦେବାକୁ କହିଲେ ଜ୍ୟୋତିରାଦିତ୍ୟ



**ଭୋପାଳ,୧।୧୧(ପି.ଟି.)**

ମଧ୍ୟପ୍ରଦେଶରେ ୩ ତାରିଖରେ ହେବାକୁ ଥିବା ଉପନିର୍ବାଚନ ପାଇଁ ଭାଜପା ରାଜ୍ୟସଭା ସଦସ୍ୟ ଜ୍ୟୋତିରାଦିତ୍ୟ ସିନ୍ଧିଆ ପ୍ରଚାର କରୁଥିବାବେଳେ ଭୁଲ୍‌ବଶତଃ ତାଙ୍କର ପୂର୍ବ ଦଳ କଂଗ୍ରେସକୁ ଭୋଟ ଦେବା ପାଇଁ କହି ଚର୍ଚ୍ଚାକୁ ଆସିଛନ୍ତି। ଗ୍ୱାଲିୟରର ଡାବ୍ରା ସହରରେ ଭାଜପା ପ୍ରାର୍ଥୀ ଇମର୍ତ୍ତି ଦେବୀଙ୍କ ପାଇଁ ଭୋଟ ପ୍ରଚାର କରୁଥିବାବେଳେ ହାତ ଚିହ୍ନରେ ଭୋଟଦେବାକୁ ଜ୍ୟୋତିରାଦିତ୍ୟ କହିଦେଇଥିଲେ। ତାଙ୍କ ଭାଷଣର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ତେବେ ସଙ୍ଗେ ସଙ୍ଗେ ସେ ନିଜ ଭୁଲ୍‌କୁ ସୁଧାରି ନେଇ ପଦ୍ମ ଚିହ୍ନରେ ଭୋଟ ଦେବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ।

## ଗିଲଗିଟ୍-ବଲ୍ଟିସ୍ତାନକୁ ଅସ୍ଥାୟୀ ପ୍ରଦେଶ ମାନ୍ୟତା ଦେଲା ପାକ୍

**ଇସଲାମାବାଦ,୧।୧୧**

ଦେଶବ୍ୟାପୀ ବିରୋଧ ସତ୍ତ୍ୱେ ଗିଲଗିଟ୍-ବଲ୍ଟିସ୍ତାନକୁ ପାକିସ୍ତାନ ସରକାର ଅସ୍ଥାୟୀ ପ୍ରଦେଶ ମାନ୍ୟତା ଦେଇଛନ୍ତି। ଏନେଇ ଇମ୍ରାନ୍ ଖାଁ ସରକାରଙ୍କ ପକ୍ଷରୁ ରବିବାର ଘୋଷଣା କରାଯାଇଛି। ଏସମ୍ପର୍କିତ ପ୍ରସ୍ତାବକୁ ସରକାର ଅନୁମୋଦନ ଦେଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

ତେବେ ଇସ୍‌ଲାମାବାଦର ଏଭଳି ପଦକ୍ଷେପକୁ ଭାରତ ଦୃଢ଼ ବିରୋଧ କରିଛି। ବେଆଇନ ଭାବେ ବଳ ପୂର୍ବକ ଅଧିକୃତ କରିଥିବା ଅଞ୍ଚଳର ସ୍ଥିତି ବଦଳାଇବା ଅଧିକାର ପାକିସ୍ତାନର ନାହିଁ ବୋଲି ଭାରତର ବହିର୍ବ୍ୟାପାର ବିଭାଗ ମୁଖପାତ୍ର ଅନୁରାଗ ଶ୍ରୀବାସ୍ତବ କହିଛନ୍ତି। ଭାରତର କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଓ ଲଦାଖରେ ଗିଲ୍‌ଗିଟ-ବଲ୍ଟିସ୍ତାନ ଅନ୍ତର୍ଭୁକ୍ତ। ଆଇନ ଦୃଷ୍ଟିରୁ ଏହା ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ବେଆଇନ ଅଧିକୃତ ଅଞ୍ଚଳରେ ହେଉଥିବା ମାନବାଧିକାର ଉଲ୍ଲଂଘନକୁ ଘଣ୍ଟ ଘୋଡ଼ାଇବାକୁ ପାକିସ୍ତାନ କରୁଥିବା




### ଭାରତର ଦୃଢ଼ ବିରୋଧ

ପ୍ରୟାସ କେବେ ସଫଳ ହେବ ନାହିଁ। ଉକ୍ତ ଅଞ୍ଚଳରେ ରହୁଥିବା ଲୋକଙ୍କୁ ୭ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସ୍ୱାଧୀନତା ମିଳିନାହିଁ ବୋଲି ଶ୍ରୀବାସ୍ତବ କହିଛନ୍ତି।

ପାକ୍ ସରକାର ଏହି ଅଞ୍ଚଳର ବିକାଶ ପ୍ରତି ଉଦାସୀନ ରହୁଥିବା ସ୍ଥାନୀୟ ବାସିନ୍ଦା ଦୀର୍ଘଦିନ ଧରି ଅଭିଯୋଗ କରିଆସୁଛନ୍ତି। ଏଠାକାର ପ୍ରାକୃତିକ ସମ୍ପଦର ବିନିଯୋଗର ଲାଭ ସରକାରଙ୍କ ହାତକୁ ଯାଉଥିବାବେଳେ ଲୋକେ ଅବହେଳିତ ହୋଇରହିଥିବା କୁହାଯାଉଛି। ଏବେ ଇମ୍ରାନ୍‌ଙ୍କ ଘୋଷଣା ପରେ ପାକ୍ ଅଧିକୃତ କଶ୍ମୀର ସମେତ ଅନ୍ୟ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ ହୋଇଛି।

## ସଂକ୍ଷେପରେ

### ବ୍ରିଟେନ୍‌ରେ ମାସେ ଲକ୍‌ଡାଉନ

**ଲଣ୍ଡନ,୧।୧୧:** ବ୍ରିଟେନ୍‌ରେ ଦ୍ୱିତୀୟ ପର୍ଯ୍ୟାୟ କରୋନା ସଂକ୍ରମଣ ଆରମ୍ଭ ହୋଇଥିବାବେଳେ ଏହାର ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ସେଠାରେ ମାସେ ଲକ୍‌ଡାଉନ ଘୋଷଣା କରିଛନ୍ତି। ଏହାକୁ ଆହୁରି ବଢ଼ାଯାଇପାରେ ବୋଲି ରବିବାର ଜଣେ ବରିଷ୍ଠ କ୍ୟାବିନେଟ ମନ୍ତ୍ରୀ ସୂଚନା ଦେଇଛନ୍ତି। ଗୁରୁବାର ମଧ୍ୟରାତ୍ରରୁ ଡିସେମ୍ବର ୨ ପର୍ଯ୍ୟନ୍ତ ସାରା ଦେଶରେ ଲକ୍‌ଡାଉନ ଲାଗୁ ହେବ ବୋଲି ଶନିବାର ଜନ୍‌ସନ ଘୋଷଣା କରିଥିଲେ। ୟୁରୋପ ମହାଦେଶରେ ସର୍ବାଧିକ କରୋନା ମୃତ୍ୟୁ ବ୍ରିଟେନରେ ଘଟିଛି। ଏବେ ସେଠାରେ ଦିନକରେ୨୦ ହଜାରରୁ ଊର୍ଦ୍ଧ୍ୱ ନୂଆ ମାମଲା ପଦାକୁ ଆସିବା ପରେ ସରକାରଙ୍କ ଚିନ୍ତା ବଢ଼ିଯାଇଛି। ତେଣୁ ଡିସେମ୍ବରରେ ଲକ୍‌ଡାଉନ ସମୟସୀମା ବଢ଼ିପାରେ ବୋଲି ମନ୍ତ୍ରୀ ମିଚେଲ ଗୋଭ୍ ଗଣମାଧ୍ୟମକୁ କହିଛନ୍ତି।

### କରୋନାରେ ତାମିଲନାଡୁ କୃଷିମନ୍ତ୍ରୀଙ୍କ ପରଲୋକ

**ଭୋପାଳ,୧।୧୧:** ତାମିଲନାଡୁ କୃଷିମନ୍ତ୍ରୀ ଆର୍. ଦୋରାଇକନ୍ନୁଙ୍କର ଶନିବାର ରାତିରେ ଚେନ୍ନାଇର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ୭୨ ବର୍ଷୀୟ ଦୋରାଇକନ୍ନୁଙ୍କଠାରେ ଅକ୍ଟୋବର ୧୩ରେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲା। ତାଙ୍କ ଫୁସ୍‌ଫୁସ୍‌ର ୯୦ ପ୍ରତିଶତ କ୍ଷତିଗ୍ରସ୍ତ ହୋଇଥିବା ସିଟି ସ୍କାନ୍‌ରୁ ଜଣାପଡ଼ିବା ପରେ ତାଙ୍କୁ ଇସିଏମ୍‌ଓ (ଏକ୍ସଟ୍ରାକର୍ପୋରାଲ ମେମ୍ବ୍ରେନ୍ ଅକ୍ସିଜେନେଶନ) ଏବଂ ଭେଣ୍ଟିଲେଟରରେ ରଖାଯାଇଥିଲା। ମୁଖ୍ୟମନ୍ତ୍ରୀ ଇ.କେ. ପଲାନିସ୍ୱାମୀ ଶନିବାର ସନ୍ଧ୍ୟାରେ ହସ୍ପିଟାଲ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏହି ଏଆଇଏଡିଏମ୍‌କେ ନେତା ୩ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ।



# ୪ ରାଜ୍ୟ ଶେଷ ଭରସା

**ୱାଶିଂଟନ,୧।୧୧**

ଆମେରିକା ରାଷ୍ଟ୍ରପତି ନିର୍ବାଚନକୁ ଆଉ ଦୁଇଦିନ ବାକି ଥିବାବେଳେ ପ୍ରଚାର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ବିଜୟ ସମ୍ଭାବନା ଥିବା ନେଇ ବିଶ୍ଳେଷକମାନେ କହୁଥିବାବେଳେ ଡେମୋକ୍ରାଟିକ୍ ପ୍ରାର୍ଥୀ ଜୋ ବାଇଡେନ୍ ୪ ବର୍ଷ ତଳେ ହିଲାରୀ କ୍ଲିଣ୍ଟନଙ୍କ ଅପେକ୍ଷା ଭଲ ସ୍ଥିତିରେ ଅଛନ୍ତି। ମହାମାରୀ କରୋନା ସଂକ୍ରମଣ ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ୯୨ ନିୟୁତ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିସାରିଲେଣି।

ମିଳିଥିବା ସୂଚନାନୁସାରେ ମୁଖ୍ୟ ଝୁଲା ରାଜ୍ୟଗୁଡ଼ିକରେ ରିପବ୍ଲିକାନ୍ ନୋମିନି ଡୋନାଲ୍ଡ ଟ୍ରମ୍ପ୍‌ଙ୍କଠାରୁ ଡେମୋକ୍ରାଟିକ୍ ପ୍ରତିଦ୍ୱନ୍ଦ୍ୱୀ ବାଇଡେନ୍ ଆଗୁଆ ଅଛନ୍ତି। ପେନ୍‌ସିଲଭାନିଆ, ଫ୍ଲୋରିଡା ଓ ଆରିଜୋନାରେ ବାଇଡେନ ସାମାନ୍ୟ ଆଗରେ ଥିବାବେଳେ ୱିସ୍କୋନ୍‌ସିନରେ ଏହି ବ୍ୟବଧାନ ଅଧିକ

### ଅନ୍ତିମ ପର୍ଯ୍ୟାୟରେ ନିର୍ବାଚନୀ ପ୍ରଚାର



ଡୋନାଲ୍ଡ ଟ୍ରମ୍ପ୍



ଜୋ ବାଇଡେନ୍

ରହିଛି। ନ୍ୟୁୟର୍କ ଟାଇମ୍ସ/ସିଏନା କଲେଜ୍ ପୋଲ୍ ଅନୁସାରେ ଟ୍ରମ୍ପ୍ ପୁଣି ୪ ବର୍ଷ ହ୍ୱାଇଟ୍ ହାଉସ୍‌ରେ ରହିବେ ନା ବାଇଡେନ ତାଙ୍କୁ କ୍ଷମତାଚ୍ୟୁତ କରି ଏହାକୁ ଦଖଲ କରିବେ ତାହା ଏହି ୪ ଝୁଲା ରାଜ୍ୟ ନିର୍ଦ୍ଧାରଣ କରିବ। ବାଇଡେନ୍ ୱିସ୍କୋନ୍‌ସିନ ଓ ଫ୍ଲୋରିଡାରେ ୩.୨ ପଏଣ୍ଟ ଆଗରେ ଥିବାବେଳେ ଆରିଜୋନାରେ ୩ ଓ ପେନ୍‌ସିଲଭାନିଆରେ ୨.୪ ପଏଣ୍ଟ ଆଗରେ ରହିଛନ୍ତି। ଅକ୍ଟୋବର ୨୬ରୁ ୩୧ ମଧ୍ୟରେ ପ୍ରତ୍ୟେକ ରାଜ୍ୟର ୧,୨୦୦ ଜଣଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା।

୨୦୧୬ ନିର୍ବାଚନରେ ଟ୍ରମ୍ପ୍ ଉପରୋକ୍ତ ୪ ରାଜ୍ୟରେ ଡେମୋକ୍ରାଟ୍ ହିଲାରୀ କ୍ଲିଣ୍ଟନଙ୍କଠାରୁ ପଛରେ ଥିଲେ। ପପୁଲାର ଭୋଟରେ ପଛୁଆ ଥାଇ ମଧ୍ୟ ଟ୍ରମ୍ପ ଜିତିଥିଲେ। କିନ୍ତୁ ସେତେବେଳେ ହିଲାରି ଯେଉଁ ସ୍ଥିତିରେ ଥିଲେ ଏଥର ବାଇଡେନ୍‌ଙ୍କ ପ୍ରଦର୍ଶନ ତା'ଠୁ ଭଲ ଥିବା କୁହାଯାଉଛି। ତେଣୁ ଟ୍ରମ୍ପ୍‌ଙ୍କୁ ବିଜୟୀ ହେବାକୁ ହେଲେ ଅନ୍ୟୁନ ଦୁଇଟି ରାଜ୍ୟରେ ଜିତିବାକୁ ପଡ଼ିବ ବୋଲି ଟାଇମ୍ସ ପୋଲ୍ ପକ୍ଷରୁ ରବିବାର ପ୍ରକାଶିତ ରିପୋର୍ଟ ଦର୍ଶାଇଛି। ଏଥିପାଇଁ ଟ୍ରମ୍ପ୍ ଶେଷ ୪୮ ଘଣ୍ଟା ବ୍ୟାଟଲଗ୍ରାଉଣ୍ଡ ଷ୍ଟେଟ୍‌ଗୁଡ଼ିକରେ କୌଣସି ସୁଯୋଗକୁ ହାତଛଡ଼ା କରିବାକୁ ଚାହୁଁ ନାହାନ୍ତି। ଟ୍ରମ୍ପ୍ ଏହି ୪ ରାଜ୍ୟରେ ରବିବାର ୫ଟି ରାଲି କରିଥିବାବେଳେ ସୋମବାର ୭ଟି ନିର୍ବାଚନୀ ସଭାକୁ ସମ୍ବୋଧିତ କରିବେ।

## 'ଲଭ୍ ଜିହାଦ' ବିରୋଧରେ ଆଇନ ଆଣିବ ହରିୟାଣା

**ଚଣ୍ଡିଗଡ଼,୧।୧୧(ପି.ଟି.)**

'ଲଭ୍ ଜିହାଦ' ବିରୋଧରେ ଆଇନ ଆଣିବା ଲାଗି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘୋଷଣା କରିବାର ଦିନକ ପରେ ହରିୟାଣା ମଧ୍ୟ ଅନୁରୂପ ଆଇନ ଆଣିବା ଲାଗି ବିଚାର କରୁଛି। ଅପରାଧୀ ଯେପରି ଖସି ନ ପାରିବେ, ସେଥିପାଇଁ ଆଇନରେ ବ୍ୟବସ୍ଥା ଲାଗି ତାଙ୍କ ସରକାର ବିଚାର ବିମର୍ଶ ଚଳାଇଥିବା ହରିୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ୍ ଖଟ୍ଟର କହିଛନ୍ତି। ଫରିଦାବାଦର ବଲ୍ଲଭଗଡ଼ରେ ନିକଟରେ ଘଟିଥିବା ଛାତ୍ରୀ ହତ୍ୟା ଘଟଣା ସହ ଲଭ୍ ଜିହାଦର ସମ୍ପର୍କ ରହିଛି। ଏଭଳି ଘଟଣାର ଦୃଢ଼ ନିନ୍ଦା କରାଯିବା ଆବଶ୍ୟକ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଲଭ୍ ଜିହାଦକୁ ଅତି ଗୁରୁତର ସହ ନେବାକୁ ଖଟ୍ଟର କହିଛନ୍ତି।



ମନୋହର ଲାଲ୍ ଖଟ୍ଟର

ଗତ ସପ୍ତାହରେ ବଲ୍ଲଭଗଡ଼ରେ ନିକିତା (୨୧) ନାମ୍ନୀ କଲେଜ ଛାତ୍ରୀଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଜଣେ ମୁସଲମାନ ଯୁବକ ତାଙ୍କୁ ବିବାହ କରିବା ଲାଗି ଇସ୍‌ଲାମ ଧର୍ମକୁ ପରିବର୍ତ୍ତନ କରାଇବା ଲାଗି ଚାପ ପକାଉଥିଲା ବୋଲି ନିକିତାଙ୍କ ପରିବାର ଅଭିଯୋଗ କରିଥିଲେ। କେତେକ ହିନ୍ଦୁ ସଂଗଠନ ଏହାକୁ ଲଭ୍ ଜିହାଦ କହିଛନ୍ତି।

## ଅକ୍ଟୋବରରେ ୩୦% କମିଛି ସଂକ୍ରମଣ

**ନୂଆଦିଲ୍ଲୀ,୧।୧୧(ପି.ଟି.)**

### ଦେଶରେ ସଂକ୍ରମିତଙ୍କ ସଂଖ୍ୟା ୮୧.୮୪ ଲକ୍ଷ

ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ରବିବାର ସକାଳ ସୁଦ୍ଧା ୮୧.୮୪ ଲକ୍ଷରେ ପହଞ୍ଚିଛି। ତେବେ ସେପ୍ଟେମ୍ବର ତୁଳନାରେ ଅକ୍ଟୋବରରେ ନୂଆ ସଂକ୍ରମଣ ଓ ମୃତ୍ୟୁସଂଖ୍ୟା ପାଖାପାଖି ୩୦ ପ୍ରତିଶତ ହ୍ରାସ ପାଇଥିବା ଜଣାପଡିଛି। ବର୍ତ୍ତମାନ ସୁଦ୍ଧା ୭୪.୯୧ ଲକ୍ଷ ଲୋକ ସୁସ୍ଥ ହୋଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଗୋଟିଏ ଦିନରେ ୪୬,୯୬୩ ନୂଆ ଆକ୍ରାନ୍ତଙ୍କୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୮୧,୮୪,୦୮୨ରେ ପହଞ୍ଚିଛି। ସେହିପରି ୨୪ ଘଣ୍ଟାରେ ୪୭୦ ଜଣଙ୍କର କରୋନାରେ ମୃତ୍ୟୁ ଘଟିଥିବାବେଳେ ମୋଟ ମୃତ୍ୟୁସଂଖ୍ୟା ୧,୨୨,୧୧୧କୁ ବୃଦ୍ଧି ପାଇଛି। ଅକ୍ଟୋବର ପ୍ରଥମ ସପ୍ତାହରୁ ନୂଆ ମାମଲା ହ୍ରାସ ପାଇବା ଆରମ୍ଭ ହୋଇଥିଲା। ସେପ୍ଟେମ୍ବରରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୬,୨୧,୪୧୮ ଥିବାବେଳେ ଅକ୍ଟୋବରରେ ଏହା ୧୮,୭୧,୪୯୮କୁ ହ୍ରାସ ପାଇଛି। ଜାତୀୟ ସ୍ତରରେ ଆରୋଗ୍ୟ ହାର ୯୧.୫୪ ଥିବାବେଳେ ମୃତ୍ୟୁହାର ୧.୪୯ ରହିଛି। କ୍ରମାଗତ ତୃତୀୟ ଦିନ ପାଇଁ ସକ୍ରିୟ ମାମଲା ସଂଖ୍ୟା ୬ ଲକ୍ଷରୁ କମ୍ ରହିଛି।

## ୟୁପିରେ ଅନର କିଲିଂ

**ପ୍ରତାପଗଡ଼,୧।୧୧(ଆଇଏଏନ୍‌ଏସ୍)**

ଉତ୍ତରପ୍ରଦେଶର ପ୍ରତାପଗଡ଼ ଜିଲାରେ ଜଣେ ୨୦ ବର୍ଷୀୟା ଯୁବତୀଙ୍କୁ ତାଙ୍କ ମାଆବାପା କୁରାଢ଼ିରେ ହାଣି ହତ୍ୟା କରିଛନ୍ତି। ଝିଅକୁ କେହି ହତ୍ୟା କରିଥିବା ତାଙ୍କ ବାପା କମଲେଶ କୁମାର ଯାଦବ ଅଭିଯୋଗ କରିଥିଲେ ହେଁ ଜେରାବେଳେ ସତ ମାନିଛନ୍ତି। ଝିଅ ଅସୁସ୍ଥ ଥିବାରୁ କମଲେଶ ଓ ତାଙ୍କ ସ୍ତ୍ରୀ ଅଲଟ୍ରାସାଉଣ୍ଡ କରାଇବାକୁ ନେଇଥିଲେ। ପରୀକ୍ଷାରୁ ଝିଅ ଗର୍ଭବତୀ ଥିବା ଜଣାପଡ଼ିଥିଲା। ଗର୍ଭପାତ କରାଇବାରେ ବିଫଳ ହେବା ପରେ ସେମାନେ ଝିଅକୁ ଅଲପୁର ନିକଟ ରେଳଧାରଣାକୁ ନେଇ ହତ୍ୟା କରିବା ପରେ ଦୁର୍ଘଟଣା କିମ୍ବା ଆତ୍ମହତ୍ୟାର ରୂପ ଦେବା ପାଇଁ ମୃତଦେହକୁ ରେଳ ଲାଇନରେ ପକାଇ ଚାଲିଆସିଥିଲେ।



କର୍ନାଟକର ହୁବଲି ସହରରେ ଯାଉଥିବା ଏକ ବସ୍‌ରେ ଭାରତର ବିଶିଷ୍ଟ ବ୍ୟକ୍ତିଙ୍କ ଫଟୋ ଟଙ୍ଗାଯାଇଛି।

## ଟ୍ରମ୍ପଙ୍କ ୧୮ ରାଲି: ୭୦୦ ମୃତ, ୩୦ ହଜାର ସଂକ୍ରମିତ

**ନ୍ୟୁୟର୍କ,୧।୧୧(ପି.ଟି.)**

ଆମେରିକାରେ ନିର୍ବାଚନ ପ୍ରଚାର ଜୋର୍‌ଦାର ହୋଇଥିବାବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ରପତି ପ୍ରାର୍ଥୀ ଜୋ ବାଇଡେନ୍ ବିଭିନ୍ନ ସ୍ଥାନରେ ନିର୍ବାଚନୀ ରାଲିର ଆୟୋଜନ କରୁଛନ୍ତି। ଜୁନ୍ ୨୦ରୁ ସେପ୍ଟେମ୍ବର ୨୨ ମଧ୍ୟରେ ରାଷ୍ଟ୍ରପତି ଟ୍ରମ୍ପ୍ ୧୮ଟି ନିର୍ବାଚନୀ ରାଲିରେ ଉଦ୍‌ବୋଧନ ଦେଇଥିଲେ। ଏହି ରାଲି ଯୋଗୁ ୩୦ ହଜାରରୁ ଅଧିକ ଲୋକ କରୋନା ସଂକ୍ରମିତ ହୋଇଛନ୍ତି। ଏହା କରୋନା ଜନିତ ମୃତ୍ୟୁସଂଖ୍ୟା ୭୦୦ରୁ ଅଧିକ ବଢ଼ାଇ ଦେଇଥିବା ଆକଳନ କରାଯାଇଛି। ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ଗବେଷକମାନେ ଏହି ଅଧ୍ୟୟନ କରିଥିଲେ। ଯେଉଁସବୁ ସମ୍ପ୍ରଦାୟଙ୍କୁ ଟ୍ରମ୍ପ ରାଲିରେ ଉଦ୍‌ବୋଧନ ଦେଇଛନ୍ତି ସେମାନଙ୍କୁ ସଂକ୍ରମଣ ଓ ମୃତ୍ୟୁକୁ ନେଇ ବହୁମୂଲ୍ୟ ଦେବାକୁ ପଡ଼ିଥିବା କୁହାଯାଇଛି।




ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରିଡିଙ୍ଗ୍ ରିଜିଓନାଲ୍ ଏୟାରପୋର୍ଟରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରୁଥିବାବେଳେ ଜଣେ ସମର୍ଥକ ଶୁଣୁଛନ୍ତି।

ବଡ଼ ସମାବେଶଗୁଡ଼ିକରେ କୋଭିଡ ସଂକ୍ରମଣ ବଢ଼ିବା ସମ୍ଭାବନା ଅଧିକ ହୋଇଥିବାରୁ ସ୍ୱାସ୍ଥ୍ୟ ଅଧିକାରୀମାନେ ସତର୍କ କରାଇବା ସହ ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ମାସ୍କ ବ୍ୟବହାର କରିବା ସହ ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ଗାଇଡଲାଇନରେ କୁହାଯାଇଥିଲା। ତେବେ ଟ୍ରମ୍ପ୍‌ଙ୍କ ରାଲିରେ ଗାଇଡ୍‌ଲାଇନର ଉଲ୍ଲଂଘନ ହୋଇଥିବା ଦେଖାଯାଇଛି। ଏହାକୁ ନେଇ

### ଷ୍ଟାନ୍‌ଫୋର୍ଡ ଆକଳନ

ଡେମୋକ୍ରାଟିକ୍ ରାଷ୍ଟ୍ରପତି ପ୍ରାର୍ଥୀ ଜୋ ବାଇଡେନ୍ ଏକ ଟୁଇଟର ପୋଷ୍ଟରେ କହିଛନ୍ତି ଟ୍ରମ୍ପ୍ ଜନସାଧାରଣଙ୍କ ପାଇଁ, ଏପରିକି ନିଜର ସମର୍ଥକମାନଙ୍କ ନିମନ୍ତେ ଆଦୌ ଯତ୍ନବାନ ନୁହନ୍ତି।

ଆମେରିକାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୮୭ ଲକ୍ଷରୁ ଅଧିକ ହୋଇଥିବାବେଳେ ୨ ଲକ୍ଷ ୨୫ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଲାଣି। ବଡ଼ ସମାବେଶଗୁଡ଼ିକରେ ଭାଗ ନେଉଥିବା ଲୋକେ ସାମାଜିକ ଦୂରତ୍ୱ ରକ୍ଷା ନ କଲେ ଓ ମାସ୍କ ନ ପିନ୍ଧିଲେ ସଂକ୍ରମଣ ଆହୁରି ବଢ଼ିବ ବୋଲି ସେଣ୍ଟର ଫର ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ଶନ (ସିଡିସି) ପକ୍ଷରୁ କୁହାଯାଇଥିଲା। ଏଭଳି ସମାବେଶ ସୁପରସ୍ପ୍ରେଡରର କାରଣ ହୋଇପାରେ ବୋଲି ମଧ୍ୟ ସତର୍କ କରାଯାଇଥିଲା।

## ବିହାରରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରଚାର ଶେଷ

**ପାଟନା,୧।୧୧(ଆଇଏଏନ୍‌ଏସ୍)**

ବିହାର ବିଧାନସଭା ଲାଗି ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ୩ ତାରିଖରେ ହେବାକୁ ଥିବାବେଳେ ରବିବାର ସନ୍ଧ୍ୟାରେ ସେଠାରେ ପ୍ରଚାର ଶେଷ ହୋଇଛି। ଶେଷ ଦିନରେ ସବୁ ଦଳ ପକ୍ଷରୁ ପ୍ରଚାରକୁ ଜୋର୍‌ଦାର କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶେଷ ଦିନରେ ୪ଟି ନିର୍ବାଚନୀ ରାଲିରେ ଯୋଗଦେଇ ଏନ୍‌ଡିଏ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର, ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଅଭିନେତାରୁ ରାଜନେତା ହୋଇଥିବା ମନୋଜ ତିୱାରୀ ପ୍ରମୁଖ ଏନ୍‌ଡିଏ ପ୍ରାର୍ଥୀଙ୍କ ପାଇଁ ପ୍ରଚାରରେ ସାମିଲ ହୋଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଆରଜେଡି ନେତା ତେଜସ୍ୱୀ ଯାଦବ ବିଭିନ୍ନ ସଭା ଓ ରାଲିରେ ଯୋଗଦେଇ ମହାମେଣ୍ଟ ପାଇଁ ପ୍ରଚାର କରିଥିଲେ। ମଙ୍ଗଳବାର ୯୪ ଆସନ ପାଇଁ ଭୋଟ ଗ୍ରହଣ କରାଯିବ। ଏହି ପର୍ଯ୍ୟାୟରେ ଲଢୁଥିବା ହେଭିୱେଟ ନେତାମାନଙ୍କ ମଧ୍ୟରେ ଅଛନ୍ତି ନନ୍ଦକିଶୋର ଯାଦବ (ପାଟନା ସାହିବ), ରଣଧୀର ସିଂ (ମଧୁବନ), ଶ୍ରବଣ କୁମାର (ନାଳନ୍ଦା), ତେଜସ୍ୱୀ ଯାଦବ (ରାଘୋପୁର), ତେଜପ୍ରତାପ ଯାଦବ (ହସନପୁର) ଏବଂ ଲୁଭ୍ ସିହ୍ନା (ବାଙ୍କିପୁର)। ଦ୍ୱିତୀୟ ପର୍ଯ୍ୟାୟରେ ମୋଟ ୧୪୬୩ ପ୍ରାର୍ଥୀଙ୍କର ଭାଗ୍ୟ ନିର୍ଦ୍ଧାରଣ ହେବାକୁ ଯାଉଛି। ମାଓବାଦୀ ପ୍ରବଣ ଅଞ୍ଚଳଗୁଡ଼ିକରେ ମତଦାନ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

### ମଙ୍ଗଳବାର ୯୪ ଆସନରେ ୧୪୬୩ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା

ବିହାରରେ ମୁଖ୍ୟତଃ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଏବଂ ମହାମେଣ୍ଟ ମଧ୍ୟରେ ଲଢ଼େଇ ହେଉଛି। ଏନ୍‌ଡିଏରେ ଜେଡିୟୁ, ହିନ୍ଦୁସ୍ତାନୀ ଆୱାମୀ ମୋର୍ଚ୍ଚା ଏବଂ ବିକାଶଶୀଳ ଇନସାନ ପାର୍ଟି ରହିଥିବାବେଳେ ଲୋକ ଜନଶକ୍ତି ପାର୍ଟି ଏକାକୀ ନିର୍ବାଚନ ଲଢ଼ୁଛି। ଅନ୍ୟପକ୍ଷରେ ମହାମେଣ୍ଟରେ ଆର୍‌ଜେଡି, କଂଗ୍ରେସ ଓ ବାମଦଳଗୁଡ଼ିକ ରହିଛନ୍ତି। ୭ ତାରିଖରେ ତୃତୀୟ ପର୍ଯ୍ୟାୟ ଭୋଟ ପରେ ୧୦ରେ ମତଗଣନା କରାଯିବ।

ସେହିପରି ୧୧ଟି ରାଜ୍ୟର ୫୪ଟି ବିଧାନସଭା ଆସନ ଲାଗି ମଙ୍ଗଳବାର ଉପନିର୍ବାଚନ ହେବାକୁ ଥିବାବେଳେ ସେଠାରେ ରବିବାର ପ୍ରଚାର ଶେଷ ହୋଇଛି। ସେଥିରୁ ମଧ୍ୟପ୍ରଦେଶରେ ସର୍ବାଧିକ ୨୮ ଆସନ, ଗୁଜରାଟରେ ୮, ଉତ୍ତରପ୍ରଦେଶରେ ୭, ଓଡ଼ିଶା, ନାଗାଲାଣ୍ଡ, କର୍ନାଟକ ଓ ଝାଡ଼ଖଣ୍ଡରେ ୨ଟି ଲେଖାଏ ଏବଂ ଛତିଶଗଡ଼, ତେଲଙ୍ଗାନା ଓ ହରିୟାଣାରେ ଗୋଟିଏ ଲେଖାଏ ଆସନ ଲାଗି ଭୋଟଗ୍ରହଣ ହେବ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪,୬୬,୨୮,୯୭୫ | ୧୨,୦୩,୧୬୭ | ୩,୩୬,୧୪,୫୭୮ |
| ଭାରତ | ୮୨,୧୪,୫୯୬ | ୧,୨୨,୪୭୫ | ୭୫,୨୦,୭୦୯ |
| ଓଡ଼ିଶା | ୨,୯୧,୨୫ | ୧୩୩୧(+୫୩) | ୨,୭୫,୭୪୯ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଶ୍ରୀମନ୍ଦିରରେ ନୀତି ବିଳମ୍ବ

**ପୁରୀ ଅଫିସ, ୧।୧୧**


କରୋନା କଟକଣା ଯୋଗୁ ସିଂହଦ୍ୱାର ସମ୍ମୁଖରେ ହବିଷିଆଳିମାନେ କାର୍ତ୍ତିକ ବ୍ରତ ପାଇଁ ସଂକଳ୍ପ କରୁଛନ୍ତି ।

## କାର୍ତ୍ତିକ ବ୍ରତ ଆରମ୍ଭ
- ମହାପ୍ରଭୁଙ୍କ ଦର୍ଶନରୁ ହବିଷିଆଳି ବଞ୍ଚିତ
- ମହାପ୍ରସାଦ ନେବା ପାଇଁ ଭକ୍ତଙ୍କ ଭିଡ଼

ରବିବାରଠାରୁ ପବିତ୍ର କାର୍ତ୍ତିକ ମାସ ଆରମ୍ଭ ହୋଇଛି। ଏହି ପୁଣ୍ୟ ଓ ଧର୍ମ ମାସରେ ହବିଷିଆଳିମାନେ କାର୍ତ୍ତିକ ବ୍ରତ ଆରମ୍ଭ କରିଛନ୍ତି। ମହୋଦଧି ସମେତ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ପ୍ରତ୍ୟୁଷରୁ ସ୍ନାନ ସାରିବା ପରେ ସଂକଳ୍ପ କରି ବ୍ରତ ଧରିଛନ୍ତି। ତୁଳସୀ ଚଉରା ମୂଳେ ରାଇଦାମୋଦରଙ୍କ ପୂଜା ମଧ କରିଛନ୍ତି। କିନ୍ତୁ ମହାପ୍ରଭୁଙ୍କ ଦର୍ଶନରୁ ହବିଷିଆଳି ଓ ଭକ୍ତ ବଞ୍ଚିତ ହୋଇଛନ୍ତି। କୋଭିଡ୍ କଟକଣା ଯୋଗୁ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ ରହିଥିବାରୁ ସିଂହଦ୍ୱାର ସମ୍ମୁଖରୁ ପତିତପାବନଙ୍କୁ ଦର୍ଶନ କରି ହବିଷିଆଳି ଫେରୁଛନ୍ତି। ଅନ୍ୟପକ୍ଷରେ କାର୍ତ୍ତିକ ମାସ ଆରମ୍ଭରୁ ଶ୍ରୀମନ୍ଦିରରେ ନୀତି ବିଳମ୍ବ ହୋଇଛି। ନିର୍ଘଣ୍ଟ ସମୟରୁ ୨ଘଣ୍ଟା ବିଳମ୍ବରେ ଦ୍ୱାର ଖୋଲିଛି।

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏଥର ପୁରୀ ଜିଲା ପ୍ରଶାସନ ପକ୍ଷରୁ ହବିଷିଆଳିଙ୍କ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା ପାଇଁ ବ୍ୟବସ୍ଥା କରାଯାଇଛି। ଅରୁଣ ସ୍ତମ୍ଭ ପାଖକୁ କାହାକୁ ଛଡ଼ାଯାଉ ନାହିଁ। ଦୂରରୁ ସମସ୍ତଙ୍କୁ ପତିତପାବନଙ୍କ ଦର୍ଶନ ସୁଯୋଗ ଦିଆଯାଉଛି। ହବିଷିଆଳି ଓ ଭକ୍ତ ସୁବିଧାରେ ମହାପ୍ରସାଦ ପାଇବା ପାଇଁ ବ୍ୟବସ୍ଥା ହୋଇଛି। ଶ୍ରୀମନ୍ଦିର ଉତ୍ତର ଓ ଦକ୍ଷିଣ ଦ୍ୱାରରେ ଶେଡ୍ କରାଯାଇ ମହାପ୍ରସାଦ ବିକ୍ରି କରାଯାଉଛି। ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦେଖିପାରୁ ନ ଥିବାରୁ ହବିଷିଆଳିମାନେ ମନ ଦୁଃଖ କରିଛନ୍ତି। ହବିଷିଆଳି ସାବିତ୍ରୀ ସାହୁ କହିଛନ୍ତି, ସାକ୍ଷୀଗୋପାଳରୁ ସେ ଆସିଛନ୍ତି। ଗତ କିଛିବର୍ଷ ହେବ ସେ କାର୍ତ୍ତିକ ମାସ ଆରମ୍ଭରୁ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରି ବ୍ରତ ରଖିଥାନ୍ତି। ହେଲେ ଏଥର ସେ ସୁଯୋଗ ନାହିଁ। ପ୍ରାୟ ୮ମାସ ହେଲାଣି ସେ ଠାକୁରଙ୍କୁ ଦେଖିନାହାନ୍ତି। ଏଥର କାର୍ତ୍ତିକ ମାସରେ ଦର୍ଶନ ସୁଯୋଗ ମିଳିବ ବୋଲି ଆଶା ରଖିଥିଲେ। କିନ୍ତୁ ସେତକ ହେଲା ନାହିଁ। ତଥାପି ପତିତପାବନଙ୍କୁ ଦର୍ଶନ କରି ସେ ଘରକୁ ଫେରିଯାଉଥିବା କହିଛନ୍ତି। କେବଳ ସାବିତ୍ରୀ ନୁହଁନ୍ତି, ପୁରୀ ପଞ୍ଚକୋଶୀ ଅଞ୍ଚଳରୁ ବହୁ ବ୍ରତଧାରୀ ସକାଳେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରିବା ସହ ସିଂହଦ୍ୱାର ବାହାରୁ ପତିତପାବନଙ୍କୁ ଦର୍ଶନ କରିଥିଲେ। ତେବେ କାର୍ତ୍ତିକର ପ୍ରଥମ ଦିନରେ ଶ୍ରୀମନ୍ଦିର ନୀତିରେ ବିଳମ୍ବ ହୋଇଛି। ନୀତି ସବ୍ କମିଟି ଏବଂ ଛତିଶା ନିଯୋଗ ବୈଠକରେ କାର୍ତ୍ତିକ ମାସ ନୀତି ନିର୍ଘଣ୍ଟ କରାଯାଇଥିଲା। ଏଥିରେ ଭୋର ୪ଟାରେ ଦ୍ୱାର ଫିଟିବାକୁ ନିର୍ଘଣ୍ଟ ହୋଇଥିବା ବେଳେ ରବିବାର ସକାଳ ୬ଟାରେ ଦ୍ୱାର ଫିଟାଯାଇଥିଲା। ଏହି ବିଳମ୍ବ ଅନ୍ୟ ନୀତିରେ ମଧ ପ୍ରତିଫଳିତ ହୋଇଥିଲା। ୨ଘଣ୍ଟା ବିଳମ୍ବରେ ଅର୍ଥାତ୍ ଅପରାହ୍ନ ୨ଟାରେ ମହାପ୍ରସାଦ ବାହାରିଥିଲା। ତେବେ ମହାପ୍ରସାଦ ନେବା ପାଇଁ ଶ୍ରୀମନ୍ଦିର ଉତ୍ତର ଓ ଦକ୍ଷିଣ ଦ୍ୱାରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ମଧ୍ୟାହ୍ନ ୧୨ଟା ସୁଦ୍ଧା ମହାପ୍ରସାଦ ବାହାରିବ ବୋଲି ନୀତି ନିର୍ଘଣ୍ଟ କରାଯାଇଥିବାରୁ ଭକ୍ତ ଓ ହବିଷିଆଳି ପହଞ୍ଚିଥିଲେ। ଟୋକନ କାଟି ଅପେକ୍ଷା କରିଥିଲେ। ହେଲେ ନୀତି ବିଳମ୍ବ ଯୋଗୁ ଅବଢ଼ା ବାହାରିବାରେ ଡେରି ହୋଇଥିଲା। ଫଳରେ ଧୀରେ ଧୀରେ ଭକ୍ତଙ୍କ ଗହଳି ଲାଗିଥିଲା।

# ଚଢ଼ାଉ ବେଳେ ପୋଲିସକୁ ଆକ୍ରମଣ

**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୧।୧୧ (ଡି.ଏନ.ଏ.)**


ପୋଲିସ ଗାଡ଼ି ଭଙ୍ଗାରୁଜା ହୋଇଛି।

- ପୋଲିସ ଗାଡ଼ି ଭାଙ୍ଗିଲେ, ଗୁଳି ଫୁଟାଇଲେ ଦୁର୍ବୃତ୍ତ
- ୬ ଗିରଫ, ପୋଲିସର ଫ୍ଲାଗ୍‌ମାର୍ଚ୍ଚ

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ପୋଲିସ ଶନିବାର ବିଳମ୍ବିତ ରାତିରେ ଜୁଆ ଆଡ୍ଡାରେ ଚଢ଼ାଉ ପାଇଁ ଯାଇଥିବା ବେଳେ ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇଛି। ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀ ଗୁରୁତର ଆହତ ହୋଇଥିବା ବାଲିଗୁଡ଼ା ଏସ୍‌ଡିପିଓ ମାନସ ରଞ୍ଜନ ବାରିକ କହିଛନ୍ତି। ଏସ୍‌ଡିପିଓ ବାରିକ ଦାରିଙ୍ଗବାଡ଼ି ଆଇଆଇସି କୌଶିକ ମାଝି ପ୍ରମୁଖ ରାତିରେ ଘଟଣାସ୍ଥଳରେ ପହଞ୍ଚି ୪ ମହିଳାଙ୍କ ସମେତ ୬ଜଣଙ୍କୁ ଗିରଫ କରିଛନ୍ତି। ରବିବାର ସକାଳୁ ଏସ୍‌ଡିପିଓ ବାରିକଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମେରାମାହାରେ ପହଞ୍ଚି ଫ୍ଲାଗ୍‌ମାର୍ଚ୍ଚ କରିଛି। ଗିରଫ ଭୟରେ ଗାଁ ପୁରୁଷଶୂନ୍ୟ ହୋଇଯାଇଥିବା ବେଳେ ମାମଲା (ନଂ.୮୯/୨୦) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

ବ୍ରାହ୍ମଣୀଗାଁ ପୋଲିସ ଟିମ୍ ଥାନା ଅଧିକାରୀ ମୁନୀଙ୍କ ନେତୃତ୍ୱରେ ଶନିବାର ରାତିରେ ପାଟ୍ରୋଲିଂ କରୁଥିଲା। ହାତୀମୁଣ୍ଡା ଏବଂ ମେରାମାହା ଅଞ୍ଚଳରେ ଜୁଆଆଡ୍ଡା ଚାଲିଥିବା ସୂଚନା ପାଇ ସେହି ଅଞ୍ଚଳକୁ ଟିମ୍ ଯାଇଥିଲା। ମେରାମାହା ଅଞ୍ଚଳରେ ପାଟ୍ରୋଲିଂ ସାରି ଆଗକୁ ହାତୀମୁଣ୍ଡା ପଞ୍ଚାୟତ କସବସା ଗ୍ରାମ ପର୍ଯ୍ୟନ୍ତ ଭ୍ୟାନ୍ ଯାଇଥିଲା। ସେଠାରୁ ଫେରିବାବେଳେ ଦୁର୍ବୃତ୍ତମାନେ ମେରାମାହାଠାରେ କାଠ ପକାଇ ରାସ୍ତା ଅବରୋଧ କରିଥିଲେ। ପୋଲିସ ଭ୍ୟାନ୍ ଅଟକିବା ପରେ କେତେଜଣ ମହିଳା ଓ ପୁରୁଷ ଠେଙ୍ଗାବାଡ଼ିରେ ଅତର୍କିତ ପାଟ୍ରୋଲିଂ ଟିମ୍ ଉପରେ ଆକ୍ରମଣ କରିବା ସହ ଦେଶୀ ବନ୍ଧୁକରୁ ଗୁଳି ଫୁଟାଇଥିଲେ। ଏଥିସହ ଥାନା ଅଧିକାରୀ ମୁନୀଙ୍କୁ ବାଟୁଳି ଦ୍ୱାରା ଅତି ନିକଟରୁ ଆକ୍ରମଣ କରିବାରୁ ତାଙ୍କ ମୁହଁରେ ଶକ୍ତ ଆଘାତ ଲାଗିଥିଲା। ଅନ୍ୟ କେତେଜଣ କର୍ମଚାରୀ ମଧ ଆହତ ହୋଇଛନ୍ତି। ପୋଲିସ ଭ୍ୟାନ୍‌କୁ ଦୁର୍ବୃତ୍ତମାନେ ଭଙ୍ଗାରୁଜା କରିଛନ୍ତି। ଗାଁ ଜନଶୂନ୍ୟ ହୋଇପଡିଥିବାବେଳେ କେଉଁ ପରିସ୍ଥିତିରୁ ଏଭଳି ଘଟିଲା ସେନେଇ କୌଣସି ଲୋକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଟିକା ବଣ୍ଟନ ପାଇଁ ଗଠନ ହେବ ତ୍ରିସ୍ତରୀୟ କମିଟି

**ଭୁବନେଶ୍ୱର, ୧।୧୧ (ବ୍ୟୁରୋ)**

## ରାଜ୍ୟ ସରକାରଙ୍କୁ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କ ଚିଠି

କରୋନା ମହାମାରୀକୁ ରୋକିବା ପାଇଁ ଟିକା ପ୍ରସ୍ତୁତି ଜୋର୍‌ସୋର୍‌ରେ ଚାଲିଛି। ତେବେ ଟିକା ପ୍ରସ୍ତୁତ ହେବାପରେ କେଉଁମାନଙ୍କୁ ପ୍ରଥମେ ଦିଆଯିବ ତାକୁ ନେଇ ମଧ ବିଚାରବିମର୍ଶ ଜାରି ରହିଛି। ପ୍ରଥମେ ସ୍ୱାସ୍ଥ୍ୟକର୍ମୀ ଓ ଅଙ୍ଗନୱାଡ଼ି କର୍ମୀଙ୍କ ଭଳି କରୋନା ଯୋଦ୍ଧାଙ୍କ ଡାଟାବେସ୍ ପ୍ରସ୍ତୁତ କରିବା ପାଇଁ କେନ୍ଦ୍ର କହିବା ପରେ ରାଜ୍ୟ ସରକାର ସେହି କାର୍ଯ୍ୟରେ ଲାଗିପଡ଼ିଛନ୍ତି। ଏହାପରେ ପୁଣି ଟିକା ପରିଚାଳନା ଓ ସମନ୍ୱୟ ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜ୍ୟଗୁଡ଼ିକୁ ଚିଠି ଲେଖିଛନ୍ତି। ଟିକା ବଣ୍ଟନ ପାଇଁ ତ୍ରିସ୍ତରୀୟ କମିଟି ଗଠନ ହେବ। ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଷ୍ଟେଟ୍ ଷ୍ଟିୟରିଂ କମିଟି, ସ୍ୱାସ୍ଥ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଟାସ୍କ ଫୋର୍ସ ଓ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଟାସ୍କ ଫୋର୍ସ ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଷ୍ଟିୟରିଂ କମିଟି ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରିବା ସହ ଭିତ୍ତିଭୂମିର ତଦାରଖ କରିବ। ସେହିପରି ରାଜ୍ୟସ୍ତରୀୟ ଟାସ୍କଫୋର୍ସ ଟିକା ବଣ୍ଟନର ମନିଟରିଂ କରିବ। ଟିକାକରଣବେଳେ ଯେପରି ବାଧା ସୃଷ୍ଟି ନ ହେବ ତାହା ଉପରେ ଗୁରୁତ୍ୱ ଦିଆଯିବ। ଟିକାକରଣରେ ସାମାଜିକକର୍ମୀଙ୍କୁ ସାମିଲ କରାଯିବ। କମିଟି ପାଣ୍ଠିର ବ୍ୟବସ୍ଥା ଓ ସମୀକ୍ଷା କରିବ। ଜିଲାସ୍ତରୀୟ ଟାସ୍କ ଫୋର୍ସ ଜିଲାସ୍ତରରେ ଟିକା ପ୍ରଦାନ ପରିଚାଳନା ନେଇ କାମ କରିବ। ତଦାରଖ ଓ ସମସ୍ୟାର ସମାଧାନ କରିବ। ଟିକାକରଣ ପାଇଁ ତାଲିମ ଦେବା ସହ ବ୍ଲକ୍ ଓ ଜିଲାସ୍ତରରେ ଅଧିକାରୀ ନିଯୁକ୍ତ କରିବ। ସମୟସୀମା ଭିତରେ ଟିକାକରଣ ପାଇଁ କମିଟି ବ୍ୟବସ୍ଥା କରିବ। ଏଥିସହ ସୋସିଆଲ ମିଡିଆ ଗୁଜବକୁ ଚିହ୍ନଟ କରି ଲୋକଙ୍କୁ ସଚେତନ କରିବ କମିଟି। ତେବେ ଟର୍ମସ ଅଫ୍ ରେଫରାନ୍ସରେ କେଉଁ କମିଟିର କାମ କ'ଣ ରହିବ ତାହା ବିସ୍ତୃତ ଭାବେ ଉଲ୍ଲେଖ ରହିଛି। ଟିକା ପ୍ରଥମେ ସ୍ୱାସ୍ଥ୍ୟ କର୍ମୀଙ୍କ ସମେତ ଆଗଧାଡ଼ିର ଯୋଦ୍ଧାଙ୍କୁ ଓ ବରିଷ୍ଠ ନାଗରିକଙ୍କୁ ପ୍ରଦାନ କରାଯିବ। ଏହି ପ୍ରକ୍ରିୟା ୧ବର୍ଷ ଧରି ଚାଲିବ ବୋଲି କୁହାଯାଇଛି।

# 'ପ୍ରଚାର ଶେଷ, ନିୟମ ଭାଙ୍ଗିଲେ କଡ଼ା କାର୍ଯ୍ୟାନୁଷ୍ଠାନ'

**ଭୁବନେଶ୍ୱର, ୧।୧୧ (ବ୍ୟୁରୋ)**

- କୋଭିଡ୍ ନିୟମ ପରିଚାଳନା କାର୍ଯ୍ୟରେ ୮୦୦ ଆଶାକର୍ମୀ, ୮୦୦ ସ୍ୱେଚ୍ଛାସେବୀ ନିୟୋଜିତ


ସୁଶୀଲ ଲୋହାନୀ

ବାଲେଶ୍ୱର ଓ ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀରେ ୩ ତାରିଖରେ ହେବାକୁ ଥିବା ଉପନିର୍ବାଚନ ପାଇଁ ପ୍ରଚାର ରବିବାର ସନ୍ଧ୍ୟା ୬ଟାରେ ଶେଷ ହୋଇଛି। ଲୋକ ପ୍ରତିନିଧି ଆଇନ ୧୯୫୧ର ଧାରା ୧୨୬ ଅନୁଯାୟୀ ଆଉ କୌଣସି ପ୍ରକାର ପ୍ରଚାର, ସଭାସମିତି ହୋଇପାରିବ ନାହିଁ। ଯଦି ଏହାକୁ ଉଲ୍ଲଂଘନ କରାଯାଏ ତା'ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ କହିଛନ୍ତି। ନିର୍ବାଚନ ପୂର୍ବ ୪୮ ଘଣ୍ଟାର ନିଷେଧ ଅବଧି ମଧ୍ୟରେ ଅଣଭୋଟର ଓ ରାଜନୈତିକ ଦଳର କର୍ମକର୍ତ୍ତାମାନେ କୌଣସି ହୋଟେଲ, କଲ୍ୟାଣମଣ୍ଡପ, ଲଜ୍ ଓ କମ୍ୟୁନିଟି ସେଣ୍ଟରରେ ରହିପାରିବେ ନାହିଁ। ଏନେଇ ଯାଞ୍ଚ କରାଯିବା ସହ ନିର୍ବାଚନମଣ୍ଡଳୀ ସୀମା ପ୍ରବେଶ ପଥରେ ମଧ ତନଖି କରାଯିବାକୁ ୨ ଜିଲାର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଲୋହାନୀ କହିଛନ୍ତି।

ଖବରଦାତା ସମ୍ମିଳନୀରେ ଲୋହାନୀ କହିଛନ୍ତି ଯେ, ସ୍ୱଚ୍ଛ ଓ ଅବାଧ ଉପନିର୍ବାଚନ ନିମନ୍ତେ ବାଲେଶ୍ୱରରେ ୫ ଓ ତିର୍ତ୍ତୋଲରେ ୪ଟି ଲେଖାଏ ଷ୍ଟାଟିକ ସର୍ଭେଲାନ୍ସ ଟିମ୍, ୩ଟି ଲେଖାଏ ଭିଡିଓ ସର୍ଭେଲାନ୍ସ ଟିମ୍ ନିଯୁକ୍ତ କରାଯାଇଛି। ୮୦୦ ଆଶାକର୍ମୀଙ୍କ ସହ ସମାନ ସଂଖ୍ୟକ ସ୍ୱେଚ୍ଛାସେବୀଙ୍କୁ ଉଭୟ ନିର୍ବାଚନମଣ୍ଡଳୀର ସବୁ ବୁଥ୍‌ରେ କୋଭିଡ୍ ନିୟମ ପରିଚାଳନା କାର୍ଯ୍ୟରେ ନିୟୋଜିତ କରାଯାଇଛି। ବାଲେଶ୍ୱରରେ ଗୋଟିଏ ଓ ତିର୍ତ୍ତୋଲରେ ୨ଟି ଫୌଜିଦାରି ମାମଲା ପୋଲିସ ତରଫରୁ ରୁଜୁ କରାଯାଇଛି। ଏହି କ୍ରମରେ ଉଭୟ ନିର୍ବାଚନମଣ୍ଡଳୀରେ ୩୨୯ଟି ଲାଇସେନ୍ସପ୍ରାପ୍ତ ବନ୍ଧୁକ ଜବତ କରାଯାଇଛି। ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି)ର ଦଫା ୧୦୭ ଓ ୧୧୬ ଅନୁସାରେ ୩୬୬୮ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି। ୪୧୦ଜଣ ବ୍ୟକ୍ତିଙ୍କ ନାମରେ ଜାମିନ ବିହିନ ୱାରେଣ୍ଟ କାର୍ଯ୍ୟକାରୀ କରାଯାଇଛି। ସେହିପରି ଅବକାରୀ ଓ ପୋଲିସ ବିଭାଗର ମିଳିତ ଚଢ଼ାଉ ଦ୍ୱାରା ୧୧୨୦୫ ବଲ୍କ ଲିଟର ମଦ ଜବତ ହୋଇଛି, ଯାହାର ଆନୁମାନିକ ମୂଲ୍ୟ ୧୭ଲକ୍ଷ ୨୯ ହଜାର ୨୨୫ ଟଙ୍କା ହେବ। ଆଦର୍ଶ ଆଚରଣ ବିଧି ଓ କୋଭିଡ ନିର୍ଦ୍ଦେଶାବଳୀ ଉଲ୍ଲଂଘନ ବାବଦରେ ବିଭିନ୍ନ ବ୍ୟକ୍ତି ବା ଦଳଙ୍କ ବିରୋଧରେ ୫୨ ମାମଲା ରୁଜୁ କରାଯାଇଛି ବୋଲି ଲୋହାନୀ କହିଛନ୍ତି।



**ଆଜିର ମନ୍ତବ୍ୟ**
ନେତାମାନଙ୍କ ଘୃଣା ଭାଷଣ, ବ୍ୟକ୍ତିଗତ ମନ୍ତବ୍ୟ ସୁସ୍ଥ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ।
**-ରାଜନାଥ ସିଂ, ପ୍ରତିରକ୍ଷାମନ୍ତ୍ରୀ**



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଅଭିଲାଷା
ପରିବାରବର୍ଗ


ଓମ୍ ପ୍ରସାଦ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଖୋଲିଲା ଶିମିଳିପାଳ, କୁଲଡ଼ିହା ଅଭୟାରଣ୍ୟ

**ବାରିପଦା ଅଫିସ/ସଜନାଗଡ଼, ୧।୧୧(ଡି.ଏନ.ଏ)**

କରୋନା ଯୋଗୁ ଗତ ମାର୍ଚ୍ଚ ୧୯ରୁ ବନ୍ଦ ରହିଥିବା ମୟୂରଭଞ୍ଜ ଜିଲାର ଶିମିଳିପାଳ ଓ ବାଲେଶ୍ୱର ଜିଲାର କୁଲଡ଼ିହା ଅଭୟାରଣ୍ୟ ରବିବାରଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିଛି। ପ୍ରଥମ ଦିବସରେ ବାରିପଦା ପିଠାବଟା ଗେଟ୍ ଦେଇ ୨୮ଟି ଗାଡ଼ି ଓ ଯଶିପୁର କାଳିଆଣି ଗେଟ୍ ଦେଇ ୧୫ଟି ଗାଡ଼ିରେ ମୋଟ ୨୫୮ ପର୍ଯ୍ୟଟକ ଶିମିଳିପାଳ ଭିତରକୁ ପ୍ରବେଶ କରିଥିଲେ। ସେଥିମଧ୍ୟରୁ ୪ଜଣ ରାତ୍ରିଯାପନ କରିବେ ବୋଲି ସୂଚନା ମିଳିଛି। ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧିକାରୀଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେହିପରି କୁଲଡିହା ଗୋହିରାଭୋଳ ଗେଟ୍‌ଠାରେ ୫୨ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ବନବିଭାଗ ଅଧିକାରୀ ଓ କର୍ମଚାରୀ ପର୍ଯ୍ୟଟକଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପଙ୍କ ବିଲ ବୋଲି ଚାଲି ନ ଥିଲି**
**କାଦୁଅ ଦେଖି ଚାଲିଲି**
**ଦଗା ଦିଆ ବୋଲି ଜାଣି ନ ଥିଲି**
**ରଙ୍ଗ ବଟୁଆ ରସିଲି।**
ମଣିଷ ବେଳେ ବେଳେ ଭଲକୁ ଆସାରା କରି ଭେଲ ପାଇଥାଏ। ପରୋକ୍ଷରେ ଅନ୍ୟର ମଧୁର କଥାରେ ଭାସିଯାଇ କାର୍ଯ୍ୟ କରି ବସିଲେ ପରିଶେଷରେ ହୀନସ୍ଥା ହେବା ହିଁ ସାର ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ପୋଷଣାହାରି ପୁଅ**
**ତାଙ୍କୁ ପିଢ଼ା ଖଣ୍ଡିଏ ଦିଅ।**
ରୋଜଗାରିଆ ପୁଅର ଆବଦ୍ କାଇଦା କାହିଁରେ କେତେ। ଭଲ ରୋଜଗାର କରି ପ୍ରତିପୋଷଣ କରିପାରୁଥିବା ପୁଅ ସଭିଙ୍କ ପ୍ରିୟ ବା ଆଦରଣୀୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

## କୋଭିଡ୍ ହସ୍ପିଟାଲରେ ...

ନିଷ୍ପତ୍ତି ନେଲେ ତାହାର କାରଣ ଅସ୍ପଷ୍ଟ ରହିଛି। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ. ୫୦/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ନମିତା ନାୟକ ସୂଚନା ଦେଇଛନ୍ତି। ଘଟଣା ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍ଓ) ଡା. ସୁଜାତାରାଣୀ ମିଶ୍ର କୁହନ୍ତି, ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିଲା। ସେ ସକାଳେ ଜଳଖିଆ ଏବଂ ଦ୍ୱିପ୍ରହର ଭୋଜନ ମଧ୍ୟ ଖାଇଥିଲେ। କିନ୍ତୁ ହଠାତ୍ କାହିଁକି ଏଭଳି ଘଟଣା ଘଟିଲା ତାହା ଅସ୍ପଷ୍ଟ ଥିବା ସିଡିଏମ୍ଓ କହିଛନ୍ତି।

## ରେଡ୍ ଜୋନ୍‌ରେ ...

ସୁନ୍ଦରଗଡ଼ରୁ ୩ଜଣ ଥିବାବେଳେ ମାଲକାନଗିରି, କଟକ, କେନ୍ଦ୍ରାପଡ଼ା, ଅନୁଗୋଳ, କେନ୍ଦୁଝର, ଖୋର୍ଦ୍ଧା (ଭୁବନେଶ୍ୱର), ଦେବଗଡ଼ ଓ ନୂଆପଡ଼ାରୁ ଜଣେ ଲେଖାଏ ରହିଛନ୍ତି। ଗଞ୍ଜାମ ଓ ଖୋର୍ଦ୍ଧାରେ ମୃତକଙ୍କ ସଂଖ୍ୟା ସମାନ ହୋଇଯାଇଛି। ଏହି ଦୁଇ ଜିଲାରେ ରାଜ୍ୟରେ ସର୍ବାଧିକ ୨୩୦ଜଣ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବାବେଳେ କଟକରେ ୧୧୧ଜଣଙ୍କ ମୃତ୍ୟୁ ହୋଇଛି। ବର୍ତ୍ତମାନ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୩୩୧ ଛୁଇଁଛି।

## ହିଜ୍‌ବୁଲ ମୁଖ୍ୟ ...

ବଳ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରିଯାଇ ତଲାସି ଅଭିଯାନ ଆରମ୍ଭ କରିଥିଲେ। ଗୁଳି ବିନିମୟ ବେଳେ ହିଜ୍‌ବୁଲ ମୁଖ୍ୟ ନିହତ ହୋଇଥିଲେ। ତାଙ୍କ ମୃତଦେହ ମିଳିଛି। ଏନ୍‌କାଉଣ୍ଟର ସ୍ଥଳରୁ ଅସ୍ତ୍ର ଓ ଗୁଳିଗୋଳା ଜବତ ହୋଇଛି। ଚଳିତ ବର୍ଷ ଜମ୍ମୁ-କଶ୍ମୀରରେ ଏନ୍‌କାଉଣ୍ଟର ବେଳେ ୨୦୦ରୁ ଅଧିକ ଆତଙ୍କବାଦୀ ନିହତ ହେଲେଣି ବୋଲି ପୋଲିସ ମହାନିର୍ଦ୍ଦେଶକ ଦିଲ୍‌ବାଗ ସିଂ କହିଛନ୍ତି।

## ଜମା, ଉଠାଣରେ ..

ଯଦି ଜଣେ ନେଣଦେଣ କରିବେ ତେବେ ତାଙ୍କୁ ଅଧିକ ଅର୍ଥ ଗଣିବାକୁ ପଡିବ। କେନ୍ଦ୍ର ସରକାରଙ୍କ ଏଭଳି ନିଷ୍ପତ୍ତିକୁ କଂଗ୍ରେସ ପାର୍ଟି ପକ୍ଷରୁ ସମାଲୋଚନା କରାଯାଇଛି। ଏହି ରିପୋର୍ଟ ଆସିବା ପରେ କଂଗ୍ରେସର ଜେନେରାଲ ସେକ୍ରେଟାରି ରଣଦୀପ ସିଂ ସୁର୍ଜେଓ୍ୱାଲା ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସରକାରଙ୍କ ଏଭଳି ପଦକ୍ଷେପ ଲୋକଙ୍କ ପାଇଁ 'କମର ତୋଡ ତୋଫା' ବା ଜବରଦସ୍ତ ଉପହାର ବୋଲି ସେ ମତବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ମାସକୁ ୩ଥର ଉଠାଣ କ୍ଷେତ୍ରରେ ଲୋକଙ୍କୁ କୌଣସି ଚାର୍ଜ ଲାଗିବ ନାହିଁ। ମାତ୍ର ଫ୍ରି ଉଠାଣ ସୀମା ପରେ ଟ୍ରାଞ୍ଜାକଶନ ଚାର୍ଜ ଭାବେ ଫ୍ଲାଟ ୧୫୦ ଟଙ୍କା ଗଣିବାକୁ ପଡିବ। ସେହିଭଳି ମାସରେ ୩ଥର ଜମାକୁ ଫ୍ରି କରାଯାଇଛି। ଏହା ପରେ ଜମା କରିବା ଉପରେ ପ୍ରତି ଟ୍ରାଞ୍ଜାକଶନ ପିଛା ଗ୍ରାହକଙ୍କୁ ୪୦ ଟଙ୍କା ଦେବାକୁ ପଡିବ। ଲୋକମାନେ ନିଜ ଟଙ୍କାକୁ ଜମା କିମ୍ବା ଉଠାଣ କରିବା ଉପରେ ଚାର୍ଜ ଦେବାକୁ ପଡୁଥିବା ସୁର୍ଜେଓ୍ୱାଲା ମତ ରଖିଛନ୍ତି।

## ପ୍ରଥମ ପୃଷ୍ଠାରୁ...

## ନିଯୁକ୍ତି, ରାଜସ୍ୱ ଗିଳିବ ...

ପାଇପ ଲାଇନ ବିଛାଇବାକୁ ଆବେଦନ କରିଛି। ଏହି ସ୍ଲରି ପାଇପ୍‌ଲାଇନର ଦୂରତା ୨୯୮ କି.ମି. ଏବଂ ଏଥିପାଇଁ ୯୪୮.୯୦ କୋଟି ଟଙ୍କା ବ୍ୟୟଅଟକଳ ରଖାଯାଇଛି। ସେହିପରି ଜେଏସ୍‌ଡବ୍ଲ୍ୟୁ କେନ୍ଦୁଝର ଜିଲା ଶାରଦା ମାଇନ୍ସରୁ ପାରାଦୀପ ପର୍ଯ୍ୟନ୍ତ ବାର୍ଷିକ ୩୦ମେଟ୍ରିକଟନ୍ କ୍ଷମତା ବିଶିଷ୍ଟ ଏକ ସ୍ଲରି ପାଇପ ସ୍ଥାପନ କରିବ। ଏହି ସବୁ ସ୍ଲରି ପାଇପ୍‌ଲାଇନରେ ଲୁହାପଥର ପରିବହନ ପାଇଁ ପ୍ରାୟ ୧୦୦ କ୍ୟୁସେକରୁ ଊର୍ଦ୍ଧ୍ୱ ନଦୀଜଳ ବ୍ୟବହାର କରାଯିବ। ଅଧିକାଂଶ ପାଣି ବୈତରଣୀ ନଦୀରୁ ବ୍ୟବହାର ହେବ ବୋଲି ଜଣାପଡ଼ିଛି। ଏହାବାଦ୍ ବ୍ୟାପକ ଜଙ୍ଗଲ ଧ୍ୱଂସ କରିବା ସହ ଗରିବ ଆଦିବାସୀ ଲୋକଙ୍କ ଚାଷଜମି ନଷ୍ଟ ହେବ। ଏହା ପ୍ରାୟ ୭୦ କି.ମି. ସଂରକ୍ଷିତ ଜଙ୍ଗଲ, ୩୦କି.ମି. ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଓ ୨୦ କି.ମି. ଅନ୍ୟାନ୍ୟ ଜଙ୍ଗଲ ଦେଇ ଯାଉଥିବା କୁହାଯାଉଛି। ବଡ଼ବିଲ, ରିମୁଲି, କେନ୍ଦୁଝର, ଆନନ୍ଦପୁର, ଯାଜପୁରରୋଡ, କଳିଙ୍ଗନଗର, ପାଣିକୋଇଲି, ଚଣ୍ଡିଖୋଲ ଦେଇ ପାରାଦୀପକୁ ପାଇପ ବିଛା ହେବ। ତେବେ ଏହି ରାସ୍ତାରେ ବ୍ୟାପକ ଜଙ୍ଗଲ ଧ୍ୱଂସ ହେବାର ସମ୍ଭାବନା ଥିବାରୁ ସମ୍ପୃକ୍ତ ଜିଲା ପ୍ରଶାସନର ପଦକ୍ଷେପକୁ ଅପେକ୍ଷା କରାଯାଇଛି ବୋଲି ପ୍ରଭାବିତ ଅଞ୍ଚଳବାସୀ କହିଛନ୍ତି। କୋଟି କୋଟି ଟଙ୍କାର ଏହିସବୁ ପ୍ରକଳ୍ପଗୁଡ଼ିକରେ ସ୍ଥାନୀୟ ନିଯୁକ୍ତି ଖୁବ୍ କମ୍ ଆଶଙ୍କା ଥିବାବେଳେ ବାହାର ରାଜ୍ୟର ଅଧିକ ନିଯୁକ୍ତି ପାଇବେ। ଭୂତଳ ପାଇପ ଯୋଗେ ଲୁହାପଥର ପରିବହନ ପରିବର୍ତ୍ତେ ସଡ଼କପଥରେ ଯଦି କରାଯିବ ତେବେ ବଡବିଲଠାରୁ ପାରାଦୀପ ପର୍ଯ୍ୟନ୍ତ ଲୁହାପଥର ପରିବହନ କରି ଯାଜପୁର ଓ କେନ୍ଦୁଝର ଜିଲାର ୫୦ହଜାରରୁ ଊର୍ଦ୍ଧ୍ୱ ଟ୍ରକ ମାଲିକ ଓ କର୍ମଚାରୀ ଲାଭବାନ ହୋଇଥାନ୍ତେ। ଏପରି କି ଖଣିଜ ପରିବହନକୁ ଭିତ୍ତି କରି ଜୀବନ ଜୀବିକା ନିର୍ବାହ କରୁଥିବା ଲୋକଙ୍କ ଦାନା ବୁଡ଼ିବା ନିଶ୍ଚିତ। ବଡବିଲ ଅଞ୍ଚଳରୁ ପାରାଦୀପ ପର୍ଯ୍ୟନ୍ତ ବ୍ରାହ୍ମଣୀ, ବୈତରଣୀ, ଗେଙ୍ଗୁଟି, ବିରୂପା, ଗୋବରୀ, ଲୁଣା, ଚିତ୍ରୋତ୍ପଳା, ମହାନଦୀ ଆଦି ନଦୀ ସହ ୫୦ରୁ ଊର୍ଦ୍ଧ୍ୱ ନାଳଦେଇ ଏହି ପ୍ରକଳ୍ପ ଯାଉଥିବାରୁ ଜୈବବିବିଧତା ଉପରେ ମଧ୍ୟ ବିପଦ ଆଶଙ୍କା ରହୁଛି। ଏନେଇ ଜଳସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବ ଅର୍ଚ୍ଚନା ପଟ୍ଟନାୟକ ସ୍ଲରି ପାଇପଲାଇନରେ ବ୍ୟବହାର ହେଉଥିବା ପାଣି ଉପରେ ଜଳକର ଆଦାୟକୁ ବୃଦ୍ଧି କରିବାକୁ ତାଙ୍କ ପତ୍ରରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଏସମ୍ପର୍କରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ନିର୍ଦ୍ଧାରିତ ଗାଇଡଲାଇନ ଅନୁସାରେ ସ୍ଲରି ପାଇପ୍ ବିଛାଇବାକୁ ପରାମର୍ଶ ଦିଆଯାଉଛି। ଏଥିପାଇଁ ବିଭିନ୍ନ ବିଭାଗରୁ ଅନୁମତି ଆଣିବାକୁ ନିର୍ଦ୍ଦେଶ ଦିଆଯାଉଛି। ଗାଇଡଲାଇନ୍‌କୁ ଅବମାନନା କଲେ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବେହେରା କହିଛନ୍ତି।

## ଗଣତନ୍ତ୍ର ଦୁର୍ବଳ ...

ଆସିବା ପରଠୁ ଦେଶରେ ଗଣତନ୍ତ୍ର ଦୁର୍ବଳ ହେଉଥିବା ନେଇ ବିରୋଧୀ ଟାର୍ଗେଟ କରୁଥିବାବେଳେ ଦ୍ୱିତୀୟ ପାଳିର ବର୍ଷେ ପୂରଣ ହେଉ ହେଉ ଅବସ୍ଥା ଆହୁରି ଜଟିଳ ହୋଇଯାଇଛି। ଭି-ଡେମ୍ 'ଡେମୋକ୍ରାସି ରିପୋର୍ଟ ୨୦୨୦' ସେହି ସମାଲୋଚନାର ପ୍ରାମାଣିକତାକୁ ସ୍ପଷ୍ଟ କରୁଛି।

ରିପୋର୍ଟରେ ଦର୍ଶାଯାଇଛି ଯେ, ୨୦୦୧ ପରେ ପ୍ରଥମ ଥର ପାଇଁ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକରେ ଏତେ ପରିମାଣର ନିରଙ୍କୁଶତା ବୃଦ୍ଧି ପାଇଛି। ବିଗତ ୧୦ ବର୍ଷ ମଧ୍ୟରେ ଯେଉଁ ୧୦ ଦେଶ ସର୍ବାଧିକ ନିରଙ୍କୁଶତା ଆଡ଼କୁ ଢଳିଛନ୍ତି, ତନ୍ମଧ୍ୟରେ ହଙ୍ଗେରି, ତୁର୍କୀ, ପୋଲାଣ୍ଡ, ସର୍ବିୟା, ବ୍ରାଜିଲ ଓ ଭାରତ ଅନ୍ତର୍ଭୁକ୍ତ। ଏବେ ହଙ୍ଗେରି ଏକ ଗଣତାନ୍ତ୍ରିକ ରାଷ୍ଟ୍ର ନୁହେଁ। ଭାରତ ଲଗାତର ନିମ୍ନଗାମୀ ହେବା ରାସ୍ତାରେ ଯାଇ ନିଜ ଗଣତାନ୍ତ୍ରିକ ସ୍ଥିତିକୁ ହରାଇବାରେ ବସିଛି। ଆମେରିକାର ଉଦାର ଲୋକତନ୍ତ୍ର ପଥଭ୍ରଷ୍ଟ ହୋଇଛି। ଏହି ଦେଶଗୁଡ଼ିକର ନିରଙ୍କୁଶ ସରକାରମାନେ ପ୍ରଥମେ ଗଣମାଧ୍ୟମ ଓ ନାଗରିକ ସମାଜ ପାଇଁ ସୁଯୋଗକୁ ସୀମିତ କରିଦେଇଛନ୍ତି। ମିଡିଆ ଓ ସିଭିଲ ସୋସାଇଟି ଉପରେ ନରୀକ୍ଷଣ କରୁଥିବା ସଂସ୍ଥାଗୁଡ଼ିକୁ ନିୟନ୍ତ୍ରଣ କରାଯାଉଥିବାରୁ ନିର୍ବାଚନର ଗୁଣବତ୍ତା ହ୍ରାସ ପାଇବାରେ ଲାଗିଛି। ସଂସ୍ଥା ପକ୍ଷରୁ ୧୭୯ ରାଷ୍ଟ୍ରକୁ ନେଇ ପ୍ରସ୍ତୁତ ଉଦାର ଗଣତନ୍ତ୍ର ସୂଚକାଙ୍କ (ଏଲ୍‌ଡିଆଇ)ର ପ୍ରଥମ ସ୍ଥାନରେ ଡେନମାର୍କ ଥିବାବେଳେ ଭାରତକୁ ୯୦ତମ ସ୍ଥାନରେ ରଖାଯାଇଛି। ଭାରତର ପଡ଼ୋଶୀ ଦେଶ ଶ୍ରୀଲଙ୍କା ୭୦ତମ ସ୍ଥାନ ଅଧିକାର କରିଥିବାବେଳେ ନେପାଳ ୭୨, ପାକିସ୍ତାନ ୧୨୬ ଓ ବାଂଲାଦେଶ ୧୫୪ତମ ସ୍ଥାନରେ ରହିଛି।

ସେହିପରି ଜି-୨୦ ରାଷ୍ଟ୍ର ସମୂହ ଓ ବିଶ୍ୱର ଅନ୍ୟ ଅଞ୍ଚଳଗୁଡ଼ିକ ସମ୍ପ୍ରତି 'ସ୍ୱେଚ୍ଛାଚାରିତାର ତୃତୀୟ ପ୍ରବାହ'ର ଅଂଶ, ଯାହାକି ଭାରତ, ବ୍ରାଜିଲ, ଆମେରିକା ଓ ତୁର୍କୀ ଭଳି ବୃହତ୍ ଜନସଂଖ୍ୟା ବିଶିଷ୍ଟ ବଡ଼ ଅର୍ଥନୀତିକୁ ପ୍ରଭାବିତ କରୁଛି। ଅଭିବ୍ୟକ୍ତି ଓ ଗଣମାଧ୍ୟମର ସ୍ୱାଧୀନତା ଉପରେ ଆକ୍ରମଣ ଏବେ ୩୧ ରାଷ୍ଟ୍ରକୁ ପ୍ରଭାବିତ କରୁଛି, ଯାହାକି ଦୁଇବର୍ଷ ପୂର୍ବେ ୧୯ ଦେଶରେ ସୀମିତ ଥିଲା। ବିଗତ ୧୦ ବର୍ଷ ମଧ୍ୟରେ ଭାରତ ସମେତ ଏହି ଦେଶଗୁଡ଼ିକରେ ଶୈକ୍ଷିକ ସ୍ୱାଧୀନତା ୧୩% ହ୍ରାସ ପାଇଛି। ଶାନ୍ତିପୂର୍ଣ୍ଣ ସମାବେଶ ଓ ବିକ୍ଷୋଭ କରିବା ଅଧିକାର ହାରାହାରି ୧୪% କମିଛି।

ଉଦାର ଗଣତନ୍ତ୍ର ସୂଚକାଙ୍କ କ୍ଷେତ୍ରରେ ବିଗତ ୧୦ ବର୍ଷ ଧରି ନିମ୍ନଗାମୀ ହେଉଥିବା ଶୀର୍ଷ ୧୦ ଦେଶକୁ ନେଇ ଏଥିରେ ଅବତାରଣା କରାଯାଇଛି। ଭାରତ ଏକ ନିର୍ବାଚନଭିତ୍ତିକ ଗଣତନ୍ତ୍ର ଭାବେ ସୂଚୀବଦ୍ଧ ହୋଇଥିଲେ ସୁଦ୍ଧା ଦେଶରେ ଅବକ୍ଷୟମୁଖୀ ଗଣତାନ୍ତ୍ରିକ ମୂଲ୍ୟବୋଧର ସଙ୍କେତ ବାରିହୋଇ ପଡୁଛି ବୋଲି ରିପୋର୍ଟରେ ସତର୍କ କରାଯାଇଛି। ଇତିମଧ୍ୟରେ ବିଶ୍ୱ ପ୍ରେସ୍ ସ୍ୱାଧୀନତା କ୍ଷେତ୍ରରେ ଭାରତର ବିପର୍ଯ୍ୟୟର କାରଣ ଖୋଜି ପ୍ରସ୍ତାବ ଦେବା ପାଇଁ ଏକ ସେଣ୍ଟ୍ରାଲ ଇଣ୍ଡେକ୍ସ ମନିଟରିଂ ସେଲ୍‌କୁ ଦାୟିତ୍ୱ ଦିଆଯାଇଥିବା ଏଥିରେ କୁହାଯାଇଛି।

## ଓଡ଼ିଶାରେ ଜିଏସ୍‌ଟି ...

ଜିଏସ୍‌ଟି ସମାଧାନ ପରେ ରାଜ୍ୟ ୪୮୦.୮୩ କୋଟି ଟଙ୍କା ଲାଭ କରିଛି। ଏହା ଗତ ବର୍ଷ ସମାନ ସମୟରେ ୩୦୭.୬୯ କୋଟି ଟଙ୍କା ରହିଥିଲା। ସେହିଭଳି ସେସ୍ ସଂଗ୍ରହରେ ୫୭.୫୫% ବୃଦ୍ଧି ହୋଇଥିବା ସୂଚନା ମିଳିଛି। ଲକଡାଉନ ଯୋଗୁ ଚଳିତ ବର୍ଷ ଟିକସ ସଂଗ୍ରହ ବାଧାପ୍ରାପ୍ତ ହୋଇଛି। ଚଳିତ ଆର୍ଥିକ ବର୍ଷ ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ରାଜ୍ୟ ପରୋକ୍ଷ ଟିକସ ଆଦାୟ ୮.୪୮% ନିମ୍ନରେ ରହି ୪୩୦୯.୨୯ କୋଟି ଟଙ୍କା ରହିଛି। ଗତ ବର୍ଷ ସମାନ ସମୟରେ ଏହା ୪୭୦୮.୩୯ କୋଟି ଟଙ୍କା ରହିଥିଲା। ସେହିଭଳି ଏପ୍ରିଲ-ଅକ୍ଟୋବରରେ ମୋଟ ଜିଏସ୍‌ଟି ଆଦାୟ କଥା ବିଚାରକୁ ନେଲେ ଏହା ୧୪,୭୦୧ କୋଟି ଟଙ୍କା ରହିଛି। ଗତ ବର୍ଷ ସମାନ ଅବଧିରେ ଏହା ୧୭,୦୨୦ କୋଟି ଟଙ୍କା ରହିଥିଲା। ସେହିଭଳି ରାଜ୍ୟ ମଧ୍ୟରେ ଭାଟ୍ ସଂଗ୍ରହ ଗତମାସଠାରୁ ଉନ୍ନତି ପରିଲକ୍ଷିତ ହୋଇଛି। ଚଳିତ ବର୍ଷ ସେପ୍ଟେମ୍ବର ଏବଂ ଅକ୍ଟୋବରରେ ପେଟ୍ରୋଲିୟମ ଡିଲରଙ୍କଠାରୁ ଯଥାକ୍ରମେ ୪୬୪.୨୫ କୋଟି ଓ ୫୧୪.୨୯ କୋଟି ଟଙ୍କାର ଟିକସ ଆଦାୟ କରାଯାଇଛି। ସେହିଭଳି ଅଣ ଜିଏସ୍‌ଟି ରାଜସ୍ୱ ଆଦାୟରେ ବୃଦ୍ଧି ଦେଖାଯିବା ସହ ଏହା ୩୬.୦୫% ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଧନ ସ୍ଥାନରେ ରାହୁ ସହ ଚନ୍ଦ୍ର ଯୋଗ ଧନହାନିର କାରଣ ହୋଇପାରେ। ମିଥ୍ୟାଭାଷଣରୁ ବନ୍ଧୁ ସମ୍ପର୍କ ଫିକା ପଡିଯିବ ଏବଂ ଯାନବାହନରେ ଅସୁବିଧାର ସମ୍ମୁଖୀନ ହେବେ। ପ୍ରଶାସନ, ପ୍ରକାଶନ, ଅଧ୍ୟୟନ ଓ ଅଧ୍ୟାପନା ଓ ସାହିତ୍ୟ, ଗବେଷଣା, ସାମ୍ବାଦିକତା କ୍ଷେତ୍ରରୁ ଶୁଭଫଳ ମିଳିବ।

**ବୃଷ**
ଆଜି ପାପଗ୍ରହ ଯୁକ୍ତ କାରଣରୁ ପ୍ରତ୍ୟେକ ପରିସ୍ଥିତିରେ ଆପଣ କମ୍‌ଜୋର ରହିବେ। ଅଧିକାଂଶ ସମୟ ମାନସିକ ଅସ୍ଥିରତା ସଙ୍ଗକୁ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁଁ ମନ ଉଦାସ ରହିବ। ପରିବାରରେ ସାଧାରଣ କଥାରେ କ୍ଷୁବ୍ଧ ହୋଇ ସ୍ତ୍ରୀ ମୁହଁ ଫେରାଇ ନେଇପାରନ୍ତି।

**ମିଥୁନ**
ବ୍ୟୟସ୍ଥାନ ପାପଗ୍ରହ ପ୍ରଭାବରୁ ଖର୍ଚ୍ଚଭାର ବୃଦ୍ଧି ପାଇବା ଦୁଶ୍ଚିନ୍ତାର କାରଣ ହେବ। ଇଚ୍ଛା ନ ଥିଲେ ଅସ୍ଥିର ମନ ହେତୁ କଥାରେ ସଂଯମତା ହରାଇବେ ଓ ସମସ୍ୟାକୁ ଡାକି ଆଣିଲା ଭଳି କାମ କରିପାରନ୍ତି। କ୍ରୀଡା, କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ଉଚ୍ଚ ସମ୍ମାନ ପାଇପାରନ୍ତି।

**କର୍କଟ**
ଆପଣଙ୍କ ରାଶି ଅଷ୍ଟାଗ୍ରହ ଶନିଙ୍କ ଦୃଷ୍ଟିରେ ଥିବାରୁ ସହନଶୀଳତା ଓ ଉଦାର ମନୋଭାବ କାରଣରୁ ଅନ୍ୟମାନଙ୍କର ପ୍ରିୟପାତ୍ର ହେବେ। କିନ୍ତୁ ଅତ୍ୟଧିକ ଭାବପ୍ରବଣତା କାରଣରୁ ସାଧାରଣ ସମସ୍ୟା ଗୁରୁତର ମନେ ହୋଇପାରେ। କରଜଦାତାଙ୍କ ଚାପ ବୃଦ୍ଧି ପାଇବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ।

**ସିଂହ**
କର୍ମାଧିପ ନୀଚରାଶିରେ ଥିବାରୁ ଆଜିର କାର୍ଯ୍ୟରେ କିଛିଟା ବ୍ୟତିକ୍ରମ ସୃଷ୍ଟିହୋଇପାରେ। ପାରିବାରିକ କ୍ଷେତ୍ରରେ କିଛି କହିବା ଅପେକ୍ଷା ବରଂ ନୀରବ ରହିପାରିଲେ ଭଲ ହେବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ତଥାପି କାମର ଚାପ ବହୁତ ବଢିଯିବ। ଶିଳ୍ପ,ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବହୁତ ଭଲ।

**କନ୍ୟା**
ବ୍ୟକ୍ତିଗତ ମଜା ମଉଜ ଓ ସୁଖ, ସୁବିଧାକୁ ପ୍ରାଧାନ୍ୟ ଦେଇ ଦାୟିତ୍ୱପୂର୍ଣ୍ଣ କାମଗୁଡିକୁ ଅବହେଳା କରିବେ। ଫଳତଃ ପରିବାର ଭିତରେ କିଛିଟା ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ବନ୍ଧୁଙ୍କ ଅନୁରୋଧ କ୍ରମେ ଭ୍ରମଣ କାରଣରୁ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ତୁଳା**
ପାଇବାକୁ ଥିବା ଅର୍ଥ କିମ୍ବା କୌଣସି ଜିନିଷପତ୍ର ସକାଶେ କଳହର ସମ୍ମୁଖୀନ ହୋଇପାରନ୍ତି। କର୍ମକ୍ଷେତ୍ରରେ ଅଟକି ରହିଥିବା ବହୁତଗୁଡାଏ କାମ ଟେନ୍‌ସନ ବଢାଇବ। ଅପ୍ରିୟ ସତ୍ୟ କଥା ପ୍ରକାଶ କରିବା ଦ୍ୱାରା ସମ୍ମାନ ବୃଦ୍ଧି ପାଇବ କିନ୍ତୁ ପରୋକ୍ଷ ଶତ୍ରୁତା ମଧ୍ୟ ସୃଷ୍ଟି ହେବ।

**ବିଛା**
ମାନସିକ ସ୍ଥିତି ସେତେଟା ଭଲ ନ ଥିଲେ ମଧ୍ୟ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସକାଶେ ବୃହସ୍ପତିଙ୍କ ଅବଦାନ ରହିବ। କିନ୍ତୁ ପରିଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବା କାରଣରୁ ବିଚଳିତବୋଧ କରିପାରନ୍ତି। ସାମ୍ବାଦିକତା, ରାଜନୀତି, ନୂତନ କର୍ମାରମ୍ଭ, କଳା, ସାହିତ୍ୟ ଓ ଏଜେନ୍ସିପ୍ ପ୍ରଭୃତିରୁ ସୁଫଳ ପାଇବେ।

**ଧନୁ**
ଆପଣଙ୍କ ରୋକ୍‌ଠୋକ୍ କଥା ବନ୍ଧୁଙ୍କ ମନରେ ଆଘାତ ସୃଷ୍ଟି କରିବ। ଅନ୍ୟମନସ୍କତା କିମ୍ବା ବିସ୍ମରଣ ଜନିତ କୌଣସି ଜିନିଷ ହରାଇ ପାରନ୍ତି। ସହକର୍ମୀ, ଭାଇଉଣୀ, ଅଧସ୍ତନ କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟ ସାଧନ କରିବେ। ଜୋର୍ କରି ଅନ୍ୟମାନଙ୍କଠାରୁ ଅର୍ଥ, କାମ, ଆଦାୟ କରି ସମାଲୋଚିତ ହୋଇପାରନ୍ତି।

**ମକର**
ଆଜି ଯାହା ଓ ଯେମିତି ଆଶା କରୁଛନ୍ତି ସେମିତି ହିଁ ପାଇବାରେ କୌଣସି ଅସୁବିଧା ରହିବ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ଝଗଡା ଲାଗିପାରେ। ବିବାଦୀୟ ଘଟଣାରେ ପ୍ରତିଦ୍ୱନ୍ଦ୍ୱିତା କ୍ରମଶଃ ବୃଦ୍ଧି ପାଇବ। ପଡୋଶୀମାନେ କଅଁଳିଆ କଥା କହି କାର୍ଯ୍ୟ ହାସଲ କରିବାର ଅପଚେଷ୍ଟା କରିପାରନ୍ତି।

**କୁମ୍ଭ**
ପାରିବାରିକ କ୍ଷେତ୍ରରେ ସବୁ ଜାଣିଶୁଣି ସମସ୍ତ ନୀରବତା ଅବଲମ୍ବନ କରିବାକୁ ବାଧ ହେବେ। କର୍ମକ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ନିକଟ ସମ୍ପର୍କୀୟ ମାନଙ୍କ ଈର୍ଷା ଓ ଅସୂୟା ଭାବ ଯୋଗୁଁ ବିଚଳିତବୋଧ କରିପାରନ୍ତି।

**ମୀନ**
ଆଜିର ଆଲୋଚନା ପରିସରରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁଁ ମନ ଭଲ ରହିବନାହିଁ। ଅସୁସ୍ଥତା କାରଣରୁ କେତେକ କାମରେ ଅବହେଳା କରିପାନ୍ତି। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରେ ବେଶ୍ ଆଦୃତ ହେବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଲାଭବାନ ହେବାର ଆଶା ରହିଛି।

ଆଜି କାର୍ତ୍ତିକ କୃଷ୍ଣ ଦ୍ୱିତୀୟା ସୋମବାର, ନଭେମ୍ବର ୨ ତାରିଖ, ଭଜନ ସମ୍ରାଟ ଭିକାରୀ ବଳ ତିରୋଧାନ ଦିବସ, ରାଶିନକ୍ଷତ୍ର- କୃତ୍ତିକା/ବୃଷ, ମିଥୁନ ରାଶିର ଘାତବାର, ବିଛା ରାଶିର ଘାତଚନ୍ଦ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫.୫୨ମି. ଗତେ ଘ.୦୭.୨୨ମି. ମଧ୍ୟେ, ଘ.୦୮.୫୨ମି. ଗତେ ଘ.୧୧.୦୭ ମି. ମଧ୍ୟେ, ରାତ୍ରି ଘ.୦୭.୪୧ମି. ଗତେ ଘ.୧୧.୦୪ମି. ମଧ୍ୟେ, ଘ.୦୨.୨୮ମି. ଗତେ ଘ.୦୩.୧୯ମି.ମଧ୍ୟେ ଅମୃତ ବେଳା। ଦିବା ଘ.୦୭.୧୬ମି. ଗତେ ଘ.୦୮.୪୧ମି. ମଧ୍ୟେ ରାହୁକାଳ।

## ନୀରବତାକୁ ଦୁର୍ବଳତା ଭାବ ନାହିଁ: ଶଙ୍କରାଚାର୍ଯ୍ୟ

**ପୁରୀ ଅଫିସ,୧।୧୧:** ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ଭାବେ ସ୍ୱାମୀ ଅଧୋକ୍ଷଜାନନ୍ଦ ନିଜକୁ ପରିଚୟ ଦେବା ପରେ ନୂଆ ବିବାଦ ଉପୁଜିଛି। ଉତ୍ତର ପ୍ରଦେଶର ମଥୁରାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସ୍ୱାମୀ ଅଧୋକ୍ଷଜାନନ୍ଦ ଯୋଗଦେଇଥିଲେ। ସେଠାରେ ତାଙ୍କୁ ନେତା ଏବଂ ଅନେକ ବଡ଼ବଡ଼ିଆ ପୁରୀ ଶଙ୍କରାଚାର୍ଯ୍ୟ କହି ସ୍ୱାଗତ କରିଥିଲେ। ତେବେ ଏହାକୁ ନେଇ ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଖପ୍ପା ହୋଇପଡ଼ିଛନ୍ତି। ଏଥିପାଇଁ ସେ ଉତ୍ତରପ୍ରଦେଶ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ତାଙ୍କ ନୀରବତାକୁ ଦୁର୍ବଳତା ନ ଭାବିବାକୁ ସେ ଚେତାଇ ଦେଇଛନ୍ତି। ନକଲି ଶଙ୍କରାଚାର୍ଯ୍ୟଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଚିଠି ଲେଖିଛନ୍ତି। ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଏଥିପାଇଁ ତାଙ୍କୁ ଅପହରଣ ଓ ହତ୍ୟା ଷଡ଼ଯନ୍ତ୍ର କରାଯାଇଛି। ଅନେକ ଥର ଆକ୍ରମଣ ଉଦ୍ୟମ ମଧ୍ୟ ହୋଇଛି। ଏହାସତ୍ତ୍ୱେ ସେ ନୀରବ ରହିଛନ୍ତି। କାରଣ ତାଙ୍କ ପଦର ସ୍ୱତନ୍ତ୍ରତା ରହିଛି। ତାଙ୍କର ଏହି ନୀରବତାକୁ ସରକାର ଦୁର୍ବଳତା ବୋଲି ଭାବନ୍ତୁ ନାହିଁ। ଭାରତର ଧର୍ମଗୁରୁ ହେଉଛନ୍ତି ଶଙ୍କରାଚାର୍ଯ୍ୟ। ତାଙ୍କ ପ୍ରତି ଅବମାନନା ଓ ଅପମାନ କଦାପି ଗ୍ରହଣୀୟ ନୁହେଁ। ତେଣୁ ନକଲି ଶଙ୍କରାଚାର୍ଯ୍ୟଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରି ସେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି। ନିଜର ଭୁଲ ପରିଚୟ ଦେଇ ଅରାଜକତା ସୃଷ୍ଟି କରିବା ଗ୍ରହଣୀୟ ନୁହେଁ। ଧର୍ମ ନାଁରେ ଏପରି ଅରାଜକତାକୁ ପ୍ରଶ୍ରୟ ଦେବା ଦେଶର ଅସ୍ତିତ୍ୱ ଓ ଆଦର୍ଶ ପାଇଁ ଘାତକ। ତେଣୁ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ନିହାତି ଆବଶ୍ୟକ। ଧର୍ମଗୁରୁ ଓ ଧର୍ମୀୟ ପୀଠ ଆଉ ସୁରକ୍ଷିତ ନୁହେଁ ବୋଲି ସେ କ୍ଷୋଭର ସହ କହିଛନ୍ତି।


# classifieds Everyday
0674-2580101, 2549302

**automobile**

**HIRE**

Required 30Nos of Hyva(10 wheels) for mines project at Joda & Barbil having long term basis. Trip wise billing per month estimate bill 4.5L -5L Call - 9439856856, 9776001000. D-18734

**real estate**

**SALE**

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft Road ଏବଂ ବାସଉପଯୋଗୀ plot ଦିଆଯାଉଅଛି Sqft.650/- 7008045582, 9692003948 D-18775

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348232008, 9776974912 D-69189

**to-let**

**Godown space available near Puri bypass area 18000/-, open space 15000/-. 9938125254** D-18598

Shop TO-Let near NH-16, Rasulgarh, Bhubaneswar, Contact: 9861031002, 8480830749 D-18772

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**healthcare**

Herbal full body massage by smart / expert therapist. Contact: 8338067247. D-69798

Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69800

Swarna Spa gives Durga Puja offer @899 all type massages Ashok Nagar, 9556978408 D-70001

Get refreshment body massage by expert therapist contact for 7205084157. D-69799

Newly open full body massage SPA in Bhubaneswar. Contact: 7205058838. D-70003

Rejuvenate and Ayurvedic full body massage by smart therapist. 9348123330. D-70004

Refreshing your mind & body with best therapy at Lotus Spa. 8018234866 D-69571

**business**

ଘରେରହି ବ୍ୟବସାୟ କରନ୍ତୁ। କମ ପୁଞ୍ଜିନିବେଶ କରି ଅଧିକ ଆୟ କରନ୍ତୁ। ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ: Lee-on Homes Pvt. Ltd. Ph: 9437096909, 0674-2951640 D-69636

**education**

୨ଘଣ୍ଟାରେ ସବୁ ସମସ୍ୟାର ସମାଧାନ। ବଶୀକରଣ, ପ୍ରେମବିବାହ, ଶତ୍ରୁଦମନ ଇତ୍ୟାଦି। 8114853025 D-59969

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**LOST**

ମୋର ପୁରୀସ୍ଥିତ ରତ୍ନଗିରି ବିହାର ସିପସରୁବାଲି, ପୁରୀ ଖାତା ନଂ.- 43, plot No- 163, Hal Khata No- 142/52, plot No- 360/572, area- A.00. 234 decimal ଜାଗାର original ବିକ୍ରୟ କବଲା କେଉଁଠାରେ ହଜିଯାଇଛି। ତେଣୁ ଏହି original ଜାଗା କାଗଜ ହଜିଥିବା ହେତୁ ମୁଁ Magistrate affidavit କରି ନୂଆପଲ୍ଲୀ ଥାନାରେ station dairy କରିଛି। ଯେକୌଣସି ସହୃଦୟ ବ୍ୟକ୍ତି ଯଦି ଏହାକୁ ପାଇଥାନ୍ତି ତେବେ ନାମ- ମାନସ କୁମାର ଜେନା। plot No.- N6/542, Jaydev Vihar କିମ୍ବା Mobile No- 8249121207ରେ ଯୋଗାଯୋଗ କରିବାକୁ ଅନୁରୋଧ।
ଧ-୬୯୫୭୭


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଜୁଆ ଆଡ୍ଡାରୁ ସାଢ଼େ ୧୭ ଲକ୍ଷ ଜବତ

ବ୍ରହ୍ମପୁର ପୋଲିସ୍ ଜିଲା

ବ୍ରହ୍ମପୁର ଅଫିସ,୧।୧୧-ପାର୍ବଣରେ ବ୍ରହ୍ମପୁର ବ୍ରହ୍ମପୁର ପୋଲିସ ତରଫରୁ ଜୁଆଡ଼ିଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଡ୍ରାଇଭର୍ ଆରମ୍ଭ କରାଯାଇଥିଲା। ବ୍ରହ୍ମପୁର ପୋଲିସ ବିଭିନ୍ନ ଜୁଆଆଡ଼ା ଉପରେ ତୀକ୍ଷ୍ଣ ନଜର ରଖିଥିଲା। ଜୁଆଖେଳରୁ ବିଭିନ୍ନ ପ୍ରକାର ଅପରାଧ ହେଉଥିବା ଯୋଗୁଁ ପୋଲିସ ଏନେଇ ଏକ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରି ଜୁଆଡ଼ିଙ୍କୁ ଜଗିଥିଲା। ଜୁଆଆଡ୍ଡା ଉପରେ ପୋଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଗତ ମାସକ ମଧ୍ୟରେ ବ୍ରହ୍ମପୁର ପୋଲିସ ଜିଲାରେ ମୋଟ ୭୧ଟି ଜୁଆଆଡ଼ା ଠାବ କରାଯାଇଛି। ମୋଟ ୧୭ଲକ୍ଷ ୬୫ହଜାର ୭୫୩ଟଙ୍କା ପୋଲିସ ଜବତ କରିଥିବା ଏଏସପି ପ୍ରଭାତ ରାଉତରାୟ ସୂଚନା ଦେଇଛନ୍ତି। ସେହିପରି ପ୍ରାୟ ୪ ଶହ ଜୁଆଡ଼ିଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି।

### ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ପାତ୍ରପୁର,୧।୧୧(ଡି.ଏନ୍.ଏ.)- ଜରଡ଼ା ଥାନା ଅଞ୍ଚଳର ଜଣେ ମହିଳା ରବିବାର ଫିନାଇଲ୍ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ପାତ୍ରପୁର ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି। ପୀଡ଼ିତାଙ୍କ ସ୍ୱାମୀ ସବୁବେଳେ ମଦ୍ୟପାନ କରି ମାରପିଟ କରି ଆସୁଥିବା ବେଳେ ଯୌତୁକ ଦାବି କରି ବିବାହ ପରଠାରୁ ସ୍ତ୍ରୀଙ୍କୁ ନିର୍ଯ୍ୟାତନା ଦେଉଥିଲେ। ଦୁଇଦିନ ହେଲା ସମ୍ପୃକ୍ତ ମହିଳାଙ୍କୁ ତାଙ୍କ ସ୍ୱାମୀ ଅଧିକ ମାରପିଟ କରିବାରୁ ସେ ସହି ନ ପାରି ଫିନାଇଲ୍ ପିଇଥିବା ପ୍ରକାଶ କରିଛନ୍ତି। ଏ ନେଇ ଜରଡା ଥାନାଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁଙ୍କୁ ପଚାରିବାରୁ ପୂର୍ବରୁ ଅଭିଯୋଗ ହୋଇଥିଲା ଦୁଇ ଜଣଙ୍କୁ ଆପୋସ ବୁଝାଶୁଝା କରାଇ ମିଳିମିଶି ରହିବେ ବୋଲି କହିବା ପରେ ଛଡ଼ାଯାଇଥିଲା। ତେବେ ଉକ୍ତ ଘଟଣାରେ ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଛି।

### ସକାଳ ୭ରୁ ସନ୍ଧ୍ୟା ୭ ଖୋଲିବ ଦୋକାନ ପ୍ରତି ରବିବାର ବନ୍ଦ

ଜି.ଉଦୟଗିରି,୧।୧୧(ଡି.ଏନ.ଏ.)-ଶୀତ ଦିନରେ ଅଧିକ କରୋନା ସଂକ୍ରମଣ ଆଶଙ୍କା ରହିଥିବାରୁ ଜି.ଉଦୟଗିରି ବ୍ୟବସାୟୀ ସଂଘ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଚଳିତ ମାସରେ ସକାଳ ୭ରୁ ସନ୍ଧ୍ୟା ୭ ପର୍ଯ୍ୟନ୍ତ ଦୋକାନ ଖୋଲା କରିବାକୁ ସ୍ଥିର କରାଯାଇଥିବା ବେଳେ ମାସର ସବୁ ରବିବାର ଦୋକାନ ବନ୍ଦ ରଖିବ ବୋଲି ନିଷ୍ପତ୍ତି ହୋଇଛି। ବ୍ୟବସାୟୀ ସଂଘ ସଭାଗୃହରେ ସଭାପତି ସମୀର କୁମାର ପାଢ଼ୀଙ୍କ ସଭାପତିତ୍ୱରେ ରବିବାର ଆୟୋଜିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିରେ କାର୍ଯ୍ୟକାରିଣୀ ସଭ୍ୟମାନଙ୍କ ସହିତ ବରିଷ୍ଠ ବ୍ୟବସାୟୀମାନେ ଯୋଗ ଦେଇଥିଲେ।

### ହରିକୃଷ୍ଣପୁରରେ ଭାଗବତ ପାରାୟଣ ଆରମ୍ଭ

ଶେରଗଡ଼,୧।୧୧(ଡି.ଏନ୍.ଏ.)- ଶେରଗଡ ବ୍ଲକ ହରିକୃଷ୍ଣପୁର ଗ୍ରାମରେ ରବିବାର ଭାଗବତ ପାରାୟଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପୂଜାର୍ଚ୍ଚନା ପରେ ଏହାକୁ ଆରମ୍ଭ କରାଯାଇଥିଲା। ଟ୍ରଷ୍ଟି ବିପ୍ରଚରଣ ମିଶ୍ର, ରଜନୀକାନ୍ତ ତ୍ରିପାଠୀ, ସୁଧାକର ପାଢୀଙ୍କ ତତ୍ତ୍ୱାବଧାନରେ ଏହା ଏକ ମାସ ଧରି ଚାଲିବ। ପ୍ରତିଦିନ ଭାଗବତ ପାରାୟଣ କାର୍ଯ୍ୟକ୍ରମ ରହିଛି। କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଏହା ଉଦ୍‌ଯାପିତ ହେବ।

### ପିଆଜ ୮୦, ଆଳୁ ୪୦: ଖାଉଟୀ ହନ୍ତସନ୍ତ

ଶେରଗଡ,୧।୧୧(ଡି.ଏନ.ଏ.)- ଆଳୁ ପିଆଜ ସାଙ୍ଗକୁ ପରିବା ଦର ଏବେ ଆକାଶ ଛୁଆଁ। ଫଳରେ ସାଧାରଣ ଗରିବ ଲୋକ ଏହା କିଣିବାକୁ ଭୟ କରୁଛନ୍ତି। ଶେରଗଡ ବଜାରରେ ଏବେ ଆଳୁ ଦର ୪୦ ଟଙ୍କା ଥିବାବେଳେ ପିଆଜ ୮୦ ଟଙ୍କାରେ ପହଞ୍ଚିଛି। ଯୋଗାଣ ବିଭାଗ ଓ ତହସିଲଦାର ଏ ଦିଗରେ ପଦକ୍ଷେପ ନେବା ସହ ଆଳୁ ପିଆଜ ଦର ନିୟନ୍ତ୍ରଣ କରନ୍ତୁ ବୋଲି ସାଧାରଣ ଖାଉଟୀ ଦାବି କରୁଛନ୍ତି। ଏପରି କିଛିଦିନ ରହିଲେ ଲୋକମାନଙ୍କ ଚଳିବା କଷ୍ଟକର ହୋଇପଡିବ। ବହୁ ଲୋକ ଏବେ ପିଆଜକୁ ଖାଦ୍ୟ ତାଲିକାରୁ ବାଦ୍ ଦେଲେଣି। ଅନ୍ୟମାନେ ମଧ କେଜିଏ ଜାଗାରେ ଅଢେଇଶ ନେଇ କାମ ଚଳାଉଛନ୍ତି। ରବିବାର ଠାରୁ କାର୍ତ୍ତିକ ବ୍ରତ ଆରମ୍ଭ ହୋଇଥିବାବେଳେ ହବିଷ୍ୟାଳୀ ଏଥିରୁ ମୁକ୍ତି ପାଇଛନ୍ତି।

# ବଟି ଆଦାୟ: ୨୬ ଗିରଫ ହେଲେଣି

**ଛତ୍ରପୁର,୧।୧୧(ଡି.ଏନ୍.ଏ.)**

ଗଞ୍ଜାମ ପୋଲିସ ଜିଲାରେ ବଟି ଆଦାୟକାରୀ ଓ ଜୁଆଖେଳ ଧରପଗଡ ପାଇଁ ସ୍ପେଶାଲ ଡ୍ରାଇଭ୍ ଚାଲିଛି। ବଟି ଆଦାୟକୁ କତଭଳି ରୋକାଯାଇପାରିବ ଓ କେହି ବଟି ଆଦାୟ କରିଥିଲେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସ୍‌ପି ବ୍ରିଜେଶ କୁମାର ରଏ ବିଭିନ୍ନ ଥାନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବଟି ମାଗିବା ଅଭିଯୋଗ ନେଇ ବିଭିନ୍ନ ଥାନା ପୋଲିସ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୧୩ ମାମଲା ରୁଜୁ କରାଯାଇଛି। ଏଥିରେ ସମ୍ପୃକ୍ତଙ୍କ ମଧ୍ୟରୁ ୨୬ ଜଣଙ୍କୁ ଗିରଫ କରାଯାଇଥିବା ରବିବାର ଏସ୍‌ପି ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ସେହିପରି ପାର୍ବଣରେ ଜିଲାରେ ଚାଲୁଥିବା ଜୁଆଖେଳରେ ରୋକ ଲଗାଇବା ପାଇଁ ଚଢ଼ାଉ ଜାରି ରହିଛି। ବିଭିନ୍ନ ଥାନା ପୋଲିସ ପକ୍ଷରୁ ଏକମାସ ହେଲା ଜୁଆ ଖେଳ ଉପରେ ନିୟମିତ ଚଢାଉ ଜାରି ରହିଛି। ତଥାପି ଜୁଆ ଖେଳ ବନ୍ଦ ହେଉନି। ଗତ ୨୪ ଘଣ୍ଟା ମଧ୍ୟରେ ଆଉ ୪୬ ଜୁଆଡି ଗିରଫ ହୋଇଥିବା ରବିବାର ଏସ୍‌ପି ଟ୍ୱିଟ୍ କରିଛନ୍ତି। ୮ ଟି ସ୍ଥାନରେ ଚାଲିଥିବା ଜୁଆଆଡ୍ଡା ଉପରେ ବିଭିନ୍ନ ଥାନା ପୋଲିସ ଚଢାଉ କରି ଏମାନଙ୍କୁ ଗିରଫ କରିବା ସହ ୨ ଲକ୍ଷ ୧୫ ହଜାର ୬୩୫ ଟଙ୍କା ଜବତ କରିଛି। ଅକ୍ଟୋବର ମାସରେ ଗଞ୍ଜାମ ପୋଲିସ ଜିଲାରେ ୧୪୮ଟି ଜୁଆଖେଳ ଉପରେ ଚଢାଉ କରାଯାଇଛି। ଉକ୍ତ ଜୁଆ ଖେଳରୁ ୮୬୩ ଜଣଙ୍କୁ ଗିରଫ କରାଯାଇ ସେମାନଙ୍କଠାରୁ ମୋଟ ୨୦ଲକ୍ଷ ୩୧ ହଜାର ୫୨୫ ଟଙ୍କା ଏବଂ ବାଇକ ଓ ମୋବାଇଲ ଫୋନ୍ ଆଦି ଜବତ କରାଯାଇଛି। ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ ଟ୍ରାଫିକ୍ ନିୟମ ଉଲ୍ଲଂଘନ ନେଇ ୩୬ ହଜାର ଟଙ୍କା ଓ ମାସ୍କ ନ ପିନ୍ଧିବା ବାବଦରେ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ବେଆଇନ୍ ମଦ କାରବାର ନେଇ ୧୦ଜଣଙ୍କୁ ଗିରଫ କରିବା ସହ ୧୬୪ ଲିଟର ମଦ ଜବତ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

- ଗଞ୍ଜାମ ପୋଲିସ ଜିଲା
- ମାସକରେ ଗିରଫ ହେଲେ ୮୬୩ ଜୁଆଡ଼ି

# ମିଳୁନି ସୁରାକ, ଚିନ୍ତାରେ ପୋଲିସ

**ବ୍ରହ୍ମପୁର ଅଫିସ,୧।୧୧**

ବ୍ରହ୍ମପୁର ବଡବଜାର ଅଞ୍ଚଳରେ ଥିବା ବିନୋଦ ଜୁଏଲେରିରୁ ୨କି.ଗ୍ରା. ୮୦୦ ଗ୍ରାମ ସୁନା ଗହଣା ଲୁଟ ଘଟଣାର ୪୦ ଘଣ୍ଟା ପରେ ବି ପୋଲିସକୁ ସେଭଳି କିଛି ସଫଳତା ମିଳିପାରିନାହିଁ। ଏହାପୂର୍ବରୁ ଆଉ କେତେକ ଚୋରି ଘଟଣାରେ ବି ପୋଲିସ ହାତ ଖାଲିରହିଛି। କରୋନା ମୁକାବିଲା ପାଇଁ ଯେତେବେଳେ ଲକ୍‌ଡାଉନ୍ ଜାରି ହୋଇଥିଲା ସେ ସମୟରେ ଲୁଟତରାଜ ଭଳି ଆପରାଧିକ ଘଟଣା ବନ୍ଦ ରହିଥିଲା। ଅନଲକରେ ଲୋକେ ଜୀବନଜୀବିକା ସ୍ୱାଭାବିକ କରିବାକୁ ଚେଷ୍ଟା କରୁଥିବା ବେଳେ ଲୁଟେରା ସୁଯୋଗ ହାତଛଡ଼ା କରୁନାହାନ୍ତି। ଏବେ ସହର ଓ ସହରତଳି ଚାରିଆଡ଼େ ଲୁଟେରା ମାତିଲେଣି। ତାଲା ବନ୍ଦ ଘର, ମନ୍ଦିର, ସୁନା ଦୋକାନ ସବୁଠିକୁ ସେମାନେ ଟାର୍ଗେଟ କରୁଛନ୍ତି। ପୋଲିସ ପାଟ୍ରୋଲିଂ କି ଯାଞ୍ଚର ଭୟ ନାହିଁ। ଲକ୍‌ଡାଉନ ସମୟରେ ପୋଲିସର କଡା ପାଟ୍ରୋଲିଂ କରୁଥିଲା। ଅନଲକରେ ତାହା ଏବେ ଧିମେଇ ଯାଇଛି ବୋଲି ବୁଦ୍ଧୀଜୀବୀ ମହଲରେ ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ, ପୂର୍ବରୁ ସଦର ଥାନା ଅନ୍ତର୍ଗତ ନିମଖଣ୍ଡି ମହାନ୍ତି ସାହିରେ ରହୁଥିବା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଞ୍ଚାନନ ଶତପଥୀଙ୍କ ଘରୁ ସେପ୍ଟେମ୍ବର ୨୯ ତାରିଖରେ ଡକାୟତି ହୋଇଥିଲା। ବୃଦ୍ଧ ଦମ୍ପତିଙ୍କୁ କାବୁ କରି ଲୁଟେରା ୧୨ ଭରି ସୁନା ଗହଣା ଓ ଦେଢ଼ ଲକ୍ଷ ଟଙ୍କା ଲୁଟି ଚମ୍ପଟ ମାରିଥିଲେ। ସେହିପରି ଅକ୍ଟୋବର ୧ରେ ଗୋଷାଣି ନୂଆଗାଁ ଥାନା ଅନ୍ତର୍ଗତ ଖଜୁରିଆ ବାଇପାସରେ ଥିବା ଚନ୍ଦ୍ରଚୂଡେଶ୍ୱର ମନ୍ଦିର ପରିସରରେ ଥିବା ମା କାଳୀ ମନ୍ଦିର ତାଲା ଭାଙ୍ଗି ମା'ଙ୍କ ସମସ୍ତ ସୁନା ଓ ରୁପା ଅଳଙ୍କାର ଚୋର ଗ୍ୟାଙ୍ଗ ଲୁଟି ନେଇଥିଲେ। ସେହିପରି ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବାଞ୍ଛାନିଧିନଗରରେ ରହୁଥିବା ଡାକ୍ତର ଦମ୍ପତିଙ୍କ ଘରେ ମଧ ଚୋର କଳାକନା ବୁଲାଇଥିଲେ। ଟାଉନ ଥାନା ଅନ୍ତର୍ଗତ ସୋମନାଥ ନଗରରେ ରହୁଥିବା କାଲିମ ସରିଫଙ୍କ ଘରୁ ୧୨ ଭରି ସୁନା ଗହଣା ଓ ୯୦ ହଜାର ଟଙ୍କା ଚୋରି ହୋଇଥିଲା। ଏସବୁ ଘଟଣାରେ ପୋଲିସ ତଦନ୍ତ ଜାରି ରଖିଥିଲେ ସୁଦ୍ଧା କିଛି ସୁରାକ ପାଇପାରିନାହିଁ।

**ସୁନା ଗହଣା, ଟଙ୍କା ଚୋରି ଘଟଣା**

# ରାସ୍ତା ଉପରେ ବାଲିଗଦା, ବଢୁଛି ଦୁର୍ଘଟଣା

**ଭଞ୍ଜନଗର,୧।୧୧(ଡି.ଏନ.ଏ.)**



ଦୁର୍ଘଟଣାଗ୍ରସ୍ତ ଗାଡି।

ଭଞ୍ଜନଗର କଲେଜ ରୋଡର କୁକୁଡା ଫାର୍ମ ସମ୍ମୁଖରେ ରବିବାର ଅପରାହ୍ନରେ ଏକ କାର- ପିକ୍‌ଅପ୍ ଭ୍ୟାନ୍ ମୁହାଁମୁହିଁ ଧକ୍କା ହେବାରୁ ୪ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଭଞ୍ଜନଗର ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଛି। ଭଞ୍ଜନଗର ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି। କୌଣସି ବ୍ୟକ୍ତି ଜାତୀୟ ରାଜପଥ ଉପରେ ବାଲି ଗଦା କରିବା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି।

ପ୍ରକାଶ ଯେ, କାରଟି ଟିକାବାଲିରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ବିପରୀତ ଦିଗରୁ ପିକ୍‌ଅପ୍ ଭ୍ୟାନଟି ଆସୁଥିଲା। ରାସ୍ତା ଉପରେ ବାଲି ଗଦା ହୋଇଥିବାରୁ ପିକ୍‌ଅପ୍ ଭ୍ୟାନ ଚାଳକ ଆଗକୁ ଠିକ୍ ଭାବେ ଦେଖିପାରି ନ ଥିଲେ। ଅନ୍ୟପଟେ କାର୍‌ଟି ଡାହାଣକୁ ମାଡି ଯିବାବେଳେ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ସହରର ଅନେକ ଗଳିକନ୍ଦିରେ ଲୋକେ ଘର କାମ କରିବାବେଳେ ମନଇଚ୍ଛା ରାସ୍ତା ଉପରେ ବାଲି, ଚିପ୍ସ, ଇଟା ଗଦାକରି ରଖୁଛନ୍ତି। ଏହାଦ୍ୱାରା ରାସ୍ତାରେ ଗମନାଗମନରେ ଅସୁବିଧା ହେଉଛି। ଅନେକ ଦୋକାନୀ ମଧ ରାସ୍ତା ଜବରଦଖଲ କରି ବ୍ୟବସାୟ କରୁଛନ୍ତି। ଦୋକାନକୁ ଆସୁଥିବା ଗ୍ରାହକମାନେ ରାସ୍ତା ଉପରେ ଗାଡି ରଖିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଏନ୍‌ଏସି ପ୍ରଶାସନ ଏନେଇ କୌଣସି କଡା ପଦକ୍ଷେପ ନେଉ ନଥିବାରୁ ଦୈନିନ୍ଦିନ ସହରରେ ଛୋଟବଡ ଦୁର୍ଘଟଣା ଘଟୁଛି। ଯାହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

**ପିକ୍‌ଅପ୍ ଭ୍ୟାନ୍-କାର ମୁହାଁମୁହିଁ: ୪ ଆହତ**

# ଅଟୋ ତଳେ ଚାପି ହୋଇ ଯୁବକ ମୃତ

**ବ୍ରହ୍ମପୁର ଅଫିସ,୧।୧୧**

ସଦର ଥାନା ଅନ୍ତର୍ଗତ ଲାଠି ନିକଟ ସରସ୍ୱତୀ ନଗରଠାରେ ରବିବାର ଭୋର୍‌ରେ ଏକ ଦୁର୍ଘଟଣାଗ୍ରସ୍ତ ଅଟୋ ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୁଣା ବ୍ରହ୍ମପୁର ନୀଳକଣ୍ଠନଗରର ସିଲୁ ସାହୁ। ସିଲୁ କୌଣସି କାମରେ ଶନିବାର ରାତିରେ ଲାଠି ଯାଇଥିଲେ। ରବିବାର ଭୋରରେ ସେ ଅଟୋ (ନଂ.ଓଆର୦୭ଏମ୬୭୬୧)ରେ ଫେରୁଥିଲେ। ବେପରୁଆ ଗାଡ଼ିଚାଳନା ଯୋଗୁ ଏକ ବୁଲାଣିଆ ରାସ୍ତାରେ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସିଲୁ ଛିଟିକି ପଡ଼ିଥିବା ବେଳେ ତାଙ୍କ ଉପରେ ଅଟୋ ଓଲଟି ପଡିଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର ବେଳେ ବାଟରେ ସିଲୁଙ୍କ ମୃତ୍ୟୁ ଘଟିଥିବା ପୋଲିସ କହିଛି। ଏ ନେଇ ନଂ.୩୨୯/୨୦ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ଅଟୋକୁ ଜବତ କରିଛି।

CENTRAL INSTRUMENTATION FACILITY
ODISHA UNIVERSITY OF AGRICULTURE AND TECHNOLOGY, BHUBANESWAR-751003
Email : cifouat@gmail.com, clabouat@gmail.com
Telephone : 0674-2562360 Website : www.ouat.nic.in
No: 74/CIF/OUAT/2020 Dated : 29.10.2020
Walk in interview is to be held on 11th November 2020 at 10 a.m. for contractual engagement of two posts of young professionals at the Central Instrumentation Facility of OUAT, Bhubneswar. The details regarding essential/ desirable qualifications, age, amount of emoluments, date, time and venue, etc. and other terms and conditions are available in the OUAT website - www.ouat.nic.in .
Sd/-
OFFICER IN CHARGE

# ବୃନ୍ଦାବନ ନାୟକଙ୍କ ଶ୍ରାଦ୍ଧବାର୍ଷିକୀ

**ବ୍ରହ୍ମପୁର ଅଫିସ,୧।୧୧**



ବୃନ୍ଦାବନ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ରହ୍ମପୁର ଏମ୍‌ପି ଓ ଅନ୍ୟମାନେ।

ପୂର୍ବତନ ମନ୍ତ୍ରୀ ବୃନ୍ଦାବନ ନାୟକଙ୍କ ୩୬ତମ ଶ୍ରାଦ୍ଧବାର୍ଷିକୀ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ବୃନ୍ଦାବନ ନାୟକ ସ୍ମୃତି କମିଟି ପକ୍ଷରୁ ହିଲପାଟଣାଠାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏସଏମଆଇଟି ସଭାପତି ଭଗବାନ ଗନ୍ତାୟତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଜାମୁଲା ଶଙ୍କର ନାରାୟଣ, ପ୍ରମୋଦ କୁମାର ପଣ୍ଡା, ବିଜେଡି ନେତ୍ରୀ ମମତା ବିଷୋୟୀ, ଗଞ୍ଜାମ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ନେହଲତା ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ନାୟକଙ୍କ ସ୍ମୃତିଚାରଣ କରିଥିଲେ। ପୂର୍ବାହ୍ନରେ ନୀଳକଣ୍ଠେଶ୍ୱର ପୋଖରୀରେ ସ୍ୱର୍ଗତ ନାୟକଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ କମିଟି ପକ୍ଷରୁ ସମାଧିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ କମାପଲ୍ଲୀସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ମାଲ୍ୟାର୍ପଣ ବେଳେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କ ସମେତ ବହୁ ବରିଷ୍ଠ ବ୍ୟକ୍ତି, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ଏକତା ପାଇଁ ଶପଥ ପାଠ

**ପାଟପୁର,୧।୧୧**

ଆସିକା ଡାକମଣ୍ଡଳ ଅଧୀନ କଙ୍କୋରଡ଼ା ଉପଡ଼ାକଘର ପରିସରରେ ଶନିବାର ସପ୍ତମ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। କଙ୍କୋରଡ଼ା ଉପଡ଼ାକପାଳ ବିଦେଶୀ ମଳିକଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଶିକ୍ଷା ବିକାଶ ସମିତିର ପ୍ରାଦେଶିକ ସଂଯୋଜକ ବଳରାମ ସାହୁ ଓ ଆସିକା ଡାକମଣ୍ଡଳ ପ୍ରତିନିଧି ସୀମାଞ୍ଚଳ ମହାରଣା ଅତିଥି ରୂପେ ଯୋଗ ଦେଇଥିଲେ। ଅତିଥି ବଳରାମ ସାହୁ ସମସ୍ତଙ୍କୁ ରାଷ୍ଟ୍ରୀୟ ଏକତା ପାଇଁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଆଡ଼ପଡା ଶାଖା ଡାକପାଳ କୃଷ୍ଣଚନ୍ଦ୍ର ରାଉତ, ଡେଙ୍ଗାଡି ଶାଖା ଡାକପାଳ ମନୋଜ କୁମାର ପଟ୍ଟନାୟକ, କଉଡ଼ିଆ ଶାଖା ଡାକପାଳ ଦେବାଶିଷ ପଟ୍ଟନାୟକ ଓ କୁରୁଳା ଶାଖା ଡାକପାଳ ରାମଚନ୍ଦ୍ର ପଟ୍ଟନାୟକ ଉପସ୍ଥିତ ଥିଲେ। ଡାକ କର୍ମଚାରୀ ପଞ୍ଚାନନ ଡାକୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୈଳାଶ ଚନ୍ଦ୍ର ଡାକୁଆ ଓ ରବୀନ୍ଦ୍ର ପାଣିଗ୍ରାହୀ ସହଯୋଗ କରିଥିଲେ।

# ହିଞ୍ଜିଳି, ଛତ୍ରପୁର ଇନ୍‌ଡୋର ହଲ୍ ଉଦ୍‌ଘାଟନ ଆଜି

**ଛତ୍ରପୁର,୧।୧୧(ଡି.ଏନ.ଏ.)**

ଗଞ୍ଜାମ ଜିଲାର ହିଞ୍ଜିଳି ଓ ଛତ୍ରପୁରଠାରେ ନବନିର୍ମିତ ଇନ୍‌ଡୋର୍ ହଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭିଡିଓ କନଫରେନ୍ସ ଜରିଆରେ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଛି। ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ଏହି ୨ ଇନଡୋର ହଲ୍ ନିର୍ମାଣ ହୋଇଛି। ହିଞ୍ଜିଳିରେ ୧୦ କୋଟି ୯୮ ଲକ୍ଷ ୭୫ ହଜାର ୨୨୭ ଟଙ୍କା ବ୍ୟୟରେ ନିର୍ମିତ ଇନ୍‌ଡୋର ହଲ୍‌ରେ ୪ ବ୍ୟାଡମିଣ୍ଟନ କୋର୍ଟ, ଗୋଟିଏ ଲେଖାଏ ଟେବୁଲ୍ ଟେନିସ୍, ଚେସ୍, ବାସ୍କେଟବଲ୍ ଓ ଭଲିବଲ୍ କୋର୍ଟ ରହିଛି। ସେହିପରି ଛତ୍ରପୁରରେ ୨ କୋଟି ୬୧ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଇନଡୋର ର ହଲ୍‌ରେ ୩ଟି ବ୍ୟାଡମିଣ୍ଟନ କୋର୍ଟ ଏବଂ ଗୋଟିଏ ଲେଖାଏ ଟେବୁଲ୍ ଟେନିସ ଓ ଚେସ୍ କୋର୍ଟ ରହିଛି। ଉଦ୍‌ଘାଟନ ନେଇ ପ୍ରଶାସନ ସମସ୍ତ ପ୍ରସ୍ତୁତି ସାରିଛି।



ରାୟଗଡ଼ା ଜିଲା ଟିକିରି କାରାକୁନ୍ଦୁଲି ସାହିମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା ।

# ଖାଦ୍ୟ ବିଜ୍ଞାନର ପରିଭାଷା ପରିବର୍ତ୍ତନଶୀଳ

**ନବରଙ୍ଗପୁର,୧।୧୧(ବି.ପ୍ର.)**

ଖାଦ୍ୟ ବିଜ୍ଞାନର ପରିଭାଷା ଅନେକ ମାତ୍ରାରେ ପରିବର୍ତ୍ତନ ହୋଇଛି। ଏହା ଆଗକୁ ଅଧିକ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି ବୋଲି ଜାତୀୟ ପ୍ରତିରକ୍ଷା ଗବେଷଣା ସଂସ୍ଥାନ ନିର୍ଦ୍ଦେଶକ ଡଃ ଅମୂଲ୍ୟ କୁମାର ପଣ୍ଡା ମତବ୍ୟକ୍ତ କରିଛନ୍ତି । 'ମୁଁ ବି ସମର୍ଥ' ନବମ ଭାଗ କ୍ୟାରିୟର ବିକାଶ କାର୍ଯ୍ୟକ୍ରମ ରେ ଯୋଗ ଦେଇ ଖାଦ୍ୟ ବିଜ୍ଞାନ ଓ ପ୍ରତିରକ୍ଷା ବିଜ୍ଞାନ ରେ ଅନେକ ପରିବର୍ତ୍ତନ ଘଟିଛି। ଜନସଂଖ୍ୟା ବୃଦ୍ଧି ଏବଂ ପରିବେଶଗତ ସମସ୍ୟାକୁ ଦୃଷ୍ଟିରେ ରଖି ଖାଦ୍ୟ ବିଜ୍ଞାନ ଓ କୌଶଳରେ ଆସନ୍ତା ଦିନରେ ଅନେକ ପରିବର୍ତ୍ତନ ଘଟିବ। ତେଣୁ ଖାଦ୍ୟ ବିଜ୍ଞାନରେ କ୍ୟାରିୟର ସୁଯୋଗ ଅନେକ ମାତ୍ରାରେ ବଢିବ ବୋଲି ସେ କହିଛନ୍ତି। ବୃକ୍ଷଲତାରେ ପ୍ରତିରୋଧ ଶକ୍ତି ରହିଥିବାରୁ ଔଷଧୀୟ ବୃକ୍ଷର ଚାହିଦା ଅନେକ ମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି। ବିକାଶଶୀଳ ରାଷ୍ଟ୍ରରେ ଅଧିକରୁ ଅଧିକ ଚାହିଦା ବୃଦ୍ଧି ପାଇଥିବାରୁ ଖାଦ୍ୟ ବିଜ୍ଞାନର ପରିଭାଷାରେ ପରିବର୍ତ୍ତନ ଘଟିଛି। ବିଦ୍ୟାର୍ଥୀଙ୍କ ପାଇଁ ଏହି ବିଜ୍ଞାନରେ କର୍ମ ନିଯୁକ୍ତି ମଧ ବଢିବ ବୋଲି ଯୁକ୍ତରାଷ୍ଟ୍ର ଆମେରିକା ପୋଷଣ ସଂସ୍ଥା ବେଷ୍ଟ ନ୍ୟୁଟ୍ରିଶନ ପ୍ରଡକ୍ଟର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଡଃ ଅଭୟ କୁମାର ପତି କହିଛନ୍ତି। ଗୁଜୁରାଟସ୍ଥିତ ଇନ୍ନୋନିୟମ ନେଚର୍ ନିର୍ଦ୍ଦେଶକ ଡଃ ଏନ୍.ଏନ୍.ମିଶ୍ର ଏହି କାର୍ଯ୍ୟକ୍ରମରେ ଭାଗନେଇ ଭାରତୀୟ କୃଷି ଅନୁସନ୍ଧାନ ସଂସ୍ଥାନ, ବୈଜ୍ଞାନିକ ତଥା ଔଦ୍ୟୋଗିକ ଅନୁସନ୍ଧାନ ସଂସ୍ଥାନ, ବିଶ୍ୱ ବିଦ୍ୟାଳୟ ଏବଂ ଗବେଷଣା ସମ୍ପର୍କରେ କହିଥିଲେ। କେନ୍ଦ୍ରୀୟ ଖାଦ୍ୟ କୌଶଳ ଗବେଷଣା ସଂସ୍ଥାନ ହାଇଦ୍ରାବାଦର ପ୍ରଧାନ ବୈଜ୍ଞାନିକ ଡଃ ଜ୍ୟୋତିର୍ମୟୀ ଭାଗ ନେଇ ସି.ଏଫ.ଟି. ଆର୍.ଆଇରେ ରହିଥିବା ଅନେକ ଜ୍ଞାନ କୌଶଳ, ଗବେଷଣାରେ ଉଦ୍ୟୋଗୀଙ୍କ ପାଇଁ ସୁଯୋଗ ସମ୍ପର୍କରେ କହିଥିଲେ। ଏନ୍.ଆଇ.ଟି. ରାଉରକେଲାର ଖାଦ୍ୟ ପ୍ରକ୍ରିୟାକରଣ ବିଭାଗ ମୁଖ୍ୟ ପ୍ରଫେସର ରାମଚନ୍ଦ୍ର ପ୍ରଧାନ ଖାଦ୍ୟ ଇଞ୍ଜିନିୟରିଂରେ ରହିଥିବା ସୁବିଧା ଓ ଜ୍ଞାନ କୌଶଳ ବିନିଯୋଗରେ ଉଦ୍ୟୋଗୀଙ୍କୁ କର୍ମ ସଂସ୍ଥାନ ମିଳିପାରିବ ବୋଲି କହିଥିଲେ। ଏହାକୁ 'ମୁଁ ବି ସମର୍ଥ' କାର୍ଯ୍ୟକ୍ରମ ସଂଯୋଜକ ତଥା ଉପସ୍ଥାପକ ଲକ୍ଷ୍ମୀ ନାରାୟଣ ବକ୍ସି ପରିଚାଳନା କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲାର ଛାତ୍ରୀଛାତ୍ରଙ୍କ ସହ ବିଭିନ୍ନ ପ୍ରଦେଶର ବିଦ୍ୟାର୍ଥୀ ଭାଗ ନେଇ ସେମାନଙ୍କ କ୍ୟାରିୟର ସମ୍ବନ୍ଧୀୟ ପ୍ରଶ୍ନ ପଚାରି ବୁଝିଥିଲେ।



ୱେବିନାୟରେ ଭାଗ ନେଇଥିବା ଛାତ୍ରୀଛାତ୍ର ଓ ଅତିଥି।

# ସଙ୍କଟରେ ସିନେମା ହଲ୍ ମାଲିକ, କର୍ମଚାରୀ

**ବ୍ରହ୍ମପୁର ଅଫିସ,୧।୧୧**

ରାଜ୍ୟରେ ନଭେମ୍ବର ୧୬ ଯାଏ ସିନେମା ହଲ, ସୁଇମିଂ ପୁଲ୍, ଥିଏଟର ଏବଂ ଅଡିଟୋରିୟମ୍ ବନ୍ଦ ରହିବ ବୋଲି ରାଜ୍ୟ ସରକାର ଶନିବାର ଗାଇଡ୍‌ଲାଇନ୍ ଜାରି କରିଛନ୍ତି। କରୋନା ସ୍ଥିତିକୁ ଦେଖି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଛି। ସରକାରଙ୍କ ଏହି ନିଷ୍ପତ୍ତି ପରେ ବ୍ରହ୍ମପୁର ସହରରେ ଥିବା ବିଭିନ୍ନ ସିନେମା ହଲ୍ ମାଲିକ ଓ କର୍ମଚାରୀମାନେ ସଙ୍କଟରେ ପଡ଼ିଛନ୍ତି। କେନ୍ଦ୍ର ସରକାର ଅକ୍ଟୋବର ୧୫ରୁ ସିନେମା ହଲ୍ ଖୋଲିବା ନିମନ୍ତେ ଅନୁମତି ଦେଇସାରିଥିବାରୁ ନଭେମ୍ବର ୧ରୁ ରାଜ୍ୟ ସରକାର ମଧ ହଲ ଖୋଲିବାକୁ ଅନୁମତି ଦେବେ ବୋଲି ଆଶା ରଖିଥିଲେ। ମାଲିକମାନେ ସିନେମା ହଲକୁ ସାନିଟାଇଜ କରିବା ସହ ସଫାସୁତରା କରିଥିଲେ। କୋଭିଡ କଟକଣାରେ ଦର୍ଶକମାନେ ଯେଭଳି ସିନେମାର ମଜା ଉଠାଇପାରିବେ ସେ ନେଇ ମଧ ସ୍ୱତନ୍ତ୍ର ପ୍ରସ୍ତୁତି ହୋଇଥିଲା। ଟିକେଟ କାଉଣ୍ଟରଠାରୁ ଆରମ୍ଭ କରି ପ୍ରବେଶ ପଥ ପର୍ଯ୍ୟନ୍ତ ସବୁ ବ୍ୟବସ୍ଥା ସରିଥିଲା। ହେଲେ ଏହା ଉପରେ ଏବେ ପୂର୍ଣ୍ଣଚ୍ଛେଦ ପଡିଛି। ସିନେମା ହଲ ମାଲିକ ଓ କର୍ମଚାରୀଙ୍କୁ ଆହୁରି ୨ ସପ୍ତାହ ଅପେକ୍ଷା କରିବାକୁ ପଡ଼ିବ। ଏପଟେ ଅନ୍ୟ ସବୁ ଶିଳ୍ପ ସଂସ୍ଥା ଖୋଲିବା ପାଇଁ ରାଜ୍ୟ ସରକାର ଅନୁମତି ପ୍ରଦାନ କରିଥିବା ବେଳେ ମଧ ଦୀର୍ଘ ୮ ମାସ ଧରି ବନ୍ଦ ପଡ଼ିଥିବା ସିନେମା ହଲ୍ ଖୋଲିବା ନିଷ୍ପତ୍ତି ଘୁଞ୍ଚି ଘୁଞ୍ଚି ଯାଉଥିବାରୁ ମାଲିକ ଓ ହଲ୍ କର୍ମଚାରୀମାନେ ବିଶେଷ ପ୍ରଭାବିତ ହୋଇଛନ୍ତି। ସଙ୍କଟ ସମୟରେ କେତେଗୁଡ଼ିଏ ହଲ୍ ସବୁଦିନ ପାଇଁ ବନ୍ଦ ହୋଇଯାଇଥିବା ବେଳେ କେତେଜଣ ମାଲିକ ବ୍ୟାଙ୍କ ଋଣ ପରିଶୋଧ କରି ପାରିନାହାନ୍ତି। କର୍ମଚାରୀ ମାନଙ୍କୁ ଦରମା ନ ଦେଇ ପାରିବାରୁ ଛଟେଇ କରୁଛନ୍ତି। ହଲ୍ ବନ୍ଦ ହେବା ଫଳରେ ସେମାନଙ୍କର ଆର୍ଥିକ ଅବସ୍ଥା ଦୋହଲି ଯାଇଛି।

ସ୍ୱାଧୀନତାର ଅର୍ଥ– ଅନ୍ୟପ୍ରଦତ୍ତ ନିୟମ ପାଳନ କରିବା ନୁହଁ– ନିଜ ଉପରେ ନିଜ ପ୍ରଦତ୍ତ ନିୟମ ପାଳନ କରିବା ହିଁ ସ୍ୱାଧୀନତା। ପରିପୂର୍ଣ୍ଣ ସ୍ୱାଧୀନତା ଆମେ ସେତିକି ବେଳେ ଉପଭୋଗ କରିବୁ – ଯେତେବେଳେ ଆମ ଉପରେ ଭଗବାନ ଓ ଅଧ୍ୟାତ୍ମଚେତନାର ଏକାଧିପତ୍ୟ ରହିବ। **–ଶ୍ରୀଅରବିନ୍ଦ**

# ମାକ୍ରଁଙ୍କୁ ସମର୍ଥନ

ଫ୍ରାନ୍ସର ନିସ୍‌ରେ ଗତ ସପ୍ତାହରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଜଣେ ମହିଳାଙ୍କ ମୁଣ୍ଡକାଟ ହୋଇଥିବା ବେଳେ ଅନ୍ୟ ଦୁଇ ଜଣଙ୍କୁ ହତ୍ୟା କରାଯାଇଥିଲା। ଏଥିରେ ଅନେକ ଆହତ ହୋଇଥିଲେ। ଏହାର ଦୁଇ ସପ୍ତାହ ପୂର୍ବରୁ ପ୍ୟାରିସ୍ ସହରତଳି ଅଞ୍ଚଳରେ ଜଣେ ଶିକ୍ଷକ ସାମୁଏଲ ପାଟିଙ୍କ ମୁଣ୍ଡ କାଟି ଦିଆଯାଇଥିଲା। ପୃଥକ୍ ଘଟଣାରେ ବର୍ବରୋଚିତ କାର୍ଯ୍ୟ କରିଥିବା ଦୁଇ ମୁସଲମାନ ଯୁବକ ହେଉଛନ୍ତି ଫ୍ରାନ୍ସର ଶରଣାର୍ଥୀ। ବିଶ୍ୱ ଜନସଂଖ୍ୟା ଦେଖିଲେ ଖ୍ରୀଷ୍ଟିଆନ୍‌ଙ୍କ ପରେ ଦ୍ୱିତୀୟରେ ଅଛନ୍ତି ମୁସ୍‌ଲମାନ। କିନ୍ତୁ ଅନେକ ମୁସଲିମ୍ ରାଷ୍ଟ୍ରର ନାଗରିକ ଗଣତନ୍ତ୍ରକୁ ଏବେ ମଧ୍ୟ ଅପେକ୍ଷା କରି ରହିଛନ୍ତି। ଅର୍ଥାତ୍ ସାମରିକ ଶାସନ ବା ଏକଚ୍ଛତ୍ରବାଦ ଚିନ୍ତାଧାରା ଦ୍ୱାରା କବଳିତ ଏହି ଦେଶର କେତେକ ନାଗରିକଙ୍କୁ ଧର୍ମର ଦ୍ୱାହି ଦେଇ ଏଭଳି ମାନସିକ ସ୍ଥିତିରେ ରଖାଯାଇଛି, ଯେଉଁଥିରେ ସେମାନେ ଅସହିଷ୍ଣୁ ହୋଇପଡୁଛନ୍ତି।

ନିକଟରେ ଫ୍ରାନ୍ସରେ ଆତଙ୍କବାଦୀ ଆକ୍ରମଣ ହେବା ପଛରେ ଶାର୍ଲି ଏବ୍‌ଦୋ କାର୍ଟୁନ୍ ମାଗାଜିନ୍‌ରେ ପ୍ରଫେଟ ମହମ୍ମଦଙ୍କ ବ୍ୟଙ୍ଗଚିତ୍ର ପୁନଃପ୍ରକାଶ ପାଇବା ସହ ତୁର୍କୀ ରାଷ୍ଟ୍ରପତି ରେସେପ ଟୈୟପ ଏର୍ଡୋଗାନ୍ ସ୍ଥାନ ପାଇଥିବା କାରଣକୁ ଧରାଯାଉଛି। ଏଠାରେ ମନେପଡ଼େ ମହମ୍ମଦଙ୍କ ବ୍ୟଙ୍ଗଚିତ୍ର ଉକ୍ତ ପତ୍ରିକାରେ ପ୍ରକାଶ ପାଇବା ପରେ ୭ ଜାନୁୟାରୀ ୨୦୧୫ରେ ଆଲ୍‌ଜେରିଆ ବଂଶୋଦ୍ଭବ ଫ୍ରାନ୍ସ ନାଗରିକ ଭ୍ରାତାଦ୍ୱୟ କାର୍ଯ୍ୟାଳୟ ଭିତରେ ପ୍ରବେଶ କରି ସମ୍ପାଦକଙ୍କ ସହ ୧୨ ଜଣଙ୍କୁ ହତ୍ୟା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ମୁସଲମାନ ଧର୍ମରେ ମହମ୍ମଦ ବା ଆଲ୍ଲାଙ୍କ କୌଣସି ପ୍ରକାର ଚିତ୍ର ବା ପ୍ରତିମୂର୍ତ୍ତି ସୃଷ୍ଟି କରିବା ଶକ୍ତ ଭାବେ ବାରଣ ରହିଛି। ତାହା କରିଥିବା ବ୍ୟକ୍ତିଙ୍କୁ ଅଧର୍ମୀ ଓ ଆଲ୍ଲାଙ୍କ ବିରୋଧୀ ଭାବେ ଗଣନା କରାଯାଏ। ଏବଂ ସେହି ଅସହିଷ୍ଣୁତା ଏଭଳି କାର୍ଯ୍ୟକୁ ହତ୍ୟାରେ ପରିଣତ କରିବା ପାଇଁ ଖୋରାକ ଯୋଗାଇଥାଏ। ଭଦ୍ର ସମାଜରେ ଧର୍ମ ଏକ ବ୍ୟକ୍ତିଗତ ବ୍ୟାପାର ହେବା କଥା। ଇସ୍‌ଲାମୀୟ ଜେହାଦୀ ବା ମୌଳବାଦୀଙ୍କ ବିଶ୍ୱବ୍ୟାପୀ କାର୍ଯ୍ୟକଳାପ ପାଇଁ ପ୍ରାୟ ସବୁ ଦେଶରେ ସମସ୍ୟା ସୃଷ୍ଟି ହେଉଛି। ଫ୍ରାନ୍ସରେ ଘଟିଥିବା ଏହି ଦୁଇ ଆକ୍ରମଣ ପରେ ସେଠାକାର ଇମାନ୍ୱେଲ୍ ମାକ୍ରଁଙ୍କ ସରକାର ବାକ୍ ସ୍ୱାଧୀନତା ସପକ୍ଷରେ ଅନେକ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ତନ୍ମଧ୍ୟରୁ ଅନ୍ୟତମ ହେଲା ସର୍ବସାଧାରଣ ସ୍ଥାନ ଯଥା– ରାସ୍ତାଘାଟ କିମ୍ବା ପାର୍କରେ ମୁସଲମାନମାନେ ନମାଜ ପଢ଼ିବାକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତ ସମେତ ଅନେକ ରାଷ୍ଟ୍ର ମାକ୍ରଁଙ୍କ କାର୍ଯ୍ୟାନୁଷ୍ଠାନକୁ ସମର୍ଥନ କରିଛନ୍ତି। କିନ୍ତୁ ସବୁଠାରୁ ଅଧିକ ଉଲ୍ଲେଖନୀୟ ବିଷୟ ହେଲା ଯେ, ସାଉଦି ଆରବ ମଧ୍ୟ ଫ୍ରାନ୍ସ ସରକାରଙ୍କ ପଦକ୍ଷେପକୁ ସମର୍ଥନ ଜଣାଇଛି। ସମ୍ଭବତଃ ଏହା ଇତିହାସରେ ପ୍ରଥମ ଥର ପାଇଁ ସାଉଦି ସରକାରଙ୍କର ସଭ୍ୟ ସମାଜ ପ୍ରତି ସକାରାତ୍ମକ ସମର୍ଥନର ଦୃଷ୍ଟାନ୍ତ ସୃଷ୍ଟି କରିଛି। ଅନ୍ୟପଟେ ଭାରତର ଅଳ୍ପକେତେକ ସ୍ଥାନରେ ବିଶେଷକରି ମୁମ୍ବାଇରେ ମୁସଲ୍‌ମାନ ସମ୍ପ୍ରଦାୟର କିଛି ଲୋକ ଫ୍ରାନ୍ସ ରାଷ୍ଟ୍ରପତିଙ୍କ ବିରୋଧରେ ଶୋଭାଯାତ୍ରା ବାହାରକରି ନିଜର ମୌଳବାଦୀ ଚିନ୍ତାଧାରାକୁ ଜାହିର କରିବାକୁ ଚେଷ୍ଟା କରିଛନ୍ତି। ଦୁଃଖର ବିଷୟ ହେଉଛି ଯେ, ଭାରତର ଶିକ୍ଷିତ ମୁସଲମାନ ନାଗରିକମାନେ ଫ୍ରାନ୍ସରେ ଘଟିଥିବା ହତ୍ୟାକୁ କୌଣସି ଭାବେ ଖୋଲାଖୋଲି ନିନ୍ଦା କରୁନାହାନ୍ତି। ଏହିଭଳି ନୀରବତା ମୌଳବାଦୀମାନଙ୍କୁ ପରୋକ୍ଷରେ ପ୍ରୋତ୍ସାହନ ଦେବା ସହିତ ଭାରତରେ ଲାଗିରହିଥିବା ହିନ୍ଦୁ–ମୁସଲମାନ ତିକ୍ତତାକୁ ବୃଦ୍ଧି କରାଉଛି। ପୂର୍ବରୁ ଏହି ସ୍ତମ୍ଭରେ ଲେଖିଆସିଛୁ ଯେ, ଯେତେବେଳେ ବି ମୁସଲ୍‌ମାନ ସମ୍ପ୍ରଦାୟର ସମ୍ପୃକ୍ତିରେ ଆତଙ୍କବାଦୀ ଆକ୍ରମଣ ଘଟିଛି, ସେତେବେଳେ ଭାରତୀୟ ମୁସଲମାନ ସମାଜ ସେଭଳି କାର୍ଯ୍ୟକୁ ବିରୋଧପୂର୍ବକ ସ୍ୱର ଉତ୍ତୋଳନ କରି ନ ଥିବା ହେତୁ ସାମ୍ପ୍ରଦାୟିକ ଚିନ୍ତାଧାରାକୁ ଖୋରାକ ଯୋଗାଇଛି। ଆଜି ମଧ୍ୟ ସେହି ମୁସଲ୍‌ମାନ ଶିକ୍ଷିତ ସମାଜ ଫ୍ରାନ୍ସ ଘଟଣାରେ ନୀରବ ରହିବା ଯୋଗୁ ଏକ ତ୍ରୁଟିପୂର୍ଣ୍ଣ ବାର୍ତ୍ତା ଦେଲାଭଳି ମନେହେଉଛି। ଗୋଟାଏପଟେ ଧର୍ମ ଓ ଅନ୍ୟପଟେ ହିଂସା କେବେ ହେଲେ ନିକିତିରେ ତଉଲି ହୁଏ ନାହିଁ। କୌଣସି ମଣିଷର ମୁଣ୍ଡ କାଟିବାର ଅଧିକାର କାହାର ନାହିଁ। ଏପରିକି ବିଶ୍ୱବ୍ୟାପୀ ମୃତ୍ୟୁଦଣ୍ଡ ବିରୋଧରେ ଅଭିଯାନ ଚାଲିଛି, ଯେଉଁଥିରେ ସରକାର ଏବଂ ନ୍ୟାୟାଳୟର ନିଷ୍ପତ୍ତିକୁ ମଧ୍ୟ ବିରୋଧ କରାଯାଉଛି। ପୂର୍ବରୁ କୁହାଯାଉଥିଲା ଯେ ଜେହାଦୀ ବା ମୌଳବାଦୀମାନେ ଅଳ୍ପସଂଖ୍ୟକ ଓ ଅଧିକାଂଶ ମୁସଲମାନ ସେମାନଙ୍କୁ ସମର୍ଥନ କରନ୍ତି ନାହିଁ। କିନ୍ତୁ ଫ୍ରାନ୍ସ ଘଟଣାରେ ଯେଉଁଭଳି ଅନ୍ତର୍ଜାତୀୟ ସ୍ତରରେ ହତ୍ୟାକାରୀଙ୍କ ସପକ୍ଷରେ ମତ ସୃଷ୍ଟି ହେଉଛି, ସେଥିରୁ ଧାରଣା ଜନ୍ମିପାରେ ଯେ ପୃଥିବୀବ୍ୟାପୀ ସମଗ୍ର ମୁସଲମାନ ସମ୍ପ୍ରଦାୟ ଏହିଭଳି ଆତଙ୍କବାଦକୁ ପୁନର୍ଜନ୍ମ ଦେବାରେ ସମର୍ଥନ କରୁଛି।

ଶାର୍ଲି ଏବ୍‌ଦୋରେ ବ୍ୟଙ୍ଗଚିତ୍ର ପ୍ରକାଶ ପାଇବା ପରେ ଫ୍ରାନ୍ସ ସମେତ ନାଇଜେରିଆ, ଇଣ୍ଡୋନେସିଆ, ପାକିସ୍ତାନ, ଇରାନ୍, ଚେଚେନ୍ୟା ଓ ୟେମେନ୍‌ରେ ମୁସଲମାନମାନେ ରାସ୍ତାକୁ ଓହ୍ଲାଇ ଏହାର ପ୍ରତିବାଦ କରିଛନ୍ତି। ଅନେକ ସ୍ଥାନରେ ଇମାନ୍ୱେଲଙ୍କ ଫଟୋକୁ ରାସ୍ତାରେ ଲଗାଇ ତା' ଉପରେ ଗାଡ଼ି ଚଢ଼ାଯାଇଛି। ଏଭଳି କାର୍ଯ୍ୟ କରିଥିବା ଲୋକଙ୍କ ପାଇଁ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତି ନ୍ୟୂନ ମନେ ହୋଇଛନ୍ତି। ଏଠାରେ କହିବା ଠିକ୍ ହେବ ଯେ, ଆତଙ୍କବାଦୀଙ୍କ କୌଣସି ଧର୍ମ ବା ଜାତି ନ ଥାଏ। କିନ୍ତୁ ଯେଉଁଭଳି ଭାବେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଓ ଅଲ୍–କାଏଦା ଭଳି କୁଖ୍ୟାତ ସଙ୍ଗଠନ ଇସ୍‌ଲାମୀୟ ଆତଙ୍କବାଦ କରିଆସୁଛନ୍ତି, ତାହା ଦ୍ୱାରା ଅନେକ ଲୋକଙ୍କ ପ୍ରାଣହାନି ଘଟୁଛି। ଏହା କଦାପି ଗ୍ରହଣୀୟ ନୁହେଁ। ଜେହାଦମାନେ ଯେକୌଣସି ଏକ ପ୍ରସଙ୍ଗକୁ ନେଇ ହିଂସା ଘଟାଉଥିବାରୁ ଅରାଜକତା ସୃଷ୍ଟି ହେଉଛି। ଏସବୁକୁ ଲକ୍ଷ୍ୟ କରି ମାକ୍ରଁ ଇସ୍‌ଲାମ ଏବେ ସଙ୍କଟ ଦେଇ ଗତି କରୁଛି ବୋଲି କହିବାପରେ ତାଙ୍କୁ ବିରୋଧ କରାଯାଉଛି। ଆମେ ଭାରତରେ ସାଧାରଣତଃ ବୁଝିପାରୁ ନାହୁଁ ଯେ ଏଭଳି ମୌଳବାଦୀ ଚିନ୍ତାଧାରା ପୋଷଣ କରୁଥିବା ଦେଶମାନେ ପରସ୍ପର ବିରୋଧରେ କାହିଁକି ଲଢ଼ନ୍ତି। ଯଥା– ଇରାକ ଓ ଇରାନ ମଧ୍ୟରେ ଯୁଦ୍ଧ କାହିଁକି ହୁଏ। ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଇରାନ ଶିୟାବହୁଳ ଦେଶ ହୋଇଥିବା ବେଳେ ଇରାକ ହେଉଛି ଏକ ସୁନ୍ନିବହୁଳ ଦେଶ। ହିନ୍ଦୁ ଧର୍ମରେ ଉପର ଜାତି ଯେଉଁଭଳି ଭାବେ ଦଳିତମାନଙ୍କୁ ହତ୍ୟା, ବଳାତ୍କାର ଏବଂ ଅତ୍ୟାଚାର କରିଥାନ୍ତି, ସେହିଭଳି ସୁନ୍ନିମାନେ ମଧ୍ୟ ଶିୟାମାନଙ୍କୁ କଠୋର ନିର୍ଯାତନା ଦେଇଥାଆନ୍ତି। ମୁସଲମାନ ଧର୍ମର ଏହି ଦୁଇ ଗୋଷ୍ଠୀ ମଧ୍ୟରେ ତିକ୍ତତା ଐତିହାସିକ ରୂପେ ଜଣାଶୁଣା।

ଆଜିର ଯୁଗରେ ବାକ୍ ସ୍ୱାଧୀନତାକୁ ଗୁରୁତ୍ୱ ଦିଆଯାଉଛି। ଏଠାରେ ମାକ୍ରଁଙ୍କ କଥା ବିଶ୍ୱବ୍ୟାପୀ ଗ୍ରହଣୀୟ ହେବାକଥା। କାରଣ ଆତଙ୍କବାଦ ବିରୋଧରେ ସେ ଯେଉଁ ଡାକରା ଦେଇଛନ୍ତି, ତାହାକୁ ମୁସଲିମ୍ ରାଷ୍ଟ୍ରଗୁଡ଼ିକ ଆତ୍ମସମୀକ୍ଷା ନ କରି ପ୍ରତିବାଦ କଲେ ଜେହାଦୀ କାର୍ଯ୍ୟକାଳପ ବଢ଼ିଚାଲିବ। କେବଳ ମୁସ୍‌ଲମାନ ନୁହନ୍ତି, ଅନ୍ୟାନ୍ୟ ଧର୍ମରେ ଥିବା ସଂକୀର୍ଣ୍ଣତା ମଧ୍ୟ ଦୂର ହେବା ଦରକାର। ଗଣତନ୍ତ୍ର, ଧର୍ମନିରପେକ୍ଷତା ଓ ବାକ୍ ସ୍ୱାଧୀନତା ସଙ୍କୁଚିତ ହେଲେ ତାହା ବିଶ୍ୱ ପାଇଁ ବିପଦ ସୃଷ୍ଟି କରିବ। ଅତଏବ ଯେଉଁମାନେ କେବଳ ନିଜ ଧର୍ମକୁ ଲକ୍ଷ୍ୟ କରି ପ୍ରତିହିଂସାପରାୟଣ ହୋଇଯିବେ ସେମାନେ ନିଜର କ୍ଷତି କରିଚାଲିବେ।

# ବିଶ୍ୱସନୀୟତାର ଅଭାବ କୃଷି ସଂସ୍କାରକୁ କଷ୍ଟା



ଇଂ. ଶକ୍ତି ପ୍ରସାଦ ଦାସ

ନିକଟରେ ସଂସଦରେ ପାରିତ ହୋଇଥିବା ତିନୋଟି କୃଷି ବିଲ୍ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଆଇନରେ ପରିଣତ ହୋଇସାରିଛି। ନୂତନ ଆଇନଗୁଡ଼ିକ ପ୍ରଚଳିତ କୃଷି ବିପଣନ କ୍ଷେତ୍ରରେ ଆମୂଳଚୂଳ ପରିବର୍ତ୍ତନ ଆଣିବ ବୋଲି ଦାବି କରାଯାଉଛି। ସାମଗ୍ରିକ ଭାବରେ ଏହି ଆଇନ ଗୁଡ଼ିକ ଦ୍ୱାରା କୃଷି କ୍ଷେତ୍ରର ଉଭୟ ପ୍ରାନ୍ତକୁ ମୁକ୍ତ କରିବାକୁ ଚେଷ୍ଟା କରାଯାଇଛି। କୃଷି ଉତ୍ପାଦନକୁ ଚୁକ୍ତିଭିତ୍ତିକ ଚାଷ ମାଧ୍ୟମରେ ଏବଂ ବିପଣନକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣମୁକ୍ତ କରି କୃଷି କ୍ଷେତ୍ରକୁ ବଜାର ଅଭିମୁଖୀ କରାଯିବାକୁ ଚେଷ୍ଟା କରାଯାଇଛି। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ବାହାରେ ଚାଷୀ ନିଜର କୃଷି ଉତ୍ପାଦକୁ ଘରୋଇ ବ୍ୟବସାୟୀଙ୍କୁ ବିକ୍ରି କରିପାରିବ ଏବଂ ଏଥିପାଇଁ ସରକାରୀ ବିଧିବ୍ୟବସ୍ଥା ମଧ୍ୟରେ ଚୁକ୍ତି ମଧ୍ୟ କରିପାରିବ। ବ୍ୟବସାୟୀ ମଧ୍ୟ ପ୍ରତିଯୋଗିତା କରି ଚାଷୀଙ୍କଠାରୁ ଉତ୍ପାଦକୁ କିଣି ପାରିବ ଓ ମହଜୁଦ କରି ରଖିପାରିବ।

କେତେକ ପ୍ରଚଳିତ ବ୍ୟବସ୍ଥା ଚାଷୀଙ୍କୁ ଏମ୍‌ଏସ୍‌ପିର ଏକଚାଟିଆ କାରବାର ମଧ୍ୟରେ ବାନ୍ଧି ରଖିଥିବାର ଆରୋପ ଲଗାଉଥିବାବେଳେ, ଅନ୍ୟମାନେ ଏମ୍‌ଏସ୍‌ପିକୁ ଏକ ସୁରକ୍ଷା କବଚ ହିସାବରେ ଦେଖୁଛନ୍ତି। ଏମାନଙ୍କ ମତରେ, ଏମ୍‌ଏସ୍‌ପି ଜରିଆରେ ଚାଷୀ ଅତି କମ୍‌ରେ ଏକ ସର୍ବନିମ୍ନ ମୂଲ୍ୟ ପାଇବାକୁ ନିଶ୍ଚିତ ଥିଲା। ଏହି ବିତର୍କ ରାଜନୈତିକ ରୂପ ନେଇଛି ଏବଂ ମତାମତ ତୀବ୍ର ଭାବରେ ଧ୍ରୁବିକୃତ ହୋଇସାରିଛି। କୃଷି କ୍ଷେତ୍ରର ବିଭିନ୍ନ ହିତଧାରକ, ଯେପରି କି ଚାଷୀ, ମଧ୍ୟସ୍ଥ, ବ୍ୟବସାୟୀ ଓ ରାଜନୈତିକ ଲୋକମାନେ ନିଜ ନିଜ ସ୍ୱାର୍ଥ ଦୃଷ୍ଟିରୁ ଏହି ସଂସ୍କାରଧର୍ମୀ ଆଇନଗୁଡ଼ିକୁ ତର୍ଜ୍ୟମା କରୁଛନ୍ତି।

ଦଶନ୍ଧି ଦଶନ୍ଧି ଧରି ରାଷ୍ଟ୍ରର ସହଯୋଗ ଓ ସହାନୁଭୂତି ହରାଇବା ଭିତରେ ଚାଷୀ ସରକାରଙ୍କୁ ବିଶ୍ୱାସକୁ ନେଇପାରୁନାହିଁ। ରାଷ୍ଟ୍ର ସବୁବେଳେ ଉତ୍ପାଦନ ଅଭିମୁଖୀ ହୋଇ, ଉତ୍ପାଦକ(ଚାଷୀ) କଥା ଭୁଲିଯାଇଛି। ରାଷ୍ଟ୍ର ଖାଦ୍ୟ ନିରାପତ୍ତା କଥା ଚିନ୍ତା କରାଗଲାବେଳେ, ଅନ୍ନଦାତା କଥା ଭୁଲିଯାଇଛି। ସ୍ୱାଧୀନତା ପରବର୍ତ୍ତୀ ଅବସ୍ଥାରେ ଖାଦ୍ୟାଭାବରେ ଜର୍ଜରିତ ଭାରତକୁ ସବୁଜ ବିପ୍ଳବ ଜରିଆରେ ଖାଦ୍ୟ ନିରାପତ୍ତା ଆଣିଦେଇଥିବା ଏହି ଚାଷୀକୁଳ ଏବେ ବି ଦାରିଦ୍ର୍ୟକୁ ଯୁଝୁଛନ୍ତି। ସରକାରଙ୍କ ମଧ୍ୟବିତ୍ତ ଉପଭୋକ୍ତାଙ୍କୁ ତୁଷ୍ଟ କରିବା ନୀତି ପାଇଁ ଚାଷୀକୁ ମୂଲ୍ୟ ଦେବାକୁ ପଡ଼ିଛି।

ଚାରି ଦଶନ୍ଧିରୁ ଅଧିକ ସମୟ ଧରି ଅଧିକାଂଶ ଚାଷୀ ନିଜ ଜମିରୁ ଚାଷର ମୂଳଧନ ଅସୁଲ କରିବାରେ ସକ୍ଷମ ହୋଇପାରିନାହାନ୍ତି। ପ୍ରଚଳିତ ମୂଲ୍ୟ ଧାରାକୁ ଅନୁଶୀଳନ କଲେ ଦେଖାଯାଏ ଯେ, ମକା, ଧାନ, କପା, ସୋୟାବିନ୍ ଓ ବାଜରା ପରି ଅନେକ ଫସଲ ଏମ୍‌ଏସ୍‌ପିଠାରୁ କମ୍ ଦରରେ ବିକ୍ରି ହେଉଛି। କୃଷି ପ୍ରତି ସାମଗ୍ରିକ ଆର୍ଥିକ ପ୍ରତିବଦ୍ଧତା ହ୍ରାସ ପାଇଛି। ଏହି କ୍ଷେତ୍ରରେ ପୁଞ୍ଜି ବିନିଯୋଗ ସ୍ଥିର ହୋଇ ରହିଛି ଏବଂ ଯଦି ମୁଦ୍ରାସ୍ଫୀତିକୁ ଯୋଗ କରାଯାଏ, ତେବେ ଚାଷୀ ତା'ର ଉତ୍ପାଦର ମୂଲ୍ୟ ବାବଦରେ କ୍ଷତି ସହୁଛି।

ଉଦାରୀକରଣ ପରେ ୨୦୧୧–୧୨ ଓ ୨୦୧୭–୧୮ (ଟିଠା)ର ଏନଏଏସଓ ତଥ୍ୟକୁ ଅନୁଶୀଳନ କଲେ ଜଣାଯାଏ ଯେ, ଦେଶରେ ମୁଣ୍ଡପିଛା ଖର୍ଚ୍ଚ ଦୃଷ୍ଟିରୁ ସହରାଞ୍ଚଳ/ ଗ୍ରାମାଞ୍ଚଳ ଅନୁପାତ, ଏହି ସମୟ ମଧ୍ୟରେ ୧.୮୪ ରୁ ୨.୪୨କୁ ବୃଦ୍ଧି ପାଇଛି। ଏହାର ଅର୍ଥ ହେଉଛି ଜଣେ ସାଧାରଣ ସହରୀ ବାସିନ୍ଦା ଜଣେ ଗାଁର ସାଧାରଣ ଲୋକ ତୁଳନାରେ ପ୍ରାୟ ଅଢେଇ ଗୁଣ ବ୍ୟୟ କରନ୍ତି। ଅର୍ଥାତ୍ ଚାଷୀର କ୍ରୟଶକ୍ତି ଦିନକୁ ଦିନ କମିବାରେ ଲାଗିଛି। ଅପରପକ୍ଷରେ, ଭାରତୀୟ କୃଷି ବ୍ୟବସ୍ଥାରେ ବଡ ବଡ ଉଦ୍ୟୋଗପତିଙ୍କ ସପକ୍ଷରେ ଅତ୍ୟଧିକ ସବ୍‌ସିଡି ଦିଆଯାଇଛି। ୨୦୧୯–୨୦ର କେନ୍ଦ୍ରୀୟ ବଜେଟରେ କୃଷି ମନ୍ତ୍ରଣାଳୟ ପାଇଁ ୧,୩୦,୪୮୫ କୋଟି ଟଙ୍କା ବ୍ୟୟ ବରାଦ ରହିଥିବାବେଳେ, କେବଳ ସାର ସବ୍‌ସିଡି ବାବଦରେ ୭୯,୯୯୬ କୋଟି ଟଙ୍କା ବରାଦ ହୋଇଥିବା ଆକଳନ କରାଯାଇଛି। ବିଗତ ଦଶନ୍ଧିରେ କୃଷି ଇନପୁଟ୍ ବଜାରରେ ରାସାୟନିକ ସାର, ବିହନ, କୀଟନାଶକ ଇତ୍ୟାଦିରେ ଉଦ୍ୟୋଗୀକରଣ ଖୁବ୍ ବଢ଼ିଛି। ଏଗୁଡ଼ିକର ମୂଲ୍ୟରେ ଅତ୍ୟଧିକ ବୃଦ୍ଧି ଘଟିଛି। କୃଷି ମନ୍ତ୍ରଣାଳୟ ଦର୍ଶାଇଛି କି ଇନ୍‌ପୁଟଗୁଡ଼ିକର ମୂଲ୍ୟ ବୃଦ୍ଧି କୃଷି ବାଣିଜ୍ୟ ଅବନତିର ସବୁଠାରୁ ବଡ କାରଣ।

କୃଷି ଦକ୍ଷତା ଆଶାନୁରୂପ ଭାବରେ ବୃଦ୍ଧି ନ ପାଇବା କାରଣରୁ, ଏନ୍‌ଏସ୍‌ଏସ୍‌ଓ ତଥ୍ୟ ଅନୁଯାୟୀ, ୨୦୦୪–୦୫ରୁ ୨୦୧୧–୧୨ ମଧ୍ୟରେ ୩କୋଟି ୪୦ଲକ୍ଷ ଲୋକ କୃଷି କ୍ଷେତ୍ର ଛାଡିଛନ୍ତି। ଆମେରିକା, ୟୁରୋପିଆନ ୟୁନିଅନ ଭଳି ପାଶ୍ଚାତ୍ୟ ଦେଶଗୁଡ଼ିକରେ କୃଷି କ୍ଷେତ୍ର ଛାଡ଼ିଥିବା ଲୋକମାନଙ୍କ ପାଇଁ ଶିଳ୍ପ କିମ୍ବା ସେବା କ୍ଷେତ୍ରରେ ବିକଳ୍ପ ନିଯୁକ୍ତିର ସୁଯୋଗ ରହିଥିଲା। କିନ୍ତୁ, ଭାରତରେ ସ୍ଥିତି ଅଲଗା। ଏଠାରେ ନା କୃଷି କ୍ଷେତ୍ରରେ ନା ଶିଳ୍ପରେ, ସେପରି ପ୍ରତିସମ ବ୍ୟବସ୍ଥିତ ସୁଯୋଗ ରହିଛି। ନିକଟରେ କରୋନା ମହାମାରୀରେ ବଡ ବଡ ସହରଗୁଡ଼ିକରେ ଅଣସଙ୍ଗଠିତ ଶ୍ରମଜୀବୀଙ୍କ ଦୁର୍ଦ୍ଦଶାରୁ ଏହା ସହଜରେ ଅନୁମେୟ।

ଏସବୁ ବ୍ୟତୀତ, ନୂତନ କୃଷି ଆଇନଗୁଡ଼ିକ କାର୍ଯ୍ୟକାରୀ କରିବାରେ କିଛି ଅସୁବିଧା ରହିଥିବାର ଅନୁଭବ କରାଯାଏ। ଦେଶର ୮୫ ପ୍ରତିଶତ ଚାଷୀ କ୍ଷୁଦ୍ର ଓ ନାମମାତ୍ର ବର୍ଗର ହୋଇଥିବାବେଳେ, ବଡ ବଡ ବ୍ୟବସାୟୀମାନେ ଏତେ ସଂଖ୍ୟାରେ ଛୋଟ ଚାଷୀଙ୍କ ଘର ଘର ବୁଲି କୃଷି ଉତ୍ପାଦ କ୍ରୟ କରିବା ସମ୍ଭବ ହୋଇ ନ ପାରେ। ବଡ ବଡ ଉଦ୍ୟୋଗପତିଙ୍କ ସମକ୍ଷରେ ଛୋଟ ଚାଷୀମାନେ ମୂଲଚାଲ କରିବାର କ୍ଷମତା ହରାଇ ବସିବାର ଆଶଙ୍କା ମଧ୍ୟ ରହିଛି। ରାଜ୍ୟ ସରକାରମାନଙ୍କ ସହ ପରାମର୍ଶ ବିନା ମହାମାରୀ ମଧ୍ୟରେ ଏହି ଆଇନଗୁଡ଼ିକୁ ଅଧ୍ୟାଦେଶ ଭାବରେ ଅଣାଯାଇଥିବାରୁ ସଂଘୀୟ ସହଯୋଗିତା ଓ ରାଜ୍ୟମାନଙ୍କର ନିୟାମକ କ୍ଷମତା ଉପରେ କେନ୍ଦ୍ରର ଜବରଦଖଲ ଉପରେ ଅନେକେ ପ୍ରଶ୍ନ କରୁଛନ୍ତି।

କୃଷି ସଂସ୍କାର ଆଇନଗୁଡ଼ିକର ଅର୍ଥନୈତିକ ତାତ୍ପର୍ଯ୍ୟ ରହିଛି ବୋଲି ସମସ୍ତେ ଅନୁଭବ କରୁଛନ୍ତି। ଏଗୁଡ଼ିକ ଚାଷୀମାନଙ୍କୁ ସେମାନଙ୍କର ଉତ୍ପାଦ ବିକ୍ରୟ କରିବା ପାଇଁ ଅଧିକ ପସନ୍ଦ ଓ ସ୍ୱାଧୀନତା ଯୋଗାଇଦେବ। ପ୍ରତିଯୋଗିତା ମାଧ୍ୟମରେ ବ୍ୟବସାୟୀମାନଙ୍କୁ କ୍ରୟ ଓ ସଂରକ୍ଷଣ ପାଇଁ ପ୍ରୋତ୍ସାହିତ କରିବ। ଏହି ପ୍ରତିଯୋଗିତା ମାର୍କେଟିଂ ଖର୍ଚ୍ଚକୁ ହ୍ରାସ କରି, ଉତ୍ତମ ମୂଲ୍ୟ ହାସଲ କରିବା ପାଇଁ ଚାଷୀଙ୍କୁ ସକ୍ଷମ କରିବ। ସାଧାରଣ ଉପଭୋକ୍ତାଙ୍କ ପାଇଁ ମୂଲ୍ୟ ହ୍ରାସର ସମ୍ଭାବନା ସୃଷ୍ଟି କରି କୃଷି କ୍ଷେତ୍ରରେ ଅଧିକ ଦକ୍ଷ ମୂଲ୍ୟ ଶୃଙ୍ଖଳା ଗଠନ କରିବାରେ ସହାୟକ ହୋଇପାରେ।

ଅପରପକ୍ଷରେ, ନିର୍ମାଣକୃତ ଶିଳ୍ପଜାତ ଦ୍ରବ୍ୟ ଭଳି କୃଷିଜାତ ଦ୍ରବ୍ୟର ଉତ୍ପାଦନକୁ ନିୟନ୍ତ୍ରଣ କରାଯାଇପାରିବ ନାହିଁ କିମ୍ବା ପଚନଶୀଳ ଗୁଣ ଯୋଗୁ ଏସବୁକୁ ମହଜୁଦ କରି ରଖିବା ମଧ୍ୟ ସମ୍ଭବ ନୁହେଁ। ଫସଲ ଅମଳ ଋତୁରେ ପ୍ରଚୁର ଯୋଗାଣ ଏବଂ ସ୍ଥିର ଚାହିଦା ହେତୁ ମୂଲ୍ୟ ହ୍ରାସ ପାଇବା ଏକ ସ୍ୱାଭାବିକ ପ୍ରକ୍ରିୟା। ତେଣୁ ଯେକୌଣସି ପ୍ରକାରର ବଜାର ସଂସ୍କାର ଏବଂ ଘରୋଇ ବ୍ୟବସାୟୀଙ୍କ ପାଇଁ କୃଷି ବଜାରକୁ ଉନ୍ମୁକ୍ତ କରିବା ସମୟରେ କୃଷିଜାତ ଦ୍ରବ୍ୟର ଏହି ବିଶେଷତ୍ୱକୁ ଆଖିରେ ରଖି ସମସ୍ତ କୃଷି ଉତ୍ପାଦ ପାଇଁ ଏମ୍‌ଏସ୍‌ପିର ସୁରକ୍ଷା କବଚକୁ ଚାଷୀ ପାଇଁ ମୂଲ୍ୟ ହାସଲରେ କିପରି ସଂଯୋଜିତ କରାଯାଇପାରିବ ସେ ବିଷୟରେ ଖୋଲା ମନରେ ଚିନ୍ତା କରିବାକୁ ପଡିବ।

ବେଳେବେଳେ ଦୁର୍ବଳ କାର୍ଯ୍ୟକାରିତା ହେତୁ ଉତ୍ତମ ଆଇନଗୁଡ଼ିକର ବାଞ୍ଛିତ ଉଦ୍ଦେଶ୍ୟ କରାଯାଇ ପାରେନାହିଁ। ଉଦାହରଣ ସ୍ୱରୂପ, ୨୦୧୮–୧୯ କେନ୍ଦ୍ରୀୟ ବଜେଟରେ କୃଷକମାନଙ୍କ ପାଇଁ ଆଧୁନିକ ବଜାରର ଶୃଙ୍ଖଳା ସ୍ଥାପନ ଲାଗି ଗ୍ରାମୀଣ କୃଷି ବଜାର ନାମରେ ୨୦୦୦ କୋଟି ଟଙ୍କାର ପାଣ୍ଠି ଏକ ଏଗ୍ରି–ମାର୍କେଟ ଭିତ୍ତିଭୂମି ପାଣ୍ଠି (ଏଏମଆଇଏଫ୍) ସୃଷ୍ଟି କରାଯାଇଥିଲା। ଘୋଷଣାର ଦୁଇ ବର୍ଷ ପରେ, ମାତ୍ର ୧୦.୪୫କୋଟି ଟଙ୍କା (୦.୫ପ୍ରତିଶତ) ଖର୍ଚ୍ଚ କରାଯାଇଥିବାର ଜଣାଯାଏ। ପ୍ରସ୍ତାବିତ ୨୨,୦୦୦ ବଜାର ମଧ୍ୟରୁ କେବଳ ୩୭୬ଟି ବଜାରର ବିକାଶ ପାଇଁ ଏହି ଅର୍ଥ ଖର୍ଚ୍ଚ ହୋଇପାରିଛି। ଏଣେ, ସାଧାରଣ ଚାଷୀଟିଏ ତା'ର ଉତ୍ପାଦ ବିକ୍ରି କରିବା ପାଇଁ ବାର ଦୁଆର ଶୁଙ୍ଘି ପିଣ୍ଡା ହେଉଛି। ତେଣୁ, ଏ ବାବଦରେ କେନ୍ଦ୍ର ସରକାରଙ୍କୁ ସମସ୍ତ ହିତଧାରକଙ୍କୁ ସାଥିରେ ନେଇ କାମ କରିବାର ଅଛି। ବୃତ୍ତିଗତ ପରାମର୍ଶ ଗ୍ରହଣ କରି ଚାଷୀମାନଙ୍କ ସହିତ କାର୍ଯ୍ୟ କରୁଥିବା ବିଭିନ୍ନ ବେସରକାରୀ ସଂସ୍ଥା ଓ ଘରୋଇ ସଂସ୍ଥା ସହିତ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପଡିବ। ଖାଲି ପ୍ରତିଶ୍ରୁତି ନୁହେଁ, ଆନ୍ତରିକ କାର୍ଯ୍ୟ ପ୍ରକ୍ରିୟା ହେଉଛି ବର୍ତ୍ତମାନର ଆବଶ୍ୟକତା। ଉପରୋକ୍ତ ଆଇନଗତ ପରିବର୍ତ୍ତନଗୁଡ଼ିକର ସକାରାତ୍ମକ ପରିଣାମ ହାସଲ କରିବା ପାଇଁ କୃଷକ ଉତ୍ପାଦକ ସଂଗଠନ (ଏଫପିଓ) ସୃଷ୍ଟି କରିବା ଏବଂ ମାର୍କେଟିଂ ଭିତ୍ତିଭୂମିରେ ସାର୍ବଜନୀନ ନିବେଶ ବୃଦ୍ଧି କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ଯୋଜନାଗୁଡ଼ିକର କାର୍ଯ୍ୟକାରିତାକୁ ସୁଗମ କରିବା ପାଇଁ ଆବଶ୍ୟକ ନୀତି–ନିୟମଗୁଡ଼ିକର ସମୟୋଚିତ ଅନବରତ ସମୀକ୍ଷା କରିବାକୁ ପଡିବ।

ବିଶ୍ୱାସ ହେଉଛି ଏକ ଅଦୃଶ୍ୟ ମୁଦ୍ରା, ଯାହାର ଅର୍ଥବ୍ୟବସ୍ଥାରେ ଉଭୟ ବ୍ୟବହାରିକ ଓ ବିନିମୟ ମୂଲ୍ୟ ରହିଛି। ଦୀର୍ଘମିଆଦୀ ଅଭିବୃଦ୍ଧି ଓ ସମାବେଶୀ ବିକାଶ ଆମର ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥା ଉପରେ, ଆସ୍ଥାର ସ୍ତର ଉପରେ ନିର୍ଭର କରେ। ନଚେତ୍ ଏହି ଆଇନଗତ ପରିବର୍ତ୍ତନଗୁଡ଼ିକର ସମ୍ଭାବନାଗୁଡ଼ିକୁ ଅନୁଭବ କରିବା ପୂର୍ବରୁ ବିଫଳତାର ସ୍ୱାଦଚାଖିବାକୁ ପଡିପାରେ।

ଶ୍ରୀଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର,
ମୋ:୯୪୩୭୧୬୪୬୧୧
Email: saktiprasadd@yahoo.in

# ମୁଁ ପିଆଜ କହୁଛି



ଡ. କୁଳାଙ୍ଗାର

ମୁଁ ପିଆଜ! ମୋତେ ଆପଣ ତ ଚିହ୍ନିଥିବେ!! କିନ୍ତୁ ଆପଣ ଏ କଥା ଜାଣି ନ ଥିବେ କି ମୁଁ ହେଉଛି ବିକାଶର ଭାଇ!!! କ'ଣ କହିଲେ, କୋଉ ବିକାଶ? ସେଇ ବିକାଶ ଯାହାକୁ ଆପଣ ଜମାରୁ ଦେଖିପାରନ୍ତି ନାହିଁ ସେଇ ବିକାଶ। କିନ୍ତୁ ହେଇ ଦେଖ... ହେଇ ଦେଖ... ବିକାଶ ଆସିଛି ବିକାଶ ଆସିଛି ବୋଲି ନେତାମାନେ ଚିତ୍କାର କରନ୍ତି! ମାନେ ନାନା ଉନ୍ନତି ଓ ସୁବିଧା ବ୍ୟବସ୍ଥା କଥା।

ହେ ହେ...! ଏବେ ବୁଝିଲେ ତ? ଓଃହ, ତଥାପି ବୁଝି ପାରୁନାହାନ୍ତି କି ମୁଁ ବିକାଶର ଭାଇ ହେଲି କେମିତି? ହଉ, ଜମା ବ୍ୟସ୍ତ ହୁଅନ୍ତୁନି। ମୁଁ ଭଲରେ ବୁଝାଇ ଦେଉଛି। ଦେଖନ୍ତୁ ଆମେ ଦୁଇ ଭାଇ ଏକା ବର୍ଣ୍ଣର। ମାନେ ଗୋଲାପୀ ଗୋଲାପୀ। ବିକାଶର ଗୋଲାପୀ ରଙ୍ଗ ଆପଣଙ୍କୁ ତ ଅନେକ ଦେଖା ଯାଇଥିବ। ମୋର ରଙ୍ଗ ମଧ୍ୟ ସେୟା। ଆମ ଉଭୟଙ୍କର ରଙ୍ଗ ଭାରି ଲୋଭିଲା।

ଅନେକ ଲୋକ ମୋ ପରି ବିକାଶର ପାଖୁଡ଼ା ଖୋଲିବାକୁ ଚେଷ୍ଟା କରିଥାଆନ୍ତି। କିନ୍ତୁ ନିରାଶ ହୋଇଥାଆନ୍ତି। ଯେମିତି ବିକାଶର ମଞ୍ଜି କି ମଞ୍ଜି ନ ଥାଏ, ସେମିତି ମୋର ମଧ୍ୟ ନ ଥାଏ। ଆମେ ବାହାରୁ ଭିତର ଖାଲି ଚୋପାମୟ। ଉପର ଗୋଲାପୀ ସିନା, ଯେତେ ଭିତରକୁ ଯିବ ସେତେ ଧଳା।

ବିକାଶ ଓ ମୁଁ ଉଭୟ ଆଇଁଷିଆ। ଆମେ କେହି ରକ୍ତମାଂସଧାରୀ ନୁହେଁ। କିନ୍ତୁ ଆମ ଚରିତ୍ରକୁ ଚାହିଁ ଆମର ଏପରି ପରିଚୟ। ଆମେ ଦୁହେଁ କାଳେ ମଣିଷକୁ ଉତ୍ତେଜିତ କରାଉ। ତେବେ ବିକାଶ ଲୁଚିଯାଏ ଆଉ ମୁଁ ବିଚରା ଚିହ୍ନା ପଡ଼େ।

ଆମେ ଦୁହେଁ ସର୍ବଦା ମଣିଷ ଆଖିରୁ ଲୁହ ଝରାଇବା ପାଇଁ ତତ୍ପର। ମୋତେ କାଟିବା ମାତ୍ରେ ଆପଣଙ୍କ ଆଖିରୁ ଲୁହ ଝରିବାଟା ଥୟ। ମଣିଷ ସହିତ ମଣିଷର ଯେମିତି ପଡ଼େ ନାହିଁ ସେମିତି ମୋତେ ଆଗ ପନିକି ଅଗରେ ଗୋଞ୍ଜିଦେଲେ ମୁଁ ଅନ୍ୟ ପିଆଜର ରାଗକୁ କାଟିଦେଇପାରିବି ବୋଲି ଅନେକେ ବିଶ୍ୱାସ କରିଥାଆନ୍ତି।

ତେବେ ରକ୍ତ ମାମଲାରେ ଆମର ସମ୍ପର୍କ ନିଆଁ–ପାଣିର। ଭାଇ ଭାଇ ହୋଇଥିବାରୁ ଆମେମାନେ ବି ଟିକେ ମାଡ଼ଗୋଳ ଲାଗିବୁ କି ନାଇଁ? ତେଣୁ ମୁଁ ମଣିଷଙ୍କ ଶରୀରରେ ରକ୍ତବୃଦ୍ଧିରେ ସହାୟକ ହେଉଥିଲା ବେଳେ ବିକାଶ କିନ୍ତୁ ସେମାନଙ୍କ ରକ୍ତ ଶୋଷିବାରେ ବ୍ୟସ୍ତ ଥାଏ। ସେଥିପାଇଁ ବିକାଶ ବହୁ ଭାଷଣରେ ଥାଏ, କିନ୍ତୁ ମୋର ନାମକୁ କ୍ୱଚିତ୍ ଲୋକେ ଭାଷଣ ବେଳେ ଧରିଥାଆନ୍ତି।

ଟିଭି ଚାନେଲଗୁଡ଼ିକ ସହ ମୋର ଟିକେ ଅଲଗା ଭାବ। ସେମାନେ ସବୁବେଳେ ମୋର ଦରବୃଦ୍ଧି ପାଇଁ ମନାସି ଥାଆନ୍ତି। କାରଣ ମୋର ଦରବୃଦ୍ଧି ହେଲେ ତାଙ୍କର ଦର୍ଶକ ବଢ଼ିଥାଆନ୍ତି। ତେଣୁ ମୋର ଦର ବଢ଼ିବା ଆଗରୁ ସେମାନେ ଏମିତି ବଢ଼େଇ ଚଢ଼େଇ ଖବର ପ୍ରସାରଣ କରନ୍ତି ଯେ ମୋର ଦର ଆପେ ବଢ଼ିଯାଏ। ଓଡ଼ିଶାରେ ଯଦିଓ ମୋର ଦର ପଚିଶ ତିରିଶ ଟଙ୍କା ଥାଏ, ମହାରାଷ୍ଟ୍ରରେ ପିଆଜ କିଲୋ ପଚାଶ ଟଙ୍କା ହେଲାଣି ବୋଲି ଏଇ ଚାନେଲଗୁଡ଼ିକ ଘନ ଘନ ଘୋଷଣା କରିବା ଫଳରେ ପଚିଶରେ ବିକ୍ରି କରୁଥିବା ପିଆଜର ଦାମ୍‌କୁ ଦୋକାନୀମାନେ ତତ୍‌କ୍ଷଣାତ ପଚାଶ କରିଦେଇ ଥାଆନ୍ତି। ଏହାପରେ ପିଆଜକୁ ନେଇ ବ୍ରେକିଂ ନ୍ୟୁଜ୍, ପିଆଜ ବିଶେଷ ଆଉ ପିଆଜ ବିତର୍କରେ ଚାନେଲଗୁଡ଼ିକ ଉଛୁଳି ପଡ଼ନ୍ତି।

ମୋର ଦରବୃଦ୍ଧି ଅନେକଙ୍କୁ କଷ୍ଟ ଦିଏ ସତ, କିନ୍ତୁ ଏ କଥା ବି ସତ କି ଅନେକଙ୍କ ପାଇଁ ଏହା ମଧ୍ୟ ଲାଭଦାୟକ ହୋଇଥାଏ। ସେମିତି ପିଆଜ ଦରବୃଦ୍ଧି ବେଳର କଥା। 'ଯୁବକଟିଏ ତା'ର ଆକାଂକ୍ଷିତ ଯୁବତୀଟିର ହୃଦୟ ଜୟ କରିବା ପାଇଁ ବାରମ୍ବାର ଚେଷ୍ଟା କରି ବିଫଳ ହୋଇଥାଏ। ସେଦିନ ଥାଏ ରବିବାର। ମେସ୍‌ରେ ମାଂସ ରାନ୍ଧି ଖାଇବା ପାଇଁ ଯୁବତୀ ଓ ତା'ର ସାଥୀମାନେ ମାଂସ ତ ନେଇ ଆସିଲେ କିନ୍ତୁ ଦେଖିଲା ବେଳକୁ ପିଆଜ ନାହିଁ। କ'ଣ କରାଯିବ? ପାଖ ଦୋକାନକୁ ଯାଇ ମାଗିବାରୁ ସିଏ କହିଲା– ପିଆଜର ଦର ଏତେ ବଢ଼ିଯାଇଛି ଯେ ତାକୁ ଦେଖିବାକୁ ଲୋକଙ୍କୁ ଡର ମାଡୁଛି। ତେଣୁ ମୁଁ ପିଆଜ ରଖିନି!

ଏମିତି ଆଖପାଖର ଦୋକାନଗୁଡ଼ିକରେ ପିଆଜ ସନ୍ଧାନରେ ବୁଲି ବୁଲି ନିରାଶ ହୋଇ ଯୁବତୀ ଓ ତା'ର ବାନ୍ଧବୀମାନେ ଫେରୁଥିବା ବେଳେ ଉପରୋକ୍ତ ଯୁବକଟି ଗୋଦାମରୁ ଦୁଇ କିଲୋ ପିଆଜ ଆଣି ଯୁବତୀ ସାମ୍ନାରେ ଦଣ୍ଡାୟମାନ ହୋଇ ପିଆଜ ମୁଣାଟି ଧରାଇଦେଲା। ଏଥର ଯୁବତୀ ଭାବପ୍ରବଣ ହୋଇ କହିଲା– ମୁଁ ତୁମକୁ ବହୁତ ଭଲପାଏ। 'ଦେଖନ୍ତୁ ବାବାଜିଆ ଲୋକ; ଯେଉଁମାନେ ପାରିବାରିକ ବିକାଶକୁ ଥୁ କରିଦେଇ ନିଶଦାଢ଼ିର ବିକାଶକୁ ପ୍ରାଧାନ୍ୟ ଦେଇଥାଆନ୍ତି, ସେମାନଙ୍କ ନିକଟରେ ମୁଁ ନ ଥାଏ। ଉପରକୁ ସେମାନେ ଖାଲି କହନ୍ତି କି ମୁଁ ପିଆଜ ଖାଏନା, ଆମେ ହେଲୁ ନିରାମିଷ! କି କଥା ମୁଁ କ'ଣ କୋଉ ଜନ୍ତୁଜୁନ୍ତା ହେଇଚି ଯେ ମୋତେ ନ ଖାଇଲେ ଆପଣ ନିରାମିଷ ହୋଇଗଲେ? ପ୍ରକୃତ କଥା ହେଲା ମୋତେ ନେବାକୁ ସେମାନଙ୍କର ଦମ୍ ନ ଥାଏ। କିନ୍ତୁ ବାବାଜିଆ ବେଶରେ ଥିବା ଅନେକ ଲୋକ ଯେଉଁମାନେ ନାନା ଫନ୍ଦି ଫିକର କରି ଭିତିରିଆ ନିଜର ତଥା ପରିବାରର ବିକାଶରେ ମନୋନିବେଶ କରିଥାଆନ୍ତି, ସେମାନଙ୍କ ଖାଇବା ଥାଳିରେ ମୁଁ ଥାଏ। ଯେହେତୁ ମୋର ଭାଇ ବିକାଶ ସେଠାରେ ଲୁଚିକରି ଥାଏ, ମୋର ଉପସ୍ଥିତି ମଧ୍ୟ ପ୍ରକାଶିତ ହୁଏ ନାହିଁ।

ମୋର ଦର ଏତେ ଯେ ସମସ୍ତେ ମୋତେ ପାଇପାରନ୍ତି ନାହିଁ। ତେଣୁ ବିକାଶ ଯୋଉଠି ମୁଁ ସେଇଠି। ଅର୍ଥାତ ଯାହାର ଆର୍ଥିକ ବିକାଶ ହୋଇଥାଏ ତା' ପାଖରେ ଟଙ୍କା ଥାଏ। ଯା' ପାଖରେ ଟଙ୍କା ଥାଏ, ତା ପାଖରେ ମୁଁ ଥାଏ। ଏବେ କୁହନ୍ତୁ ବିକାଶ ମୋର ଭାଇ କି ନାଇଁ?

ଚାଷୀ ହେଲା ମୋର ପାଳନକର୍ତ୍ତା, ସେବକ। ସିଏ ରାତିଦିନ ଏକ କରି ଖଟିଖଟି ମୋତେ ପାଳିପୋଷି ଛୋଟରୁ ବଡ଼ କରିଥାଏ। ଚାଷୀ ନିକଟରୁ ମୁଁ ଆସେ ବ୍ୟବସାୟୀ ନିକଟକୁ। ତା' ପରେ ମୋର ଦେଖ ଭାଉ। ମୁଁ ବେଶ୍ ଉପାଦେୟ ଓ ଦାମୀ ପାଲଟିଯାଏ। କାରଣ ବ୍ୟବସାୟୀ ନିକଟରେ ମୋର ଭାଇ ବିକାଶ ଥାଏ!

ଆପଣଙ୍କ ମନରେ ପ୍ରଶ୍ନ ଉଠୁଥିବ କି ବିକାଶକୁ ନ ଧରିଲେ କ'ଣ ପିଆଜକୁ ଧରିହେବ ନାଇଁ? ପକେଟରେ ଧନ ନ ଥିବାରୁ ଆପଣ ମୋତେ ଲୁଲୁଲୁ ଚାହୁଁଥିବେ ଆଉ ମୁଁ ଆପଣଙ୍କୁ ଖତେଇ ହେଉଥିବି! ପିଆଜ କ'ଣ ଖାଲି ଧନୀର? ତା ହେଲେ ଧୀରେ ଧୀରେ ପିଆଜର ପ୍ରାପ୍ତି କ'ଣ ନିର୍ଧନ ପାଇଁ ସ୍ୱପ୍ନ ହୋଇଯିବ?

ଏହି ପ୍ରଶ୍ନର ସଳଖ ଉତ୍ତର ହେଲା–ଯଦି ଆପଣଙ୍କ ପାଖରେ ବିକାଶର ଚିହ୍ନବର୍ଣ୍ଣ ନାହିଁ ତା'ହେଲେ ମୋତେ ମଣିଷପଣିଆ ପରିତ୍ୟାଗ କରିବାକୁ ହେବ ଏବଂ ଷଣ୍ଢ ପରି ବିଡ୍ ବଜାରରେ ମୋତେ ଟେକି ନେବାକୁ ପଡ଼ିବ।

ନରସିଂହପୁର, କଟକ
ମୋ–୮୮୯୫୮୨୫୮୬୩

## ଏଇ ଭାରତରେ

ନୂଆବସ୍ତ୍ର ପିନ୍ଧି, ମିଠେଇ ଖାଇ ବାଣ ଫୁଟାଇ ଦୀପାବଳି ପାଳନ କରାଯିବାର ପରମ୍ପରା ରହିଛି। କିନ୍ତୁ ଏଥର ଗ୍ରୀନ୍ ଦୀପାବଳି ପାଳନ କରିବାର ସୁଯୋଗ ଦେଇଛି ଗ୍ରାମାର୍ଟ ପ୍ରୋଜେକ୍ଟ। ଏହା ମାଧ୍ୟମରେ ମଧ୍ୟପ୍ରଦେଶ ସୌସାର ତହସିଲ ଅନ୍ତର୍ଗତ ପରଦସିଂ ଗାଁ ମହିଳାମାନେ ସିଡ୍ କ୍ରାକର( ମଞ୍ଜିରେ ତିଆରି ବାଣ) ଓ ସିଡ୍ ସୁଇଟ୍( ମଞ୍ଜିରେ ତିଆରି ମିଠେଇ) ପ୍ରସ୍ତୁତ କରିଛନ୍ତି। ଏଥିରେ ନିଆଁ ଲଗାଇ ଫୁଟାଇପାରିବେନି କି ମିଠେଇକୁ ଖାଇହେବନି। ବରଂ ଦୀପାବଳିରେ ପ୍ରଦୂଷଣ ଦୂର କରିବା ସହ ଗଛ ଉତାରିବା ଲାଗି ଏହା ପ୍ରସ୍ତୁତ କରାଯାଇଛି। ଅଦରକାରୀ କାଗଜରେ ମଞ୍ଜିକୁ ବାନ୍ଧି ଅବିକଳ ବାଣ ଓ ମିଠେଇ ତିଆରି କରିଛନ୍ତି ମହିଳାମାନେ। ପିଆଜ ମଞ୍ଜିରେ ଚକ୍ରି, ରୋଜଲି (ଏକପ୍ରକାର ଫୁଲ) ମଞ୍ଜିରୁ ବମ୍ ବାଣ ତିଆରି ହୋଇଛି। ଏହି କାମରେ ପରଦସିଂ ଗାଁର ପାଖାପାଖି ୫୦ଟି ପରିବାର ଲାଗିଛନ୍ତି। ଏହି ଦୀପାବଳିରେ ବାଣକୁ ମାଟିରେ ପୋତି ପାଣି ଦେବେ ଓ ସେଥିରୁ ଗଛ ହେବ। ମଞ୍ଜିରେ ତିଆରି ଲଡୁକୁ ଦୀପାବଳିରେ କୁଣ୍ଡ କିମ୍ବା ମାଟିରେ ଲଗାଇ ଗଛ ଉତାରିବେ। ବିଲାତି ଓ ମୂଳା ଗଛ ଏଥିରୁ ବାହାରିବ। ମଞ୍ଜିରୁ ପ୍ରସ୍ତୁତ କୁକିଜ୍‌କୁ ଲଗାଇଲେ ବାଇଗଣ କିମ୍ବା ପୁରୁଣି ଶାଗ ଗଛ ଉଠିବ। ମଞ୍ଜିରୁ ପ୍ରସ୍ତୁତ ବର୍ଫିରୁ ବାହାରିବ ଭେଣ୍ଡି କିମ୍ବା ଖଡାଶାଗ ଗଛ। ଏହାକୁ ଇ–କମର୍ସ ପ୍ଲାଟଫର୍ମରେ ବିକ୍ରି କରାଯାଉଛି। ବାଣ ସହ ଲଡୁକୁ ଲଗାଇବା ଲାଗି ନଡ଼ିଆ କତାର କୁଣ୍ଡ ମଧ୍ୟ ମିଳୁଛି।

## ୨୫ ବର୍ଷ ତଳର ଧରିତ୍ରୀ

**୨ ନଭେମ୍ବର ୧୯୯୫**

- ଅକ୍ସଫୋର୍ଡସ୍ଥିତ ଜନ ର୍‍ୟାଡ୍‌କ୍ଲିଫ ହାସପାତଳରେ ବ୍ରିଟିଶ ଚଳଚ୍ଚିତ୍ର ପ୍ରଯୋଜକ ଆବେଲ ଗୁଡମ୍ୟାନଙ୍କ ଶରୀରରେ ପ୍ରଥମ ସ୍ଥାୟୀ ବିଦ୍ୟୁତ୍‌ଚାଳିତ ହୃତ୍‌ପିଣ୍ଡର ପ୍ରତିରୋପଣ।
- କାଶ୍ମୀର ଉପତ୍ୟକାରେ ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟି ୫ ଉଗ୍ରପନ୍ଥୀ ଓ ୨ ପୋଲିସ କର୍ମୀଙ୍କ ସମେତ ୧୪ ଜଣ ପ୍ରାଣ ହରାଇଛନ୍ତି।

## ଚିରନ୍ତନୀ

ଦେଖରେ ତାରା ଦେଖ ଆକାଶେ
ତୁମରି କବି ଲୋତକେ ଭାଷେ
ଏ ଧୂଳି ତଳେ କି ଦୀନ ବେଶେ
ଭ୍ରମଇ କିବା ଭିକ୍ଷା ଆଶେ!
–(କବିର ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ପଜଲ୍ ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଦିଶାହୀନ ଗଣତନ୍ତ୍ର

ମହାଶୟ,

ମହାନ ଦାର୍ଶନିକ ଆରିଷ୍ଟଟଲ କହିଥିଲେ– ଗଣତନ୍ତ୍ରର ସ୍ୱାଦ ସେତେବେଳେ ମିଠା ଯେତେବେଳେ ଲୋକ ଶିକ୍ଷିତ ହେବେ। ଭାରତ ଏକ ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ର। ଏହି ଦେଶରେ ଲୋକ ପ୍ରକୃତରେ କେତେ ଶିକ୍ଷିତ ଏହି କଥାରୁ ଅନୁମାନ କରାଯାଇପାରେ ଯେ ଆମେ କଂଗ୍ରେ ଓ ବିଜେପିକୁ ଛାଡ଼ିଦେଇ ତୃତୀୟ ବିକଳ୍ପ ସୃଷ୍ଟି କରିପାରି ନାହୁଁ। ଯେଉଁଠିକି ଭାରତରେ ବହୁଦଳୀୟ ଶାସନ ବ୍ୟବସ୍ଥା ପ୍ରଚଳିତ। ଅବଶ୍ୟ ଏଥିରେ ସବୁ ଦୋଷ ଜନସାଧାରଣଙ୍କ ବି ନୁହେଁ। ଦିଶାହୀନ ଗଣତନ୍ତ୍ରର ଆଉ ଗୋଟିଏ ଉଦାହରଣ ହେଉଛି ବର୍ତ୍ତମାନ ଆମ ଦେଶର ଏକଛତ୍ରବାଦୀ ନୀତି। ଲୋକ ସରକାର ବିରୋଧରେ ମୁହଁ ଖୋଲିବାକୁ ଭୟ କଲେଣି। ଯେଉଁମାନେ ମୁହଁ ଖୋଲୁଛନ୍ତି ସେମାନଙ୍କୁ ଦେଶଦ୍ରୋହୀର ଆଖ୍ୟା ଦିଆଯାଉଛି। ବର୍ତ୍ତମାନ ଦେଶରେ ଏ କ୍ଷେତ୍ରରେ ଜନସଚେତନତାର ଆବଶ୍ୟକତା ରହିଛି। ଜନସାଧାରଣଙ୍କ ହାତରେ ରହିଛି ଗଣତନ୍ତ୍ରର ଚାବିକାଠି।

–ସନ୍ନ୍ୟାସୀ ମହାରଣା, ଆଦିମାତା କଲୋନୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଧର୍ମାନୁଷ୍ଠାନ ଖୋଲିବା ନେଇ ଅନୁରୋଧ କଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର,୧।୧୧(ବ୍ୟୁରୋ):** ଚଳିତ ପବିତ୍ର କାର୍ତ୍ତିକ ମାସରେ କୋଭିଡ୍ କଟକଣାକୁ ମାନି ଜଗନ୍ନାଥଙ୍କ ମନ୍ଦିର ସମେତ ରାଜ୍ୟର ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନକୁ ନିୟନ୍ତ୍ରିତ ଢଙ୍ଗରେ ଖୋଲାଯାଉ। ଏନେଇ ରାଜ୍ୟ ସରକାରଙ୍କୁ ଟୁଇଟ୍ ମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଅନୁରୋଧ କରିଛନ୍ତି। ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି ଯେ, କାର୍ତ୍ତିକ ମାସ ଆଧାତ୍ମିକ ମାସଭାବେ ରାଜ୍ୟବାସୀଙ୍କ ପାଖରେ ବେଶ୍ ଆଦୃତ। ଏହି ମାସରେ ଜଗନ୍ନାଥଙ୍କୁ ଶ୍ରୀକ୍ଷେତ୍ରରେ ଦର୍ଶନ ପାଇଁ ଭକ୍ତମାନେ ଅପେକ୍ଷାରତ ଥାଆନ୍ତି। ଇତିମଧ୍ୟରେ ଭାରତବର୍ଷରେ କୋଭିଡ୍ କଟକଣାକୁ ମାନି ଅନେକ ମନ୍ଦିର ଖୋଲାଗଲାଣି। ଲୋକଙ୍କ ବିଶ୍ୱାସ ଓ ଭାବାବେଗକୁ ସମ୍ମାନ ଦେଇ ଏହି କାର୍ତ୍ତିକ ମାସରେ ଅନ୍ୟ ରାଜ୍ୟ ଭଳି ଜଗନ୍ନାଥଙ୍କ ଶ୍ରୀମନ୍ଦିର ସମେତ ଓଡ଼ିଶାର ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନକୁ ମଧ୍ୟ ନିୟନ୍ତ୍ରିତ ଢଙ୍ଗରେ ଭକ୍ତଙ୍କ ପାଇଁ ଖୋଲିବାକୁ ରାଜ୍ୟ ସରକାରଙ୍କୁ ସେ ଅନୁରୋଧ କରିଛନ୍ତି। ରାଜ୍ୟ ସରକାର ଶ୍ରୀମନ୍ଦିର ସମେତ ଓଡ଼ିଶାର ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନଗୁଡ଼ିକରେ କୋଭିଡ୍ ନିୟମ ପାଳନ କରିବାର ସମସ୍ତ ପ୍ରସ୍ତୁତି ସହ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରିବା ଉପରେ ଧ୍ୟାନ ଦେବାକୁ ସେ ଅନୁରୋଧ କରିଛନ୍ତି।

### କନ୍ଧମାଳରେ ଘନ କୁହୁଡ଼ି

#### ବାଂଲାଦେଶକୁ ମୁହାଁଇବ ଲଘୁଚାପ

**ଭୁବନେଶ୍ୱର,୧।୧୧(ବ୍ୟୁରୋ):** ଗତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶା ସର୍ବନିମ୍ନ ତାପମାତ୍ରାରେ ଯଥେଷ୍ଟ ବୃଦ୍ଧି ପାଇଥିବାବେଳେ କନ୍ଧମାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘନ କୁହୁଡ଼ି ଦେଖାଦେଇଛି। ଆସନ୍ତା ୬ ତାରିଖ ସକାଳ ୮ଟା ୩୦ ପର୍ଯ୍ୟନ୍ତ ଓଡ଼ିଶାରେ ପାଗ ଶୁଖିଲା ରହିବାର ସମ୍ଭାବନା ରହିଛି। ତେବେ ଦୁଇ ତିନିଦିନ ପର୍ଯ୍ୟନ୍ତ ତାପମାତ୍ରାରେ ସେଭଳି କୌଣସି ପରିବର୍ତ୍ତନ ହେବ ନାହିଁ। ଏହାପରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ତାପମାତ୍ରା ୩ରୁ ୪ ଡିଗ୍ରୀ ସେଲ୍ସିୟସ ଖସିବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ରବିବାର ପାରଳାଖେମୁଣ୍ଡିରେ ସର୍ବାଧିକ ତାପମାତ୍ରା ୩୫.୫ ଡିଗ୍ରୀ ସେଲସିୟସ୍ ରହିଥିଲାବେଳେ କୋରାପୁଟରେ ସର୍ବନିମ୍ନ ୧୪ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ଅପରପକ୍ଷରେ ଉତ୍ତର-ପୂର୍ବ ଏବଂ ବଙ୍ଗୋପସାଗରର ପୂର୍ବ-କେନ୍ଦ୍ରୀୟ ସଂଲଗ୍ନ ଅଞ୍ଚଳରେ ସୃଷ୍ଟି ହୋଇଥିବା ଲଘୁଚାପ ସମୁଦ୍ର ପତ୍ତନ ୪.୫ କିଲୋମିଟର ପର୍ଯ୍ୟନ୍ତ ବିସ୍ତାର ହୋଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ବାଂଲାଦେଶ ଉପକୂଳ ଆଡ଼କୁ ଯିବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

#### ଖୋର୍ଦ୍ଧା ସାରୁଅ ଜମି ବିବାଦ

### ଓଟିଭି ସିଏଫ୍ଓଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

**ଭୁବନେଶ୍ୱର,୧।୧୧(ବ୍ୟୁରୋ):** ବହୁ ଚର୍ଚ୍ଚିତ ଖୋର୍ଦ୍ଧା ସାରୁଅ ଜମି ବିବାଦ ମାମଲାରେ କ୍ରାଇମବ୍ରାଞ୍ଚର ଇଓଡବ୍ଲ୍ୟୁ ଓଟିଭିର ମୁଖ୍ୟ ବିତ୍ତ ଅଧିକାରୀ (ସିଏଫ୍ଓ) ମନୋରଞ୍ଜନ ଷଡ଼ଙ୍ଗୀଙ୍କୁ ରବିବାର ଗିରଫ କରିଛି। ଗିରଫ ପୂର୍ବରୁ କ୍ରାଇମବ୍ରାଞ୍ଚ ତାଙ୍କୁ ୯ଘଣ୍ଟା ଧରି ଜେରା କରିଥିଲା। ତାଙ୍କ ବିରୋଧରେ ଇଓଡବ୍ଲ୍ୟୁ ଆଇପିସି ଦଫା ୪୨୦, ୪୨୩, ୪୬୭, ୪୬୮, ୪୭୧,୧୨୦(ଖ) ଏବଂ ଏସ୍ସିଏସ୍ଟି ଆକ୍ଟର ୩(୧)(ଜି)(କ୍ୟୁ) ଲଗା ଯାଇଛି। କ୍ୟାପିଟାଲ ହସ୍ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ମନୋରଞ୍ଜନଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଏସ୍ସି/ଏସ୍ଟି କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସାରୁଅରେ ଓଟିଭି ଓ ଏହାର କର୍ତ୍ତୃପକ୍ଷ ଚକ୍ରାନ୍ତ କରି ଦଳିତଙ୍କ ଜମିକୁ ଜଣେ ଦଳିତଙ୍କ ନାଁରେ କିଣିଥିବା ଅଭିଯୋଗ ହୋଇଥିଲା। ସିଏଫ୍ଓ ମନୋରଞ୍ଜନଙ୍କ ତତ୍ତ୍ୱାବଧାନରେ ଏହି ଜମି କିଣିବିକା ହୋଇଥିଲା। ଓଡ଼ିଶା ଇନଫ୍ରାଟେକ୍ର ପୂର୍ବତନ ଡ୍ରାଇଭର ରବୀନ୍ଦ୍ର ସେଠୀଙ୍କୁ ବ୍ୟବହାର କରାଯାଇ ତାଙ୍କ ନାମରେ ଜମି କିଣାଯାଇଥିବା ନେଇ ପ୍ରଥମେ ବାଘମାରୀ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ପରେ ଏହାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ହାତକୁ ଯାଇଥିଲା। କ୍ରାଇମବ୍ରାଞ୍ଚ ଡ୍ରାଇଭର ରବୀନ୍ଦ୍ରଙ୍କୁ ମଧ୍ୟ ପୂର୍ବରୁ ଏ ବାବଦରେ ପଚରାଉଚରା କରିଛି। ଅଭିଯୋଗର ସତ୍ୟାସତ୍ୟ ଜଣାପଡିବା ପରେ ମନୋରଞ୍ଜନଙ୍କୁ ଗିରଫ କରାଯାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ଏହି ଗିରଫଦାରିକୁ ରାଜ୍ୟର ବିଭିନ୍ନ ରାଜନୈତିକ ଦଳର ନେତାମାନେ ସମାଲୋଚନା କରିଛନ୍ତି।

# ଗୋରାସେତୁରେ ନୂଆ ବିଏସ୍ଏଫ୍ କ୍ୟାମ୍ପ

**ମାଲକାନଗିରି/ ଚିତ୍ରକୋଣ୍ଡା, ୧।୧୧(ଡି.ଏନ.ଏ.)**

- କଡ଼ା ସୁରକ୍ଷା ମଧ୍ୟରେ ନିର୍ମାଣ ଆରମ୍ଭ
- ଲାଲ୍ବାହିନୀ ଗଡ଼ରେ ଉଡ଼ିଲା ତ୍ରିରଙ୍ଗା


ଗୋରାସେତୁଠାରେ ଯବାନମାନେ ଉଡ଼ାଇଥିବା ତ୍ରିରଙ୍ଗା ପତାକା।

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ଅନ୍ତର୍ଭୁକ୍ତ ବିଚ୍ଛିନ୍ନାଞ୍ଚଳର ପଣସପୁଟ ପଞ୍ଚାୟତ ଅଧୀନ ଗୋରାସେତୁରେ ରବିବାର କଡ଼ା ସୁରକ୍ଷା ବଳୟ ମଧ୍ୟରେ ନୂତନ ବିଏସ୍ଏଫ୍ କ୍ୟାମ୍ପ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ହୋଇଛି। ଏଥିସହ ଲାଲ୍ଗଡ଼ ଭାବେ ପରିଚିତ ଗୋରାସେତୁରେ ଉଡ଼ିଛି ତ୍ରିରଙ୍ଗା। ସ୍ୱାଭିମାନ ଅଞ୍ଚଳରେ ମାଓବାଦୀ ହିଂସାରେ ଅଙ୍କୁଶ ଲଗାଇବାକୁ ଏହି କ୍ୟାମ୍ପ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହେବ ବୋଲି ମତପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ବିଏସ୍ଏଫ ଡିଆଇଜି ସଞ୍ଜୟ କୁମାର ସିଂ, ମାଲକାନଗିରି ଏସ୍ପି ଋଷିକେଶ ଡି. ଖିଲାରି, କମାଣ୍ଡାଣ୍ଟ ଆର୍.ଏସ. ମିଞ୍ଜ, ସଞ୍ଜୟ କୁମାର ପାଣ୍ଡେ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଭଗବାନ ସିଂ, ପ୍ରହ୍ଲାଦ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଦୁର୍ଗମ ପାହାଡିଆ ଅଞ୍ଚଳ ଗୋରାସେତୁ ଲାଲ୍ବାହିନୀ ଗଡ଼ ଭାବେ ପରିଚିତ ଥିଲା। ହେଲେ ଏବେ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିଛି। ବିକାଶଧାରାରେ ସାମିଲ ହୋଇଥିବା ସ୍ଥାନୀୟ ଅଞ୍ଚଳବାସୀ ଦୀର୍ଘଦିନରୁ ମାଓବାଦୀଙ୍କଠାରୁ ମୁହଁ ଫେରାଇ ନେଲେଣି। ହେଲେ ଅନେକ ସମୟରେ ମାଓବାଦୀ ସେମାନଙ୍କ ଉପସ୍ଥିତି ଜାହିର କରୁଛନ୍ତି। ସୁରକ୍ଷାବଳକୁ ଟାର୍ଗେଟ୍ କରି ଟିଫିନ ବୋମା ଖଞ୍ଜିବା ସହ ଆମ୍ବୁସ ଆକ୍ରମଣ କରୁଛନ୍ତି। ଗତ ସପ୍ତାହରେ ଗୋରାସେତୁ ନିକଟ ପୂଜାରୀଗୁଡା ଗ୍ରାମର ଦାସ ଖେମୁଡୁ ଲାଲ୍ବାହିନୀ ହିଂସାର ଶିକାର ହୋଇ ପ୍ରାଣ ହରାଇଥିଲେ। ଅନ୍ୟ ୨ଜଣଙ୍କୁ ନିସ୍ତୁକ ମାଡ଼ ମାରିଥିଲେ ମାଓବାଦୀ। ଏହି ଘଟଣା ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଅଞ୍ଚଳବାସୀଙ୍କୁ ସୁରକ୍ଷା ଦେବା ଲାଗି ଗୋରାସେତୁରେ ବିଏସ୍ଏଫ କ୍ୟାମ୍ପ ପ୍ରତିଷ୍ଠା ନେଇ ପଦକ୍ଷେପ ଆରମ୍ଭ ହୋଇଛି। କ୍ୟାମ୍ପର ସୀମା ଚିହ୍ନଟ କରାଯାଇଛି। ଏହାର ଚାରିପଟକୁ ତାର ଜାଲି ଘେରାଯାଇଛି। ଶନିବାର ମାଓବାଦୀଙ୍କ ଶହୀଦସ୍ତମ୍ଭ ଏବଂ ଗଡଗୃହକୁ ଅକ୍ତିଆର କରାଯାଇଛି। ଏଥିପୂର୍ବରୁ ହନ୍ତାଳଗୁଡ଼ା, ଜନ୍ତୁରାଇ, ଦାରଲାବେଡାରେ ବିଏସ୍ଏଫ୍ କ୍ୟାମ୍ପ ପ୍ରତିଷ୍ଠା ହୋଇଥିଲା। ପରବର୍ତ୍ତୀ ସମୟରେ ଯୋଡ଼ାମ୍ବରେ ଥାନା ପ୍ରତିଷ୍ଠା ହେଲା। କ୍ୟାମ୍ପ ପ୍ରତିଷ୍ଠା ହେବା ପରେ ଲୋକଙ୍କ ସୁରକ୍ଷା ସହ ରାସ୍ତା ଘାଟ ନିର୍ମାଣ, ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ସାଙ୍ଗକୁ ମାଓବାଦୀଙ୍କୁ ଦମନ କରିବା ଅଧିକ ସହଜ ହେବ।

# ମାଓବାଦୀ ଦମନ ନେଇ ଡିଜିପିଙ୍କ ଆଲୋଚନା



ଡିଜିପିଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀ।

**ଫୁଲବାଣୀ ଅଫିସ,୧।୧୧**

## କନ୍ଧମାଳ-ଗଞ୍ଜାମ ସୀମାନ୍ତ ଜଙ୍ଗଲରେ ଚାଲିଛି ଗୁଳି ବିନିମୟ

ଦିନିକିଆ କନ୍ଧମାଳ ଜିଲା ଗସ୍ତରେ ଆସି ଡିଜିପି ଅଭୟ ମାଓବାଦୀ ଦମନ ଉପରେ ଆଲୋଚନା କରିଛନ୍ତି। ଏହାପରେ କେତେଜଣ ଯବାନଙ୍କ ସହ ମଧ୍ୟ ଆଲୋଚନା କରି ପୁଣି ଭୁବନେଶ୍ୱର ଫେରି ଯାଇଥିଲେ।

ସକାଳ ପ୍ରାୟ ସାଢ଼େ ୮ଟାରେ ଡିଜିପି ଅଭୟଙ୍କ ସହ ଅନ୍ୟ ଅଧିକାରୀମାନେ ଏକ ହେଲିକପ୍ଟରରେ ଆସି ବାଲିଗୁଡା ବ୍ଲକ ଖମନଖୋଲ ସିଆରପିଏଫ୍ କ୍ୟାମ୍ପରେ ଓହ୍ଲାଇ ଥିଲେ। ସେଠାରେ ସେ ଏସ୍ଓଜି ଓ ସିଆର୍ପିଏଫ୍ ଯବାନ, ଏସ୍ପି ଏବଂ ଅନ୍ୟ ଅଧିକାରୀଙ୍କ ସହ ଜିଲାରେ ମାଓମାଦୀଙ୍କ ଗତିବିଧି କିପରି ରହିଛି ପଚାରି ବୁଝିଥିଲେ। ମାଓବାଦୀଙ୍କୁ ଦମନ ପାଇଁ ଜିଲାରେ କୋମ୍ବିଂକୁ ଜୋରଦାର କରାଯାଉଛି। ବିଗତ ଦିନରେ ଏଥିରେ ଏକାଧିକ ମାଓବାଦୀଙ୍କ ମୃତ୍ୟୁ ମଧ୍ୟ ଘଟିଛି। ରାଇକିଆ ଇନ୍ଦ୍ରଗଡ ପଞ୍ଚାୟତ ବାଇବାଲି ଏବଂ କନ୍ଧମାଳ-ଗଞ୍ଜାମ ସୀମାନ୍ତ ଜଙ୍ଗଲରେ ଏବେ ମାଓବାଦୀ ଏବଂ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ଚାଲିଥିବା ବେଳେ ଟିମ୍ ଫେରି ନ ଥିବାରୁ ସବିଶେଷ ବିବରଣୀ ଜଣା ପଡି ନ ଥିବା ଡିଜିପିଙ୍କୁ ଅବଗତ କରାଯାଇଥିଲା। ମୋଟାମୋଟି ଭାବେ ଜିଲାରେ ମାଓବାଦୀ ଦମନ କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ଉପରେ ଡିଜିପି ସନ୍ତୋଷ ବ୍ୟକ୍ତ କରିଥିଲେ। ଶେଷରେ ଦୁଇ ଜଣ କନଷ୍ଟେବଲଙ୍କ ସହ ଡିଜିପି ଭାବ ଆଦାନପ୍ରଦାନ କରିଥିଲେ। ଡିଜିପିଙ୍କ ସହ ଏହି ଗସ୍ତରେ ସିଆରପିଏଫ୍ ସ୍ପେଶାଲ ଡିଜିପି କୁଲଦୀପ ସିଂ, ଗୁଇନ୍ଦା ନିର୍ଦ୍ଦେଶକ ଆର. କେ. ଶର୍ମା, ଆଇଜିପି ଅମିତାଭ ଠାକୁର ଓ ଏସ୍. କେ. ମହାନ୍ତି ପ୍ରମୁଖ ସାମିଲ ଥିଲେ। କନ୍ଧମାଳ ଏସ୍ପି ଭିନୀତ ଅଗ୍ରୱାଲ ଏବଂ ଜିଲାର ଅନ୍ୟ ଅଧିକାରୀମାନେ ଆଲୋଚନାବେଳେ ଉପସ୍ଥିତ ଥିଲେ।

# ଶିଶୁଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି କୋଭିଡ୍

**ଭୁବନେଶ୍ୱର,୧।୧୧(ବ୍ୟୁରୋ)**

## ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ୧୦ମ ପ୍ରତିଷ୍ଠା ଦିବସ

କୋଭିଡ୍ ଶିଶୁମାନଙ୍କ ମନସ୍ତାତ୍ତ୍ୱିକ, ଶାରୀରିକ, ମାନସିକ ଅବସ୍ଥା ଉପରେ ଗଭୀର ପ୍ରତିକୂଳ ପ୍ରଭାବ ପକାଇଛି। କୋଭିଡ୍ ସମୟରେ ଶିଶୁଙ୍କ ସୁରକ୍ଷିତ ଶୈଶବ ସହ ଉତ୍ତମ ଭବିଷ୍ୟତ ଗଠନ ପାଇଁ ସରକାରଙ୍କ ସହ ଶିଶୁ ଅଧିକାର କ୍ଷେତ୍ରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନ, ଅଭିଭାବକ ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ ହୋଇପଡିଛି। ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗର ୧୦ମ ପ୍ରତିଷ୍ଠା ଦିବସରେ ଯୋଗଦେଇ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି।

ଏହି ଅବସରରେ 'କୋଭିଡ୍-୧୯ ମହାମାରୀ କାଳରେ ଶିଶୁଙ୍କ ଯତ୍ନ ଓ ସୁରକ୍ଷା' ଉପରେ ଆୟୋଜିତ ୱେବିନାରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏକ ଭିଡ଼ିଓ ବାର୍ତ୍ତାରେ କହିଥିଲେ, ଶୈଶବ ହେଉଛି ଅନନ୍ତ ସମ୍ଭାବନାର ଆଧାର। ଶିଶୁଙ୍କ ନିରାପଦ ଶୈଶବ ପାଇଁ ଅନୁକୂଳ ପରିବେଶ ନିର୍ମାଣ ଏବଂ ସେମାନଙ୍କ ଚେତନାର ବିକାଶ ପାଇଁ ଉପଯୁକ୍ତ ସୁଯୋଗ ସୃଷ୍ଟି ହେବା ଏକାନ୍ତ ଆବଶ୍ୟକ ବୋଲି ସେ କହିଥିଲେ। ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ସ୍ୱାଗତ ଭାଷଣ ଦେଇ କୋଭିଡ୍ ସ୍ଥିତିରେ ଶିଶୁଙ୍କ ସୁରକ୍ଷା ପାଇଁ ଆୟୋଗ ତରଫରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କହିଥିଲେ। ମୁଖ୍ୟ ଅତିଥି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ କହିଲେ, ଶିଶୁଙ୍କ ସୁରକ୍ଷା ଓ ସ୍ୱାର୍ଥରକ୍ଷା ପାଇଁ ଉଦ୍ଦିଷ୍ଟ ସମସ୍ତ ଆଇନର ସଫଳ କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ସରକାର ସର୍ବଦା ଯତ୍ନଶୀଳ। ତେବେ ଶିଶୁଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ପ୍ରତି ଯୋଜନାର ସୁଫଳ କିଭଳି ଶିଶୁମାନେ ପାଇପାରିବେ ସେ ଦିଗରେ ଆୟୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସେ କହିଥିଲେ। ଶିଶୁଙ୍କ ଶିକ୍ଷା ସମ୍ପର୍କିତ ଆୟୋଗର ସମସ୍ତ ପ୍ରସ୍ତାବକୁ ସହଯୋଗ ଯୋଗାଇ ଦିଆଯିବ ବୋଲି ବିଶିଷ୍ଟ ଅତିଥି ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏହି ମହାମାରୀ ସମୟରେ ଶିଶୁ ସୁରକ୍ଷାର ଆହ୍ୱାନକୁ ଯଥୋଚିତ ଗୁରୁତ୍ୱ ଦେବା ପାଇଁ ମତ ପ୍ରକାଶ କରିଥିଲେ। ଅଗ୍ନିଶମ ସେବା ତଥା ଗୃହରକ୍ଷୀ ମହାନିର୍ଦ୍ଦେଶକ ଡ. ସତ୍ୟଜିତ ମହାନ୍ତି, ୟୁନିସେଫ୍ର ମୋନିକା ନିଲେସନ୍, ମହିଳା ଓ ଶିଶୁବିକାଶ ଉପଦେଷ୍ଟା ସୁଲତା ଦେଓ, ମହିଳା ଆୟୋଗ ଅଧକ୍ଷା ଡ. ମୀନତି ବେହେରା ଓ ଭିନ୍ନକ୍ଷମ ସଶକ୍ତିକରଣ ଆୟୋଗ ଅଧକ୍ଷା ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ରହି ଶିଶୁଙ୍କ ଉପରେ କୋଭିଡ୍-୧୯ର ପ୍ରଭାବ ସଂକ୍ରାନ୍ତ ଅଧ୍ୟୟନ ରିପୋର୍ଟ ଉନ୍ମୋଚନ କରିଥିଲେ।



ରବିବାର ଭୁବନେଶ୍ୱରସ୍ଥିତ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ୧୦ମ ପ୍ରତିଷ୍ଠା ଦିବସ ଅବସରରେ ଅତିଥିମାନଙ୍କ ଦ୍ୱାରା ରିପୋର୍ଟ କାର୍ଡ ଉନ୍ମୋଚନ କରାଯାଉଛି।

## ୨ ଅଞ୍ଚଳରୁ ୧.୫ କୋଟି ଟଙ୍କାର ଗଞ୍ଜେଇ ଜବତ



**କୋରାପୁଟ/ଲମତାପୁଟ, ୧।୧୧(ସ୍ୱ.ପ୍ର.)**

କୋରାପୁଟ ଜିଲା ଲମତାପୁଟ ବ୍ଲକ ଅନକାଡେଲି ପଞ୍ଚାୟତର ହନୁମାଳ ଗ୍ରାମ ଏବଂ ପାଡୁଆ ଥାନା ଅନ୍ତର୍ଗତ ଆନ୍ଧ୍ର ସୀମାନ୍ତରେ ଚଢାଉ କରି ରବିବାର ପୋଲିସ ୧୩ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ହନୁମାଳ ଗ୍ରାମରୁ ୮କୁଇଣ୍ଟାଲ ୧୨ କେଜି ୭୦୦ ଗ୍ରାମ ଗଞ୍ଜେଇ ଜବତ କରଥିବା ବେଳେ ଆନ୍ଧ୍ର ସୀମାନ୍ତରୁ ୫କୁଇଣ୍ଟାଲ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ଦେଢକୋଟି ଟଙ୍କା ହେବ ବୋଲି ଜଣାଯାଇଛି। ହନୁମାଳ ଗ୍ରାମରେ ବିପୁଳ ପରିମାଣରେ ଗଞ୍ଜେଇ ରଖାଯାଇଥିବା ଖବର ପାଇ ରବିବାର ଲମତାପୁଟ, ମାଛକୁଣ୍ଡ ଓ ଜଲାପୁଟ ପୋଲିସର ଏକ ୫ ଜଣିଆ ଟିମ୍ ହନୁମାଳ ଗ୍ରାମ ଉପରେ ଚଢାଉ କରିଥିଲେ। ଗ୍ରାମରେ ଥିବା ଗୋବର୍ଦ୍ଧନ ଦଲେଇଙ୍କ ଏକ ନିର୍ମାଣଧୀନ ଘରେ ବସ୍ତାରେ ଗଚ୍ଛିତ ଥିବା ଉପରୋକ୍ତ ପରିମାଣର ଗଞ୍ଜେଇ ଜବତ କରିଥିଲେ। ମାଜିଷ୍ଟ୍ରେଟ ଭାବେ ତହସିଲଦାର ମନୋରଞ୍ଜନ ପଟ୍ଟନାୟକଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା। ପୋଲିସ ପକ୍ଷରୁ ଏକ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଚାଲିଛି। ଏଥିରେ ଜଡିତ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡିଛି। ସେହିପରି ପାଡୁଆ ପୋଲିସ ଆନ୍ଧ୍ରକୁ ଗଞ୍ଜେଇ ଚୋରାଚାଲାଣ ହେଉଥିବା ଖବର ପାଇ ସୀମାନ୍ତରେ ଚଢାଉ କରିଥିଲା।

# ଅଲଗା ଅଲଗା କୋଠରିରୁ ମା'ପୁଅଙ୍କ ମୃତଦେହ ଉଦ୍ଧାର

**ରାଇଘର ୧।୧୧(ଡି.ଏନ୍.ଏ.)**

## ଅପମୃତ୍ୟୁ ମାମଲା ରୁଜୁ

ନବରଙ୍ଗପୁର ଜିଲା ରାଇଘର ଥାନା ଅଧୀନ କୁମୁଲି ପଞ୍ଚାୟତ ଜାମଦରା ଗ୍ରାମରେ ମା' ପୁଅଙ୍କ ମୃତଦେହ ରବିବାର ମିଳିଛି। ମୃତକ ହେଲେ ସାଇବନି ହରିଜନ (୬୦) ଓ ତାଙ୍କ ପୁଅ ତୁଳସୀ ରାମ ହରିଜନ (୪୫)।

ସୂଚନା ଅନୁଯାୟୀ, ସାଇବନି ପୁଅ ତୁଳସୀ ରାମଙ୍କ ସହ ଗାଁରେ ରହୁନ୍ତି। ତୁଳସୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ରୁହେ। ରବିବାର ସକାଳ ୮ଟା ପର୍ଯ୍ୟନ୍ତ ମା' ପୁଅଙ୍କୁ ଗ୍ରାମବାସୀ ନ ଦେଖି ତାଙ୍କ ଘର କବାଟ ବାଡେଇ ଥିଲେ। କେହି ନ ଖୋଲିବାରୁ ଗ୍ରାମବାସୀ ସନ୍ଦେହରେ ଘର କବାଟ ଭାଙ୍ଗିଥିଲେ। ଗୋଟିଏ କୋଠରିରେ ସାଇବନିଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ସେହିଭଳି ଅନ୍ୟ ଏକ କୋଠରି ଚଟାଣରେ ତୁଳସୀଙ୍କ ମୃତଦେହ ପଡିଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ରାଇଘର ଥାନାରେ ୬୨/୨୦ ଓ ୬୩/୨୦ରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ତୁଳସୀ ରାମଙ୍କ ଦେହ ଖରାପ ରହୁଥିଲା। ତିନିଦିନ ହେବ ତାଙ୍କୁ ଗାଁରେ ଦେଖିବାକୁ ମିଳୁ ନ ଥିଲା। ଅସୁସ୍ଥତା କାରଣରୁ ତାଙ୍କର ମୃତ୍ୟୁ ହୋଇଥାଇପାରେ। ଏହା ଦେଖି ଦୁଃଖରେ ସାଇବନି ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ଗ୍ରାମବାସୀ କହିଥିବା ରାଇଘର ଥାନାଧିକାରୀ ଅଭୟ କୁମାର ବେହେରା ସୂଚନା ଦେଇଛନ୍ତି। ସେମାନଙ୍କ ପରିବାରରେ କେହି ନ ଥିବାରୁ ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମବାସୀଙ୍କୁ ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ କହିଛନ୍ତି।

# ନିର୍ବାଚନ କମିଶନଙ୍କୁ ଭେଟି ଅଭିଯୋଗ କଲା ଭାଜପା

**ଭୁବନେଶ୍ୱର, ୧।୧୧(ବ୍ୟୁରୋ)**

## ବାଲେଶ୍ୱର, ତିର୍ତ୍ତୋଲ ଛାଡ଼ନ୍ତୁ ବିଧାୟକ, ମନ୍ତ୍ରୀ

ଉପନିର୍ବାଚନକୁ ଆଉ ମାତ୍ର ଗୋଟିଏ ଦିନ ଥିବାବେଳେ ବାଲେଶ୍ୱର ଓ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ଯାଇ ରହିଥିବା ଶାସକ ଦଳ ମନ୍ତ୍ରୀ ଓ ବିଧାୟକ ଭୋଟରଙ୍କୁ ପ୍ରଭାବିତ କରୁଥିବା ଭାଜପା ଅଭିଯୋଗ କରିଛି। ଉଭୟ ନିର୍ବାଚନମଣ୍ଡଳୀରେ ଶାସକ ଦଳ ତୁଙ୍ଗ ନେତାମାନେ ସରକାରୀ କଳକୁ ଅପବ୍ୟବହାର କରି ପୋଲିସ ଓ ସ୍ଥାନୀୟ ପ୍ରଶାସନର ମିଳିତ ସହଯୋଗରେ ବେନିୟମଭାବେ ଭୋଟରଙ୍କୁ ଟଙ୍କା ବାଣ୍ଟିବାର ଯୋଜନା କରିଛନ୍ତି ବୋଲି ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଭାଜପା ପ୍ରତିନିଧି ଦଳ ଦର୍ଶାଇଛି ଯେ, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ଜଗତ୍ସିଂହପୁରର ପୂର୍ବତନ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ନିଜ କ୍ଷମତାର ଅପବ୍ୟବହାର କରି ନିର୍ବାଚନକୁ ପ୍ରଭାବିତ କରୁଛନ୍ତି। ଏହି ଘଟଣାକୁ ଗୁରୁତର ସହ ନେଇ ବାଲେଶ୍ୱର ଓ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ଥିବା ଶାସକ ଦଳ ମନ୍ତ୍ରୀ ଓ ବିଧାୟକଙ୍କୁ ବାହାର କରିବା ସହ ଜଗତ୍ସିଂହପୁରର ପୂର୍ବତନ ଜିଲାପାଳଙ୍କୁ ଅଞ୍ଚଳ ଛାଡ଼ିବା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀ, ଜିଲାପାଳ କିମ୍ବା ଏସ୍ପିଙ୍କୁ ନିର୍ଦ୍ଦେଶ ଦେବାକୁ ରାଷ୍ଟ୍ରୀୟ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ପାଖରେ ଭାଜପା ନେତା ଅଶ୍ୱିନୀ ବୈଷ୍ଣବ ଏବଂ ସମିତ ପାତ୍ର ଦାବି କରଛନ୍ତି।

# ପୂର୍ବ ବିବାଦରୁ ଯୁବକଙ୍କୁ ହତ୍ୟା

**କଟକ ସଦର,୧।୧୧ (ଡ଼ି.ଏନ.ଏ.)**

- କଟୁରି ଜବତ, ସାଇଣ୍ଟିଫିକ ଟିମ୍ର ତଦନ୍ତ
- ପୂର୍ବରୁ ରହିଥିଲା ଜମି ବିବାଦ

କଟକ ଜିଲା କିଶୋର ନଗର ଥାନା ଅଧୀନ ବାଲିଶୁକ୍ରି ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ କଟୁରିରେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ସେହି ଗ୍ରାମର ଉମେଶ ଭୋଇ(୫୦)। ଖବରପାଇ ସ୍ଥାନୀୟ ପୋଲିସ ବିଳମ୍ବିତ ରାତିରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ହତ୍ୟାକାଣ୍ଡରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ପଚରାଉଚରା ପାଇଁ ହେପାଜତକୁ ନେଇଛି। ଏଥିସହ ହତ୍ୟାକାଣ୍ଡରେ ବ୍ୟବହୃତ କଟୁରିକୁ ଜବତ କରିଛି। ଏ ନେଇ ଉମେଶଙ୍କ ସ୍ତ୍ରୀ ସରସ୍ୱତୀ ଅଭିଯୋଗ କରିବା ପରେ ଦଫା ୩୦୨, ୩୪ ଅନୁଯାୟୀ ପୋଲିସ ଏକ ହତ୍ୟା ମାମଲା (ନଂ.୧୭୪/୨୦) ରୁଜୁ କରିଛି।

ଅଭିଯୋଗ ଅନୁଯାୟୀ, ଶନିବାର ରାତି ୧୦ଟାରେ ଉମେଶ ଘରକୁ ଫେରୁଥିବାବେଳେ ପଡୋଶୀଙ୍କ ଘର ପାଖରେ କୁକୁର ଭୁକିଥିଲା। କୁକୁରକୁ ଘଉଡାଉଥିବାବେଳେ ୩ ଜଣ ବ୍ୟକ୍ତି ଆସି ଉମେଶଙ୍କ ମୁଣ୍ଡକୁ ହଠାତ୍ ହାଣି ଦେଇଥିଲେ। ଚିତ୍କାର ଶୁଣି ଉମେଶଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପରେ ତାଙ୍କୁ ଜଗତ୍ସିଂହପୁର ସଦର ମହକୁମା ହସ୍ପିଟାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ସକାଳେ ସାଲେପୁର ଏସ୍ଡିପିଓ ରଣଜିତ୍ କୁମାର ପୃଷ୍ଟି ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଜମିଜମା ବିବାଦକୁ ନେଇ ଉମେଶ ଓ ଆକ୍ରମଣକାରୀଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିଲା। ତେଣୁ ଏହି କାରଣକୁ ନେଇ ଉମେଶଙ୍କୁ ହତ୍ୟା କରାଯାଇଥିବା ସରସ୍ୱତୀ ଏତଲାରେ ଉଲ୍ଲେଖ କରିଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Shri Ram Finance
ଆଧାରକାର୍ଡ | ଏଗ୍ରିକଲ୍ଚର | ମାର୍କଶିଟ୍
ପର୍ସନାଲ | ପ୍ରପର୍ଟି | ଗ୍ରୁପ୍
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
94666-18733
94337-13915
B-34/7 A Block Vijay Enclave, Bururi, New Delhi

ଦୀପାବଳୀର ଶୁଭ ଅବସରରେ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
SIDDHIVINAYAK FINANCE (ISO:9001:1985)
ଆଧାରକାର୍ଡ | ଏଗ୍ରିକଲ୍ଚର | ମାର୍କଶିଟ୍
ପର୍ସନାଲ | ପ୍ରପର୍ଟି | ଗ୍ରୁପ୍
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
9536405151
9520405151
Add.-219, 28th Cross Road, Rajajinagar,Banglore

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd. Lucknow, Uttar Pradesh 226001
Helpline Number
6396732814

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

## ସଂକ୍ଷେପରେ

### ବିଡିଓଙ୍କ ୨ ପଞ୍ଚାୟତ ଗସ୍ତ

ଖଇରପୁଟ,୧।୧୧(ଡି.ଏନ.ଏ.)- ମାଲକାନଗିରି ଜିଲା ଖଇରପୁଟ ବିଡିଓ ହୃଦାରଞ୍ଜନ ସାହୁ ମାଓବାଦୀ ପ୍ରବଣ ମାଡକାପଦର ଓ ବଡ଼ଡୁରାଲ ପଞ୍ଚାୟତ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। କୋଟ୍ରାକୁଣ୍ଡଠାରୁ ପାରଗୁଡା ଗ୍ରାମକୁ ରାସ୍ତା, ଗୁମାଝରଣଠାରୁ ଦୋରାସାହି ଓ ମହୁଲପୁଟ ରାସ୍ତା ଅନୁଧ୍ୟାନ କରିବା ପରେ ସେ ମାଡକାପଦର ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପରେ ବିଡିଓ ସାହୁ ବଡଡୁରାଲ ପଞ୍ଚାୟତର ପଦିପଡା, କଡ୍ରାଗୁ ଗ୍ରାମକୁ ଯାଇଏମଜିଏନଆରଇଜିଏସ୍, ଆବାସ ଯୋଜନା, ଭତ୍ତା, କୃଷି ବୀମା ସମ୍ପର୍କରେ ଲୋକଙ୍କୁ ବୁଝାଇବା ସହ ଏସବୁ ଯୋଜନାରୁ ସୁଫଳ ଉଠାଇବା ଲାଗି ପରାମର୍ଶ ଦେଇଥିଲେ। ଏହି ୨ ପଞ୍ଚାୟତର ଗୁମଝରଣ, ମାଡକାପଦର ଓ ମାଳିଗୁଡାରେ ପନିପରିବା ଚାଷ ଭଲ ହେଉଥିବାରୁ ଏହାର ବିକାଶ ଉପରେ ସାହୁ ଗୁରୁତ୍ୱାରୋପ କରିଥିଲେ।

### ମାଲକାନଗିରି: ୩୯ କରୋନା ଆକ୍ରାନ୍ତ ଚିହ୍ନଟ

ମାଲକାନଗିରି, ୧।୧୧(ଡି.ଏନ୍.ଏ.)- ମାଲକାନଗିରି ଜିଲାରେ ରବିବାର ୩୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୮୭୬ରେ ପହଞ୍ଚିଛି। ବାଲିମେଳା ଏନଏସି ଅଞ୍ଚଳରୁ ଜଣେ, ମାଲକାନଗିରି ବ୍ଲକରୁ ୪, ମାଥିଲି ବ୍ଲକରୁ ୨, ପଡିଆ ବ୍ଲକରୁ ୯, ଖଇରପୁଟ, ଚିତ୍ରକୋଣ୍ଡା ଓ କୋରୁକୋଣ୍ଡା ବ୍ଲକରୁ ଜଣେ ଲେଖାଏ, କାଲିମେଳା ବ୍ଲକରୁ ୨୦ ଜଣ ଚିହ୍ନଟ ହୋଇଛନ୍ତି। ଏଯାଏ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ ୪୫୬୫ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୨୯୪ ଜଣ ଚିକିତ୍ସାଧୀନ ଅଛନ୍ତି। ୧୭ ଜଣଙ୍କ ମୃତ୍ୟୁ ଘଟିଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### କୋରାପୁଟ ଜିଲାରୁ ୩୮ ପଜିଟିଭ୍

କୋରାପୁଟ,୧।୧୧,(ସ୍ୱ.ପ୍ର.)- କୋରାପୁଟ ଜିଲାରୁ ରବିବାର ୩୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୭୩୬୫ରେ ପହଞ୍ଚିଛି। ୭୦୧୨ ଜଣ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ରବିବାର ଚିହ୍ନଟଙ୍କ ମଧ୍ୟରେ ୧୬ମହିଳା ଓ ୨୨ ପୁରୁଷ ରହିଛନ୍ତି। ସେମାନଙ୍କ ମଧ୍ୟରେ କ୍ୱାରାଣ୍ଟାଇନ୍ କେନ୍ଦ୍ରରୁ ୧, ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ୨୦ ଓ ୧୭ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ଜୟପୁର ମ୍ୟୁନିସିପାଲଟିରୁ ୯, କୋରାପୁଟ ଓ ସୁନାବେଡ଼ା ମ୍ୟୁନିସିପାଲଟିରୁ ୪ଜଣ ଲେଖାଏ ଓ କୋଟପାଡ ଏନଏସିରୁ ୧ଜଣ ଚିହ୍ନଟ ହୋଇଛନ୍ତି। ସେହିଭଳି ଦଶମନ୍ତପୁର, କୋରାପୁଟ , କୋଟପାଡ, ନନ୍ଦପୁର ଓ କୁନ୍ଦୁରା ବ୍ଲକରୁ ୧ଜଣ ଲେଖାଏ, ବୈପାରିଗୁଡାରୁ ୬, ଜୟପୁରରୁ ୫, ଓ ପଟ୍ଟାଙ୍ଗୀ ବ୍ଲକରୁ ୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲାପାଳ ମଧୁସୁଧନ ମିଶ୍ର ସୂଚନା ଦେଇଛନ୍ତି।

### କେନାଲ ରାସ୍ତା ମରାମତି ଦାବି

ଜୟପୁର, ୧।୧୧ (ନି.ପ୍ର.)- କୋରାପୁଟ ଜିଲା ଜୟନ୍ତିଗିରିଠାରୁ ଜୟପୁର ଛକ ମେନ କେନାଲ ରାସ୍ତା ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସାମାଜିକକର୍ମୀ ବି. ହରି ରାଓଙ୍କ ନେତୃତ୍ୱରେ ଉପର କୋଲାବ ପ୍ରୋଜେକ୍ଟ ଅଧିକାରୀଙ୍କୁ ସେମାନେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଜୟନ୍ତିଗିରିଠାରୁ ଗାନ୍ଧୀ ଛକ କେନାଲ ରାସ୍ତା ଏବେ ମରଣଯନ୍ତା ପାଲଟିଛି । ଏହି ରାସ୍ତା ଉପରେ ଜୟନ୍ତିଗିରି, ପୂଜାରିପୁଟ, ରାଣୀଗଡ, କେବିଡି, କୁମୁଲିପୁଟ, ରଣ୍ଡାପାଲି ଏବଂ ଗଡପଦର ପଞ୍ଚାୟତର ଲୋକେ ନିର୍ଭର କରନ୍ତି । ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ରାସ୍ତା ମରାମତି କରିବାକୁ ନବୀନ ମାଦଲା, ବଲ୍ଲଭ ମୁଦୁଲିଙ୍କ ସହ ଅନ୍ୟମାନେ ଦାବି କରିଛନ୍ତି ।

### ରାୟଗଡ଼ା ଜିଲାରୁ ୧୬ ପଜିଟିଭ

ରାୟଗଡ଼ା ଅଫିସ,୧।୧୧- ରାୟଗଡ଼ା ଜିଲାରୁ ରବିବାର ଆଉ ୧୧ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିରେ ରାୟଗଡ଼ା ସହରାଞ୍ଚଳରୁ ୭ଜଣ, କାଶୀପୁର ବ୍ଲକ୍‌ରୁ ୩, କୋଲନରାରୁ ୩, ଗୁଣୁପୁର ସହରାଞ୍ଚଳରୁ ୨ ଏବଂ ରାମନାଗୁଡ଼ାରୁ ଜଣେ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୮୦୯୮ରେ ପହଞ୍ଚିଛି। ସେଥିମଧ୍ୟରୁ ୭୯୫୧ଜଣ ସୁସ୍ଥହୋଇ ଫେରିଛନ୍ତି। ସେହିପରି ଜିଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୪୧କୁ ବୃଦ୍ଧିପାଇଛି। ଜିଲାରେ ଆଉ ୧୦୬ ସକ୍ରିୟ ସଂକ୍ରମିତ ଚିକିତ୍ସିତ ଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# କୁଟୀର ଶିଳ୍ପ ସଶକ୍ତ ହେଲେ ରୋଜଗାର ବଢ଼ିବ

କୋରାପୁଟ/ଦାମନଯୋଡି, ୧।୧୧(ସ୍ୱ.ପ୍ର./ଡି.ଏନ୍.ଏ.)


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଭାରତକୁ ବିକଶିତ ଏବଂ ସମୃଦ୍ଧ କରିବା ପାଇଁ କେବଳ ଗୋଟିଏ ମନ୍ତ୍ର ରହିଛି, ତା ହେଉଛି ସ୍ୱଦେଶୀ । ଆମ ଦେଶର ଲଘୁ ଉଦ୍ୟୋଗ ଓ କୁଟୀର ଶିଳ୍ପଗୁଡିକ ସଶକ୍ତ କଲେ ହିଁ ଦେଶରେ ନୂଆ ରୋଜଗାର ସୃଷ୍ଟି ହୋଇପାରିବ। ସ୍ୱଦେଶୀ ଅନ୍ଦୋଳନ ବିଦେଶୀ ବିରୋଧରେ ନୁହେଁ ବରଂ ଦେଶର ବିଗିଡିଯାଉଥିବା ଅର୍ଥ ବ୍ୟବସ୍ଥାକୁ ସୁଧାରିବା ପାଇଁ ଏକ ମିଶନ। କୋରାପୁଟ ଜିଲାର ଦାମନଯୋଡିରେ ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଆୟୋଜିତ ଦତୋପନ୍ତ ଠେଙ୍ଗଡି ଜନ୍ମ ଶତାବାର୍ଷିକ କାର୍ଯ୍ୟକ୍ରମରେ ଏଭଳି ମତ ପ୍ରକାଶ ପାଇଛି। ଦାମନଯୋଡିସ୍ଥିତ ଭାରତୀୟ ମଜଦୁର ସଂଘ କାର୍ଯ୍ୟାଳୟରେ ସ୍ୱଦେଶୀ ଜାଗରଣ ମଞ୍ଚ ପ୍ରତିଷ୍ଠାତା ଦତୋପନ୍ତ ଠେଙ୍ଗଡିଙ୍କ ଜନ୍ମ ଶତବାର୍ଷିକ କାର୍ଯ୍ୟକ୍ରମରେ ନାଲକୋ ପ୍ଲାଣ୍ଟରେ କାର୍ଯ୍ୟରତ ଇଂ. ପ୍ରକାଶ ଚନ୍ଦ୍ର ଦାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଭାରତୀୟ ବିକାଶ ମଡେଲ ହିଁ ଲୋକଙ୍କୁ ଆର୍ଥିକସ୍ତରରେ ମଜଭୁତ କରିବ, ଦେଶରେ ରୋଜଗାର ବଢାଇବ ବୋଲି ମୁଖ୍ୟବକ୍ତାଭାବେ ସାମାଜିକ କର୍ମୀ ଜଳେନ୍ଦ୍ର ତ୍ରିପାଠୀ କହିଛନ୍ତି। ନାଲ୍‌କୋ ମଜଦୁର ସଂଘ ସାଧାରଣ ସମ୍ପାଦକ ଆଲୋକ ରଥ ସମ୍ମାନିତ ଅତିଥିଭାବେ ଯୋଗଦେଇ ଠେଙ୍ଗଡିଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ସାଧାରଣ ଲୋକଙ୍କ ଜୀବନସ୍ତରକୁ ସହଜ କରିବା, ଧନୀ ଓ ଗରୀବଙ୍କ ମଧ୍ୟରେ ଅନ୍ତର କମାଇବା ପାଇଁ ସେ ସର୍ବଦା ଚେଷ୍ଟା କରୁଥିଲେ ବୋଲି ସମ୍ମାନିତ ଅତିଥି ସୂଚନା ଦେଇଛନ୍ତି। ମନୋରଞ୍ଜନ ରାଉତରାୟଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୋରାପୁଟ ଜିଲା ସହ ସଂଯୋଜକ ରବି ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନ୍ମଥ ପାଢି, ପୂର୍ଣ୍ଣିମା ନାୟକ, ଅର୍ଜୁନ ଦାସ, ଅନାମ ନାୟକ, ଲଲାଟେନ୍ଦୁ ପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସୌମେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଡରାଉଛି ପରିବା ଦର

## ଚିନ୍ତାରେ ସାଧାରଣ ଲୋକେ

ନବରଙ୍ଗପୁର,୧।୧୧(ବି.ପ୍ର.)

କୋଭିଡ୍ ଯୋଗୁ ଅଧିକାଂଶ ଲୋକେ ଜୀବିକା ହରାଇଛନ୍ତି। ରୋଜଗାର ବାଟ ବନ୍ଦ ହୋଇଯାଇଥିବାବେଳେ ଏବେର ବର୍ଦ୍ଧିତ ପରିବା ଦର ଲୋକଙ୍କ କଷ୍ଟକୁ ଅଧିକ ବଢାଉଛି। ଏହାକୁ ନିୟନ୍ତ୍ରଣ ନ କଲେ ସାଧାରଣ ଲୋକଙ୍କ ଅବସ୍ଥା ଅଧିକ ଖରାପ ହେବ ବୋଲି ଅଞ୍ଚଳବାସୀ କହିଛନ୍ତି।

ଲୋକଙ୍କ ଧାରଣା ଥିଲା କାର୍ତ୍ତିକ ମାସରେ ପରିବା ଦର ବଢିଥାଏ। କିନ୍ତୁ ଚଳିତ ବର୍ଷ ଏହାର ୨ମାସ ଆଗରୁ ପରିବା ଦର ବଢିବାକୁ ଲାଗିଥିଲା । ଆଳୁ କିଲୋପ୍ରତି ୪୦ ଓ ପିଆଜ ୮୦ ଟଙ୍କା ରହିଛି । ସେହିଭଳି ବାଇଗଣ, ଭେଣ୍ଡି, ପୋଟଳ ୫୦ ଛୁଇଁଥିବା ବେଳେ ଟମାଟୋ କିଲୋ ପିଛା ୪୦ ରହିଛି। କଞ୍ଚା ସିମ ମଞ୍ଜି କିଲୋ ୧୫୦ ଟଙ୍କା ରହିଛି। ୧୦ ଟଙ୍କାରେ ମିଳୁଛି ଗୋଟିଏ ବିଡା ଶାଗ । ଆଳୁ ପିଆଜ ବିକ୍ରି ଓ ଦରଦାମ ନିୟନ୍ତ୍ରଣ ଉପରେ ସରକାରଙ୍କ କଟକଣା ଉଠିବା ପରେ ଏହାର ଦର ଦିନକୁ ଦିନ ବୃଦ୍ଧି ପାଉଛି। ଏବେ ଧାନକଟା ସମୟ। ଚଳିତ ବର୍ଷ ଅଦିନିଆ ବର୍ଷା ଓ ଲଘୁ ଚାପ ଯୋଗୁ ପରିବା ଫସଲ ନଷ୍ଟ ହୋଇଛି। ଆଖପାଖ ଅଞ୍ଚଳରୁ ପରିବା ବଜାରକୁ ଆସିବା କମିଛି । ଏବେ ଆନ୍ଧ୍ର, ଓ ଛତିଶଗଡରୁ ନବରଙ୍ଗପୁରକୁ ପରିବା ଆସୁଛି। ଜିଲାରେ ଶୀତଳ ଭଣ୍ଡାର ନ ଥିବାରୁ ଚାଷୀ ଉତ୍ପାଦିତ ଆଳୁ ପିଆଜ ଗଚ୍ଛିତ ରଖି ପାରୁ ନାହାନ୍ତି। ଅଳ୍ପ ଦରରେ ବ୍ୟବସାୟୀଙ୍କୁ ଦେବାକୁ ବାଧ ହୋଇଛନ୍ତି। ବ୍ୟବସାୟୀ କିନ୍ତୁ ଏହାକୁ ଚଡା ଦରରେ ବିକି ଲାଭବାନ ହେଉଛନ୍ତି। ଫଳରେ ଏହା ଦ୍ୱାରା ଚାଷୀ ଓ ଜନସାଧାରଣ କ୍ଷତି ସହୁଛନ୍ତି।

# ଅପରାଜିତା କାର୍ଯ୍ୟକ୍ରମର ସଫଳତା ନେଇ ଜିଲାପାଳ ସମ୍ମାନିତ

କୋରାପୁଟ, ୧।୧୧(ସ୍ୱ.ପ୍ର.)



କାର୍ଯ୍ୟକ୍ରମରେ ଜିଲାପାଳଙ୍କୁ ସମ୍ମାନିତ କରାଯାଇଛି ।

ବାଲ୍ୟ ବିବାହ ବିରୋଧରେ କୋରାପୁଟ ଜିଲାରେ ଅପରାଜିତା କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ଅଭିଯାନ ସଫଳତା ହାସଲ କରିଥିବାରୁ ରବିବାର ଭିଡିଓ କନଫରେନ୍ସ ଜରିଆରେ କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର ଓ ସିଡିପିଓ ସୁଷମା ମହାପାତ୍ରଙ୍କୁ ରାଜ୍ୟସ୍ତରରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରଠାରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଭିଡିଓ କନଫରେନ୍ସ ଦ୍ୱାରା ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁ ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ, ମିଶନ ଅପରାଜିତା ଯୋଗୁ ଜିଲାରେ ବାଲ୍ୟ ବିବାହ ସଂଖ୍ୟା କ୍ରମଶଃ ହ୍ରାସ ପାଇଛି । କୋରାପୁଟ ଜିଲାପାଳଙ୍କ ଉଦ୍ୟମ ଏବଂ ବିଭାଗୀୟ ଅଧିକାରୀ ଓ ଏ ଦିଗରେ କାର୍ଯ୍ୟ କରୁଥିବା ସାମାଜିକ କର୍ମୀଙ୍କ ପରିଶ୍ରମ ଯୋଗୁ ଏହା ସମ୍ଭବ ହୋଇପାରିଛି।

# ଜୁଆ ଆଡ୍ଡା ଉପରେ ଚଢ଼ାଉ: ୧୦ ଗିରଫ

କାଲିମେଳା,୧।୧୧(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ବେଜାଙ୍ଗିୱାଡା ପଞ୍ଚାୟତର ଦୁଇଟି ସ୍ଥାନରେ ଜୁଆଖେଳ ଚାଲିଥିବା ସମୟରେ କାଲିମେଳା ପୋଲିସ ଚଢାଉ କରି ୧୦ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୮ ହଜାରରୁ ଊର୍ଦ୍ଧ୍ୱ ଟଙ୍କା, ଖେଳରେ ବ୍ୟବହୃତ ତାସ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିବା ଜଣାପଡଛି। ବେଜାଙ୍ଗିୱାଡା ପଞ୍ଚାୟତର ଏମପିଭି-୩୯ ଗ୍ରାମର ଏକ ଚାଷଜମି ନିକଟରେ ଶନିବାର ଭୋର ସମୟରେ କେତେକ ଲୋକ ଜୁଆ ଖେଳୁଥିଲେ। ଏ ସମ୍ପର୍କରେ ସୂଚନାପାଇ ଏସଆଇ ପଞ୍ଚାନନ ବେହେରାଙ୍କ ନେତୃତ୍ୱରେ ଜୁଆଆଡ୍ଡା ଉପରେ ଚଢାଉ କରାଯାଇଥିଲା। ପୋଲିସକୁ ଦେଖି କେତେକ ସେହି ସ୍ଥାନରୁ ଦୌଡି ପଳାଇଥିଲେ। ତେବେ ପୋଲିସ ୫ ଜଣଙ୍କୁ କାବୁ କରି ଗିରଫ କରିଥିଲା। ସେମାନଙ୍କଠାରୁ ୬୩୫୦ ଟଙ୍କା ଏବଂ ଅନ୍ୟନ୍ୟ ସାମଗ୍ରୀ ଜବତ ହୋଇଛି । ଗିରଫ ବ୍ୟକ୍ତିମାନେ ହେଲେ ଏମପିଭି-୩୯ ଗ୍ରାମର ମନ୍ତୋଷ ମଣ୍ଡଳ,ଇନ୍ଦ୍ରଜିତ ବିଶ୍ୱାସ,ଭୂପତି ବୈରାଗୀ, ଏପିଭି-୩୮ ଗ୍ରାମର ବିକାଶ ଘରାମି ଏବଂ ଏମପିଭି-୬୭ ଗ୍ରାମର ତାରୁନ ରାୟ। ସେହିପରି ବେଜାଙ୍ଗିୱାଡା ଗ୍ରାମର ଉପରସାହି ଅଞ୍ଚଳରେ ମଧ୍ୟ ପୋଲିସ ଚଢାଉ କରି ୫ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ପ୍ରାୟ ୨ ହଜାର ଟଙ୍କା ଓ ତାସ ଆଦି ଜବତ କରାଯାଇଛି । ଗିରଫ ବ୍ୟକ୍ତିମାନେ ହେଲେ ସେହିଗ୍ରାମର କେ. ଶପଥ ରାଜୁ,ଗୋବିନ୍ଦ ଧକଡ, କୈଳାସ ଚନ୍ଦ୍ର ଧକଡ, ସୁଜିତ ବାଇନ, ଗୌରାଙ୍ଗ ଧକଡ। ଏଏସଆଇ ଲକ୍ଷ୍ମୀ ନାରାୟଣ ଦୋରା ଘଟଣାର ତଦନ୍ତ ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି । ଏ ନେଇ ୧୪୬ ଏବଂ ୧୪୭/୨୦ରେ ଦୁଇଟି ମାମଲା ରୁଜୁ କରାଯାଇଛି ବୋଲି ଥାନା ଅଧିକାରୀ ସୁରଜ କୁମାର ଝାଙ୍କର କହିଛନ୍ତି।

### ୫ଦିନ ପରେ ମିଳିଲା ନିଖୋଜ ବାଳକଙ୍କ ମୃତଦେହ

ଚିତ୍ରକୋଣ୍ଡା,୧।୧୧(ଡି.ଏନ.ଏ.)

ବୁଧବାରଠାରୁ ଚିତ୍ରକୋଣ୍ଡା ବ୍ଲକ ରାଲେଗଡା ପଞ୍ଚାୟତ ଅନ୍ତର୍ଭୁକ୍ତ ସାକୃବନ୍ଧା ନଦୀରେ ନିଖୋଜ ଥିବା ତିନି ବର୍ଷର ବାଳକ ସାଧୁ ଖେମୁଡୁଙ୍କ ମୃତଦେହ ରବିବାର ଉଦ୍ଧାର କରାଯାଇଛି। ତଟିପାର ଗ୍ରାମର ରୁକଧର ଖେମୁଡୁ ପରିବାର ସହ ସାକୃବନ୍ଧାରେ ରୁହନ୍ତି। ବୁଧବାର ସକାଳୁ ରୁକଧର ପୁଅକୁ ଧରି ସାକୃବନ୍ଧା ନଦୀକୁ ଗାଧୋଇବାକୁ ଯାଇଥିଲେ। ପୁଅ ସାଧୁକୁ ସେ ନଦୀ ପାଖ ରାସ୍ତାରେ ଛାଡି ଶୌଚ ହେବାକୁ ଯାଇଥିଲେ। ସେ ଦଶ ମିନିଟ ଭିତରେ ଆସି ଦେଖିବା ବେଳକୁ ସେଠାରେ ପୁଅ ନ ଥିଲା। ରୁକଧର ପୁଅକୁ ଏଣେତେଣେ ଖୋଜିବା ସହ ଗ୍ରାମବାସୀଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ପାପରମେଟଲା ଥାନାରେ ମଧ୍ୟ ଏତଲା ଦେଇଥିଲେ। ପୁଅ ନଦୀ ପାଣିରେ ଭାସିଯାଇଥିବା ସନ୍ଦେହ କରି ପରିବାର ଓ ଗ୍ରାମବାସୀ ସବୁଦିନ ଖୋଜି ଚାଲିଥିଲେ। ରବିବାର ପିଲାଟିର ମୃତଦେହ ନଦୀରେ ଭାସୁଥିବା ଦେଖି ଗ୍ରାମବାସୀ ଉଦ୍ଧାର କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା।

### ୧୧ ଜୁଆଡ଼ି ଗିରଫ

କୋଷାଗୁମୁଡ଼ା, ୧।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ଥାନା ଅଧୀନ ବିଭିନ୍ନ ଗାଁରେ ଶନିବାର ରାତିରେ ପୋଲିସ ଚଢାଉ କରି ୧୧ଜଣ ଜୁଆଡିଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୫ହଜାର ୩ଶହ ଟଙ୍କା, ୪ଟି ମୋବାଇଲ ଜବତ କରାଯାଇଛି। ସାନ ଆମ୍ବଡ଼ା ଗ୍ରାମରୁ ୪ ଓ ସନ୍ତୋଷପୁର ଗ୍ରାମରୁ ୭ଜଣଙ୍କୁ ଗିରଫ କରାଯାଇଛି। ଚଢାଉରେ ଏଏସ୍‌ଆଇ ଏଲ୍.ଡି.ରାଓ, ଏସ୍‌ଆଇ ଶଶୀଭୂଷଣ ମଙ୍ଗରାଜ ଏବଂ କର୍ମଚାରୀମାନେ ସାମିଲ ଥିଲେ।

### ମନ୍ଦିର ପ୍ରତିଷ୍ଠା ନେଇ ବୈଠକ

କୋରାପୁଟ,୧।୧୧,(ସ୍ୱ.ପ୍ର.)

କୋରାପୁଟ ଜିଲାର ବିଲାପୁଟ ଗ୍ରାମ ନିକଟରେ ନିର୍ମାଣ ହୋଇଥିବା ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଓ ବିଗ୍ରହ ପ୍ରତିଷ୍ଠା ନେଇ ରବିବାର ଏକ ପ୍ରତିନିଧି ଦଳ ମନ୍ଦିର ପରିଦର୍ଶନ କରିଛନ୍ତି। ମନ୍ଦିର କମିଟି ସମ୍ପାଦକ ଲଳିତ ମୋହନ ପଟ୍ଟନାୟକଙ୍କ ସମେତ ସଦସ୍ୟ ଶାନ୍ତିଲତା ପାଣି, ଜଗନ୍ନାଥ ପାଣି ଏସ.ଟି. ଆଲାମ, ବିଶ୍ୱନାଥ ପ୍ରଧାନୀ, ନାରାୟଣ ପ୍ରଧାନୀ, ବଳି ପ୍ରଧାନୀ ପ୍ରମୁଖ ପରିଦର୍ଶନରେ ଆସିଥିଲେ। ୨୦ରେ ମନ୍ଦିର ପ୍ରତିଷ୍ଠା ନେଇ ବୈଠକରେ ନିଷ୍ପତ୍ତି ହୋଇଛି।

# ବ୍ରାହ୍ମଣ ସମାଜ ମେଧା ପ୍ରୋତ୍ସାହନ ପୁରସ୍କାର



ପୁରସ୍କୃତ ହୋଇଥିବା ଛାତ୍ରମାନେ।

ଜୟପୁର, ୧।୧୧ (ନି.ପ୍ର./ଡି.ଏନ.ଏ.)

କୋରାପୁଟ ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ବୈଦ୍ୟନାଥ ମିଶ୍ର ଫାଉଣ୍ଡେଶନ ଟ୍ରଷ୍ଟ ଆନୁକୂଲ୍ୟରେ ବ୍ରାହ୍ମଣ ମେଧା ପ୍ରୋତ୍ସାହନ ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ଗୀତାଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଉପେନ୍ଦ୍ର ନାଥ ମିଶ୍ର ସଭାପତିତ୍ୱ କରିଥିଲେ। ଅତିଥି ଭାବେ ନରେଶ ନାଥ ନାୟକ, ଶ୍ରୀନାଥ ମିଶ୍ର, ବିଷ୍ଣୁ ପ୍ରସାଦ ପାତ୍ର, ଯୁଗଳ କିଶୋର ମିଶ୍ର, ରମେଶ ଚନ୍ଦ୍ର ତ୍ରିପାଠୀ, ରାମକୃଷ୍ଣ ସାବତ, ବିଜୟ କୁମାର ଭଞ୍ଜ, ଭବାନୀ ଶଙ୍କର ଆଚାର୍ଯ୍ୟ ଯୋଗଦେଇ ମେଧାବୀ ଛାତ୍ରମାନଙ୍କୁ ସୁନାଗରିକ ହେବା ପାଇଁ ବିଭିନ୍ନ ଉପାଦେୟ ପରାମର୍ଶ ଦେଇଥିଲେ। ଏହି ଅବସରରେ ମେଧାବୀ ଛାତ୍ର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦେବାଶିଷ ସାହୁ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶ୍ରୀଧର ଶତପଥୀ ଓ ଶିଶୁ ବିଦ୍ୟାମନ୍ଦିରର ଶିବାଶିଷ ମିଶ୍ରଙ୍କୁ ବ୍ରାହ୍ମଣ ମେଧା ପ୍ରୋତ୍ସାହନ ପୁରସ୍କାର ପ୍ରଦାନ କରାଯାଇଥିଲା । ସରସ୍ୱତୀ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ବସ୍ତିଆ, ନରସିଂହ ଚୌଧୁରୀ ଉପସ୍ଥିତ ଥିଲେ। ସାଙ୍ଗଠନିକ ସମ୍ପାଦକ ନରସିଂହ ମିଶ୍ର ସ୍ୱାଗତ ସୂଚନା ଓ ଦେବେନ୍ଦ୍ର ବାହିନୀପତି ଅତିଥି ପରିଚୟ ଦେଇଥିଲେ। ରାଧାନାଥ ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ। ଯଜ୍ଞେଶ୍ୱର ପଣ୍ଡା ପରିଚାଳନା କରିଥିଲେ।

# ମଣ୍ଡପରେ ମା' ଗଜଲକ୍ଷ୍ମୀ


ଗୁଣପୁର ବାବୁଲିନଗର ବୃନ୍ଦାବତୀ ନଗର କମିଟି ପୂଜା ମଣ୍ଡପ।

ଗୁଣପୁର/ଟିକିରି,୧।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଏବଂ ଟିକିରି ସହରରେ କରୋନା ନିୟମ ଅନୁଯାୟୀ ମା'ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ଚାଲିଛି। ଶ୍ରଦ୍ଧାଳୁଙ୍କୁ ଦର୍ଶନ ନିମନ୍ତେ ବାରଣ କରାଯାଇଥିବାବେଳେ ଗୁଣପୁରଠାରେ ୩ ପୂଜା ମଣ୍ଡପରେ ନିରାଡମ୍ବର ଭାବେ ପୂଜା ନୀତି ଅନୁଷ୍ଠିତ ହେଉଛି। ସ୍ଥାନୀୟ ମରାଠୀଗୁଡ଼ା ଠାରେ ୯ଦିନ ଧରି ମା'ଙ୍କ ପୂଜା ଅନୁଷ୍ଠିତ ହେବ। ପୂଜକ ଭବେ ନବୀନ ରଥ ଏବଂ କର୍ତ୍ତା ରୂପେ ମନୋରଞ୍ଜନ ରଥ କାର୍ଯ୍ୟ ସମ୍ପାଦନା କରୁଛନ୍ତି। ସେହିପରି ବାବୁଲି ନଗର ବୃନ୍ଦାବତୀ ନଗର ପୂଜା କମିଟି ପକ୍ଷରୁ କର୍ତ୍ତାଭାବେ ନୃସିଂହ ଶତପଥୀ ଏବଂ ପୂଜକ ଭାବେ ପ୍ରକାଶ ରଥ ପୂଜାର୍ଚ୍ଚନା କରୁଛନ୍ତି। ପୁରୁଣା ଗୁଣପୁର ପାଇକ ସାହିରେ ପୂଜକ ଭାବେ ସୁଦାମ ରଥ ଏବଂ କର୍ତ୍ତା ଭାବେ ନିରଞ୍ଜନ ନାୟକ ପୂଜା କାର୍ଯ୍ୟ କରୁଛନ୍ତି। ସେହିପରି ଜିଲାର କାଶୀପୁର ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଛି। କାଶୀପୁର ବଜାର ଛକ ଏବଂ ଟିକିରି କାରାକୁନ୍ଦୁଲି ସାହିଠାରେ କେବଳ ପୂଜା କମିଟିଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଛି।

# ଟାଙ୍କି ଫାଟି ନଷ୍ଟ ହେଉଛି ପାନୀୟ ଜଳ

ଚନ୍ଦ୍ରପୁର,୧।୧୧(ଡି.ଏନ୍.ଏ.)


ଘୁଗୁପଦର ସ୍ଥିତ ସୋଲାର ଚାଳିତ ନଳକୂପ ଟାଙ୍କି ।

- ଅଧିକାଂଶ ଗ୍ରାମରେ ସୋଲାର୍ ଚାଳିତ ନଳକୂପ ଅଚଳ
- ମରାମତି ହେଉନାହିଁ, ସମସ୍ୟା ଭୋଗୁଛନ୍ତି ଗ୍ରାମବାସୀ

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ୍ ପିସ୍କାପଙ୍ଗା ପଞ୍ଚାୟତ ଅଧୀନ ଘୁଗୁପଦର ଗ୍ରାମରେ ସୋଲାର୍ ଚାଳିତ ନଳକୂପର ଟାଙ୍କି ଫାଟି ଜଳ ନଷ୍ଟ ହେଉଥିବା ଦେଖିବାକୁ ମିଳିଛି। ଦିନେ କି ଦୁଇଦିନ ନୁହେଁ, ଟାଙ୍କି ଫାଟି ବର୍ଷେରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବ୍ଲକ୍‌ର ଅଧିକାଂଶ ଗ୍ରାମରେ ସୋଲାର୍ ଚାଳିତ ନଳକୂପଗୁଡ଼ିକ ଅଚଳ ହୋଇପଡ଼ିଥିଲେ ମଧ୍ୟ ସେଗୁଡ଼ିକର ମରାମତି କରାଯାଉନାହିଁ ବୋଲି ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ଭୀମ ଗଗେରଙ୍ଗା କହିଛନ୍ତି। ଘୁଗୁପଦର ଗ୍ରାମର ଏହି ସୋଲାର୍ ଚାଳିତ ନଳକୂପ ଟାଙ୍କିରୁ ପାନୀୟ ଜଳ ତଳେ ପଡ଼ି ନଷ୍ଟ ହେଉଥିବାରୁ ଅନେକ ସମୟରେ ପାନୀୟ ଜଳ ନିମନ୍ତେ ଅସୁବିଧା ଭୋଗୁଛୁ ବୋଲି ଗ୍ରାମର ସାବିତ୍ରୀ ଲିମା, ତ୍ରିନାଥ ବେଡେକା କହିଛନ୍ତି। ବିଡିଓ ଏ ନେଇ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ଟାଙ୍କି ଫାଟି ଜଳ ନଷ୍ଟ ହେବା ବିଷୟରେ ପିସ୍କାପଙ୍ଗା ପଞ୍ଚାୟତ ନିର୍ବାହୀ ଅଧିକାରୀ ନବୀନ ୱାଡାକାଙ୍କୁ ପଚାରିବାରୁ କହିଛନ୍ତି, ବିଡିଓଙ୍କ ସହ ଆଲୋଚନା ପରେ ପଦକ୍ଷେପ ନିଆଯିବ। ମରାମତି ପାଇଁ ପଞ୍ଚାୟତ ଆକ୍ସନ୍ ପ୍ଲାନ୍‌ରେ ପ୍ରସ୍ତାବ ରଖାଯିବ ବୋଲି ସେ କହିଛନ୍ତି।

# ବିଧାୟକଙ୍କ ସଚେତନତା କାର୍ଯ୍ୟକ୍ରମ

ଦଶମନ୍ତପୁର, ୧।୧୧। ( ଡ଼ି.ଏନ.ଏ.)


ଫୁଲବେଡ଼ା ପଞ୍ଚାୟତରେ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀଙ୍କ ଜନ ସଚେତନତା କାର୍ଯ୍ୟକ୍ରମ।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପାଇକ ଫୁଲବେଡ଼ା ପଞ୍ଚାୟତରେ ରବିବାର ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ ଜନ ସଚେତ୍ନତା କାର୍ଯ୍ୟକ୍ରମ କରିଛନ୍ତି। ଗଙ୍ଗାଧର ଖୋସଲାଙ୍କ ତତ୍ତ୍ୱାବଧାନରେ ଏହା ହୋଇଥିଲା । ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ନାରାୟଣ ବିଶୋୟୀ, ବ୍ଲକ ସଭାପତି ମହେନ୍ଦ୍ର କୁଳଦୀପ, ଆଇନଜୀବୀ ବିଦ୍ୟାଧର ସାହୁ, ଅରୁଣ ରଥନାୟକ, ତୁମନାଥ ଖୋସଲା ପ୍ରମୁଖ ଉପସ୍ଥିତ ଥିଲେ। କରୋନା ସଂକ୍ରମଣଠାରୁ କିପରି ଦୂରେଇ ରହିବା, ସରକାରଙ୍କ ଧାର୍ଯ୍ୟ ନୀତିନିୟମ ମାନି ଚଳିବା, ଜରୁରୀ ଆବଶ୍ୟକ ନ ଥିଲେ ଘରୁ ନ ବାହାରିବାକୁ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା । ଏହି ଅବସରରେ ୨ଶହ ଜଣଙ୍କୁ ମାସ୍କ ଏବଂ ସାବୁନ ବଣ୍ଟାଯାଇଥିଲା ।

# ବିନା ଭକ୍ତରେ ଶାବର ଶ୍ରୀକ୍ଷେତ୍ରରେ କାର୍ତ୍ତିକ ବ୍ରତ ଆରମ୍ଭ

କୋରାପୁଟ,୧।୧୧(ସ୍ୱ.ପ୍ର.)



କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ବିନା ଭକ୍ତରେ କାର୍ତ୍ତିକ ବତ୍ର ଆରମ୍ଭ ହୋଇଛି । ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଗଦାଧର ପରିଡାଙ୍କ ସମେତ ଲଳିତ ମୋହନ ପଟ୍ଟନାୟକ ଓ କେତେକ ପୂଜକ ଉପସ୍ଥିତ ରହି ଠାକୁରଙ୍କ ନିକଟରେ କାର୍ତ୍ତିକ ପୂଜାର୍ଚ୍ଚନା କରି ଆକାଶ ଦୀପ ଲଗାଇଥିଲେ । କରୋନା କଟକଣା ଯୋଗୁ ସରକାର ମନ୍ଦିର ବନ୍ଦ ନିଷ୍ପତ୍ତି ଅବ୍ୟାହତ ଥିବାରୁ ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନରୁ ବଞ୍ଚିତ ହୋଇଛନ୍ତି। ସେମାନେ କେବଳ ମନ୍ଦିର ସମ୍ମୁଖରେ ରଖାଯାଇଥିବା ପ୍ରଭୁ ଜଗନ୍ନାଥଙ୍କ ଛୋଟ ପ୍ରତିମାକୁ ପୂଜା କରି ଫେରିଯାଉଥିବା ଦେଖିବାକୁ ମିଳିଛି। ପୂର୍ବ ବର୍ଷମାନଙ୍କରେ ଏହି ପବିତ୍ର କାର୍ତ୍ତିକ ମାସରେ ମନ୍ଦିର ପରିସରରେ ହଜାର ହଜାର ଭକ୍ତଙ୍କ ସମାଗମ ହେଉଥିବାବେଳେ ଚଳିତ ବର୍ଷ କରୋନା ଯୋଗୁ ସବୁଆଡେ ଖାଁ ଖାଁ ପରିବେଶ ଲାଗି ରହିଛି। ସେହିପରି ସୋମବାର କାର୍ତ୍ତିକ ମାସର ପ୍ରଥମ ସୋମବାର ହୋଇଥିବାରୁ ବିନା ଭକ୍ତରେ କେବଳ ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା ହେବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି ।

# ସୁଧାର ପଥରେ ଅର୍ଥ ବ୍ୟବସ୍ଥା

ନୂଆଦିଲ୍ଲୀ,୧।୧୧



■ଅର୍ଥ ସଚିବ ଅଜୟ ଭୂଷଣ ପାଣ୍ଡେଙ୍କ ମନ୍ତବ୍ୟ
■ଟିକସ ସଂଗ୍ରହରେ ଉନ୍ନତି
■ଶକ୍ତି ଚାହିଦା ୧୩% ବଢ଼ିଲା

ଅର୍ଥ ବ୍ୟବସ୍ଥାରେ ବର୍ତ୍ତମାନ ସୁଧାର ପରିଲକ୍ଷିତ ହେଉଛି। ଅକ୍ଟୋବର ମାସରେ ପରୋକ୍ଷ ଟିକସ ସଂଗ୍ରହ ବଢ଼ିଛି। କୋଭିଡ-୧୯ ଯୋଗୁ ଦେଶ ମଧ୍ୟରେ ଉପୁଜିଥିବା ସମସ୍ୟା ସମାଧାନ ପାଇଁ ସରକାର ଘୋଷଣା କରିଥିବା ଆର୍ଥିକ ପ୍ୟାକେଜର ଲାଭ ଅର୍ଥ ବ୍ୟବସ୍ଥାକୁ ମିଳୁଥିବା ଅର୍ଥ ସଚିବ ଅଜୟ ଭୂଷଣ ପାଣ୍ଡେ ରବିବାର କହିଛନ୍ତି। ପିଟିଆଇକୁ ଦେଇଥିବା ଏକ ସାକ୍ଷାତକାର ପାଣ୍ଡେ କହିଛନ୍ତି ଯେ, ଇ-ୱେବିଲ୍ ଜେନେରେସନ କୋଭିଡ୍ ପୂର୍ବ ସ୍ତରକୁ ଫେରିଛି। ଏହାବାଦ ଅନଲାଇନ ପେମେଣ୍ଟ ମଧ୍ୟ ଦ୍ରୁତ ହୋଇଛି। ଲଗାତର ୨ ମାସ ହେବ ଜିଏସ୍‌ଟି ଆଦାୟ ବଢ଼ିଚାଲିଛି। ଗତ ୮ ମାସ ହେବ ଜିଏସ୍‌ଟି ଆଦାୟ ନିମ୍ନରେ ରହି ଆସୁଥିଲା। ହେଲେ ସେପ୍ଟେମ୍ବରରେ ପୁଣି ଥରେ ଆଦାୟ ଲକ୍ଷେ କୋଟି ଟଙ୍କା ଟପିଛି। ସେପ୍ଟେମ୍ବରରେ ଆଦାୟ ୪% ବଢ଼ିଥିବା ବେଳେ ଅକ୍ଟୋବରରେ ଏହା ୧୦% ବଢ଼ିଛି।

ସେହିଭଳି ଇ-ୱେ ବିଲ୍ ଜେନେରେଶନ ୨୧% ବଢ଼ିଛି। ଚଳିତ ଆର୍ଥିକ ବର୍ଷ ଏପ୍ରିଲରୁ ଅକ୍ଟୋବର ମାସ ମଧ୍ୟରେ ୪.୯୫ ଲକ୍ଷ କୋଟି ଟଙ୍କାର ଟିକସ ଆଦାୟ ହୋଇଛି। ଏହା ଗତ ବର୍ଷ ସମାନ ସମୟ ତୁଳନାରେ ପ୍ରାୟ ୨୨% କମ୍। ଅପରପକ୍ଷରେ କର୍ପୋରେଟ ଟିକସ ୨୬% କମି ୨.୬୫ ଲକ୍ଷ କୋଟି ଟଙ୍କା ରହିଛି। ବ୍ୟକ୍ତିଗତ ଆୟକର ଆଦାୟରେ ୧୬% ହ୍ରାସ ହୋଇଥିବା ବେଳେ ଏହା ୨.୩୪ ଲକ୍ଷ କୋଟି ଟଙ୍କା ରହିଛି। ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଅକ୍ଟୋବର ସମୟ ମଧ୍ୟରେ ୫.୫୯ ଲକ୍ଷ କୋଟି ଜିଏସ୍‌ଟି ଆଦାୟ ହୋଇଛି। ଏହା ପୂର୍ବ ଆର୍ଥିକ ବର୍ଷ ସମାନ ସମୟ ତୁଳନାରେ ପ୍ରାୟ ୨୦% କମ୍। ବର୍ତ୍ତମାନ ସୁଦ୍ଧା ସରକାର ୧.୨୭ ଲକ୍ଷ କୋଟି ଟଙ୍କାର ଆୟକର ରିଫଣ୍ଡ ଏବଂ ୭୦ ହଜାର କୋଟି ଟଙ୍କାର ଜିଏସ୍‌ଟି ରିଫଣ୍ଡ ଜାରି କରିଛନ୍ତି। ଗତ ୭ ମାସ ମଧ୍ୟରେ ୨ ଲକ୍ଷ କୋଟି ଟଙ୍କାର ରିଫଣ୍ଡ ଜାରି କରାଯାଇଛି। ଟିକସ ଆଦାୟ କମିଥିବା ବେଳେ ରିଫଣ୍ଡ ଦେବାରେ ସରକାର କୌଣସି ହେଳା କରିନାହାନ୍ତି ବୋଲି ପାଣ୍ଡେ ମତ ରଖିଛନ୍ତି।

ସେ ପୁଣି କହିଛନ୍ତି ଯେ, ସରକାର ଫେସ୍‌ଲେସ ଆସେସମେଣ୍ଟ ବ୍ୟବସ୍ଥା ଉପରେ ଫୋକସ କରିଛନ୍ତି। ଏହା ଦ୍ୱାରା ଟିକସ ଚୋରୀକୁ ରୋକିବା ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ଜାରି କରାଯାଉଛି। ବିଭିନ୍ନ କ୍ଷତିଗ୍ରସ୍ତ କ୍ଷେତ୍ରଗୁଡ଼ିକୁ ସରକାର ସହାୟତା କରିବା ଲାଗି ଆଗେଇ ଆସିଛନ୍ତି। ସ୍ଥିତି ଉପରେ ନିରନ୍ତର ଧ୍ୟାନ ରଖାଯିବା ସହ ସେହି ଅନୁସାରେ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଲୋକଙ୍କୁ ଆର୍ଥିକ ସହାୟତା, ଖାଦ୍ୟ ଯୋଗାଣ, ଏମ୍‌ଏସ୍‌ଏମ୍‌ଇକୁ ନଗଦ ସୁବିଧା, ଟିକସ ରିଫଣ୍ଡ, ଟିକସ ପ୍ରଦାନରେ ସମୟ ଦେବା ଭଳି ପଦକ୍ଷେପ ନିଆଯାଇଛି। ଦେଶ ମଧ୍ୟରେ ଇଲେକଟ୍ରୋନିକ୍ସ, ମୋବାଇଲ ଏବଂ ମେଡିକାଲ ଡିଭାଇସ ନିର୍ମାଣ ଲାଗି ଉତ୍ପାଦନ ସଂଯୋଗୀ ପ୍ରୋତ୍ସାହନ ବ୍ୟବସ୍ଥା କରାଯାଇଛି। ସରକାର ଘୋଷଣା କରିଥିବା ପ୍ରୋତ୍ସାହନ ପ୍ୟାକେଜ ଥରକରେ ଶେଷ ହୋଇନାହିଁ। ବିଭିନ୍ନ ଦିଗକୁ ବିଚାର କରି ଅନ୍ୟ ପଦକ୍ଷେପ ନିଆଯାଉଥିବା ସେ ସ୍ପଷ୍ଟ କରିଛନ୍ତି। ସୂଚନା ଯୋଗ୍ୟ, ଅକ୍ଟୋବରରେ ଶିଳ୍ପ କ୍ଷେତ୍ର କାର୍ଯ୍ୟକଳାପ ଉନ୍ନତି ହେବା ଯୋଗୁ ଶକ୍ତି ଚାହିଦା ୧୩.୩୮% ବଢ଼ିଛି।

## ସଂକ୍ଷେପରେ

### ଆଜିଠାରୁ ୧୯ କୋଇଲା ବ୍ଲକ ନିଲାମ

**ନୂଆଦିଲ୍ଲୀ,୧।୧୧:** ସୋମବାରଠାରୁ ୧୯ କୋଇଲା ବ୍ଲକ ନିଲାମ ଆରମ୍ଭ ହେଉଛି। ବାଣିଜ୍ୟିକ ଖଣି ଅଧୀନରେ ଏହି ନିଲାମ ପ୍ରକ୍ରିୟା ସମ୍ପାଦନ ହେବ। ଏହି ବର୍ଗରେ ଏହା ପ୍ରଥମ ନିଲାମ ହୋଇଥିବା ବେଳେ ବେଦାନ୍ତ, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ, ଆଦାନୀ ଏଣ୍ଟରପ୍ରାଇଜେସ, ହିଣ୍ଡାଲକୋ ଏବଂ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ଭଳି କମ୍ପାନୀ ଏଥିରେ ଭାଗ ନେବେ ବୋଲି ଜଣାପଡିଛି। ଏହି ପ୍ରକ୍ରିୟା ୮ ଦିନ ଧରି ଚାଲିବ। କୋଇଲା ମନ୍ତ୍ରଣାଳୟର ସଦ୍ୟତମ ଇ-ନିଲାମ କ୍ୟାଲେଣ୍ଡର ଅନୁସାରେ ନଭେମ୍ବର ୨ରୁ ୯ ଯାଏ ଚାଲିବ ବୋଲି ସୂଚନା ମିଳିଛି। ସୋମବାର ଚକଲା, ଝାଡଖଣ୍ଡ, ମାରକୀ-ମଙ୍ଗଲୀ-୨, ମହାରାଷ୍ଟ୍ର, ରାଧିକାପୁର(ପଶ୍ଚିମ), ଓଡିଶା, ଟାକଲୀ ଜେନା ବେଲୋରା ଉତ୍ତର ଏବଂ ଦକ୍ଷିଣ(ମହାରାଷ୍ଟ୍ର) , ଉତ୍ତରଣ, ମଧ୍ୟପ୍ରଦେଶ ଭଳି କୋଇଲା ବ୍ଲକର ନିଲାମ ହେବ। ଓଡିଶାର ରାଧିକାପୁର ପଶ୍ଚିମ ବ୍ଲକ ଲାଗି ଜେଏସ୍‌ପିଏଲ୍ ଏବଂ ବେଦାନ୍ତ ଲିମିଟେଡ ରେସ୍‌ରେ ରହିଥିବା ଜଣାପଡିଛି। ସେହିଭଳି ଝାଡଖଣ୍ଡର ଚକଲା ବ୍ଲକ ଲାଗି ହିଣ୍ଡାଲ୍‌କୋ ଏବଂ ଆଦାନୀ ନଜରରେ ରହିଛନ୍ତି।

### ଆଇଡିବିଆଇ ବ୍ୟାଙ୍କ ନିଟ୍ ଲାଭରେ ବୃଦ୍ଧି

**ମୁମ୍ବାଇ,୧।୧୧:** ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷର ୨ୟ ତ୍ରୈମାସ ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟ ଅବଧିରେ ବ୍ୟାଙ୍କର ନିଟ୍ ଲାଭ ୧୨୫% ବୃଦ୍ଧି ପାଇ ୩୨୪ କୋଟି ଟଙ୍କା ଛୁଇଁଛି। ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ବ୍ୟାଙ୍କ ୩,୪୫୯ କୋଟି ଟଙ୍କାର କ୍ଷତି ସହିଥିଲା। ବ୍ୟାଙ୍କର ଟିକସ ପୂର୍ବବର୍ତ୍ତୀ ଲାଭ ୬୬୫ କୋଟି ରହିଥିବା ବେଳେ ପରିଚାଳନା ଗତ ଲାଭ ୧୨୪୬ କୋଟି ଟଙ୍କା ରହିଛି। ପରିଚାଳନାଗତ ଲାଭରେ ବ୍ୟାଙ୍କ ୨୩%ର ବାର୍ଷିକ ବୃଦ୍ଧି ହାସଲ କରିଛି।

# ହୋଣ୍ଡା ଟୁହ୍ୱିଲର୍ସ ବିଗ୍ ୱିଙ୍ଗର ସମ୍ପ୍ରସାରଣ

ନୂଆଦିଲ୍ଲୀ,୧।୧୧




ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ଏହାର ସ୍ୱତନ୍ତ୍ର ପ୍ରିମିୟମ ମୋଟର ସାଇକେଲ ବ୍ୟବସାୟ ନେଟ୍‌ୱର୍କ ବିଗ୍ ୱିଙ୍ଗର ସମ୍ପ୍ରସାରଣ କରାଯାଇଛି। କମ୍ପାନୀ ପକ୍ଷରୁ ମୁମ୍ବାଇ ଓ ବେଙ୍ଗାଲୁରୁ ଭଳି ୨ଟି ପ୍ରମୁଖ ସହରରେ ଏହି ବିଗ୍ ୱିଙ୍ଗ ଟପ୍‌ଲାଇନକୁ ଉନ୍ମୋଚନ କରାଯାଇଛି। ଏହା ହେଉଛି କମ୍ପାନୀର ସ୍ୱତନ୍ତ୍ର ସେଲ୍‌ସ ଓ ସର୍ଭିସ ବ୍ୟବସ୍ଥା । ଏଥିରେ କମ୍ପାନୀର ପ୍ରିମିୟମ ମୋଟର ସାଇକେଲ (୩୦୦-୧୮୦୦ ସିସି)ର ବିକ୍ରି ଓ ସର୍ଭିସ ସେବା ପ୍ରଦାନ କରାଯିବ। ଏହି ପାର୍ବଣ ସମୟରେ କମ୍ପାନୀ ହାଇନେସ ସିବି ୩୫୦ ଉପରେ ୪୩ ହଜାର ଟଙ୍କା ପର୍ଯ୍ୟନ୍ତ ଲାଭ ସମ୍ପର୍କରେ ଘୋଷଣା କରିଛି। ସେହିଭଳି ସୀମିତ ସମୟ ପାଇଁ ଗାଡିର ଅନ୍ ରୋଡ୍ ମୂଲ୍ୟ ଉପରେ ୧୦୦% ଫାଇନାନ୍ସ ସୁବିଧା ରହିଛି। ଗ୍ରାହକ ୫.୬% ଭଳି କମ୍ ସୁଧରେ ଗାଡିର ଫାଇନାନ୍ସ ସୁବିଧା ପାଇପାରିବେ। ହୋଣ୍ଡାର ସମସ୍ତ ପ୍ରିମିୟମ ମୋଟର ସାଇକେଲ ଏହି ନେଟ୍‌ୱର୍କରେ ଉପଲବ୍ଧ ହେଉଛି ବୋଲି କମ୍ପାନୀର ବିକ୍ରି ଓ ମାର୍କେଟିଂ ନିର୍ଦ୍ଦେଶକ ଯଦବିନ୍ଦର ସିଂହ ଗୁଲେରିଆ ସୂଚନା ଦେଇଛନ୍ତି।

# ଓଡିଏମ୍ ପକ୍ଷରୁ ଉତ୍କର୍ଷ ସମ୍ମାନ ସମାରୋହ

ଭୁବନେଶ୍ୱର,୧।୧୧



ଶିକ୍ଷା ବର୍ଷ ୨୦୧୯-୨୦ରେ ମାଧ୍ୟମିକ, ଉଚ୍ଚ ମାଧ୍ୟମିକ, ଜେ.ଇ.ଇ (ଆଇଆଇଟି) ଓ ଏନ୍.ଇ.ଇ.ଟି (ମେଡିକାଲ) ଏଣ୍ଟ୍ରାନ୍ସରେ ଓଡିଏମ୍‌ର ଛାତ୍ରୀଛାତ୍ର ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର କୃତି ବିଦ୍ୟାର୍ଥୀମାନଙ୍କ ସମ୍ମାନ ଉଦ୍ଦେଶ୍ୟରେ ରବିବାର ଓଡିଏମ୍ ପରିସରରେ ଏକ ଡିଜିଟାଲ ସମ୍ମାନ ସମାରୋହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଅଧ୍ୟକ୍ଷ ଡ.ସତ୍ୟବ୍ରତ ମୀନକେତନ କୃତି ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଚଳିତ ବର୍ଷ ଅନୁଷ୍ଠାନର ୨୭ ଜଣ ଛାତ୍ର ଜେ.ଇ.ଇ ଆଡଭାନ୍ସ ଏବଂ ୧୨ ଜଣ ଛାତ୍ର ଏନଇଇଟି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ରୀଛାତ୍ର ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ୧୦୦% ଫଳାଫଳ ହାସଲ କରିଛନ୍ତି। କାର୍ଯ୍ୟକ୍ରମରେ ଓଡିଏମ୍‌ର ବିତ୍ତୀୟ ନିର୍ଦ୍ଦେଶିକା ଇନ୍ଦୁମତି ରୟ, ମୁଖ୍ୟ ପରିଚାଳନା ଅଧିକାରୀ ସ୍ୱଂୟ ସତ୍ୟେନ୍ଦୁ ଓ ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପିଏନ୍‌ବି କଟକ ସର୍କଲର ସତର୍କତା ସଚେତନତା

ଭୁବନେଶ୍ୱର,୧।୧୧

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର କଟକ ସର୍କଲ କର୍ଯ୍ୟାଳୟ ପକ୍ଷରୁ ଅକ୍ଟୋବର ୨୭ରୁ ୨ ନଭେମ୍ବର ପର୍ଯ୍ୟନ୍ତ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଉଛି। ଏକ ସଶକ୍ତ ଏବଂ ସମୃଦ୍ଧ ଭାରତ ପାଇଁ କର୍ମଚାରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। କଟକ ସର୍କଲ କାର୍ଯ୍ୟାଳୟର ସର୍କଲ ମୁଖ୍ୟ ଶିବାନନ୍ଦ ଭଞ୍ଜ ଏବଂ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଏହି ଅବସରରେ ଉପସ୍ଥିତ ଥିଲେ।

# ଆଦାନୀ ହାତକୁ ଗଲା ମାଙ୍ଗାଲୋର ବିମାନବନ୍ଦର

ନୂଆଦିଲ୍ଲୀ,୧।୧୧

ମାଙ୍ଗାଲୋର ବିମାନ ବନ୍ଦର ଲିଜ୍ ଆଦାନୀ ଗ୍ରୁପ ନିକଟକୁ ଆସିଛି। ଏହି ବିମାନ ବନ୍ଦରକୁ ଗ୍ରୁପ ୫୦ ବର୍ଷିଆ ଲିଜ୍‌ରେ ନେଇଥିବା ଜଣାପଡିଛି। ଏୟାର ପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ(ଏଏଆଇ) ଶୁକ୍ରବାର ମଧ୍ୟ ରାତ୍ରିରେ ଏ ସଂକ୍ରାନ୍ତ କାଗଜପତ୍ରକୁ ଆଦାନୀଗ୍ରୁପକୁ ହସ୍ତାନ୍ତର କରିଛନ୍ତି। କେନ୍ଦ୍ର ସରକାର ଗତବର୍ଷ ଫେବୃୟାରୀରେ ଦେଶର ୬ ବଡ ବିମାନ ବନ୍ଦରକୁ ଘରୋଇକରଣ କରିଥିଲେ। ଏହା ମଧ୍ୟରେ ଲକ୍ଷ୍ନୌ, ଅହମ୍ମଦାବାଦ, ଜୟପୁର, ମାଙ୍ଗାଲୋର, ଥିରୁଭାନନ୍ତପୁରମ ଏବଂ ଗୁଆହାଟି ଭଳି ବିମାନବନ୍ଦର ରହିଛି। କମ୍ପିଟିଟିଭ୍ ବିଡିଂ ଧାରାରେ ଆଦାନୀ ଏହି ସବୁ ବିମାନ ବନ୍ଦର ପରିଚାଳନା ଲାଗି ଅନୁମତି ଲାଭ କରିଛି। ମାଙ୍ଗାଲୋର, ଅହମ୍ମଦାବାଦ ଏବଂ ଲକ୍ଷ୍ନୌ ବିମାନ ବନ୍ଦରର ଅପରେସନ୍ସ, ପରିଚାଳନା ଲାଗି ଫେବୃୟାରୀ ୧୪ରେ ଏଏଆଇ ଆଦାନୀ ସହ ଚୁକ୍ତି କରିଥିଲା। ସେହିଭଳି ଜୟପୁର, ଗୁଆହାଟି ଏବଂ ଥିରୁଭାନନ୍ତପୁରମ ବିମାନବନ୍ଦର ଲାଗି ଚୁକ୍ତି ସେପ୍ଟେମ୍ବରରେ ହୋଇଛି। ଚୁକ୍ତି ମୁତାବକ, ଆଦାନୀ ନିକଟକୁ ଅକ୍ଟୋବର ୩୧ରେ ମାଙ୍ଗାଲୋର ବିମାନ ବନ୍ଦର ଆସିଛି।

## ଫୁରସତ

# ରୋଗକୁ ଡାକିଆଣେ 'ହଲିଡେ ୱେଟ୍ ଗେନ୍'

**ସୁସ୍ଥ, ସୁଠାମ ଶରୀରର ଅଧିକାରୀ ହେବାକୁ କିଏ ବା ନ ଚାହେଁ। ହେଲେ କର୍ମବ୍ୟସ୍ତ ଜୀବନ, ଖାଦ୍ୟପେୟ, ନିଦ୍ରାହୀନତା ପାଇଁ ଶରୀରର ଓଜନ କେତେବେଳେ ଅସ୍ୱାଭାବିକ ଭାବେ ବଢ଼ିଯାଏ ତ ଆଉ କେବେ କମିଯାଇଥାଏ। ତେବେ ଏକଥା ଅନେକେ ଜାଣି ନ ଥିବେ ଅକ୍ଟୋବରରୁ ଡିସେମ୍ବର ୩ ମାସ ମଧ୍ୟରେ ଶରୀରର ଓଜନରେ ସର୍ବାଧିକ ବୃଦ୍ଧି ଘଟିଥାଏ। ଏହାକୁ ସ୍ୱାସ୍ଥ୍ୟବିଜ୍ଞାନରେ 'ହଲିଡେ ୱେଟ୍ ଗେନ୍' ବୋଲି କୁହାଯାଏ। ଥରେ ଓଜନ ବଢ଼ିଗଲେ ଏହା ସ୍ୱାଭାବିକସ୍ତରକୁ ଆସିବାକୁ ପାଖାପାଖି ୫ ମାସ ଲାଗେ। ଶୀତଦିନେ ଏଭଳି ଓଜନ ବୃଦ୍ଧି ଅନେକ ସମସ୍ୟା ସୃଷ୍ଟି କରେ, ଯାହାକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି ସ୍ୱାସ୍ଥ୍ୟବିଜ୍ଞାନୀ।**



ଶୀତଦିନେ ଶରୀରର ଓଜନ ଅଧିକ ଦ୍ରୁତଗତିରେ ବଢ଼ିଥାଏ। ଅନେକେ ଏହାକୁ ଅଧିକ ଭୋଜନର ପରିଣାମ ବୋଲି କହିଥାନ୍ତି। ହେଲେ ଏଭଳି ମତକୁ ପୂର୍ଣ୍ଣ ସମର୍ଥନ କରିନାହାନ୍ତି ସ୍ୱାସ୍ଥ୍ୟବିଜ୍ଞାନୀ। ଯଦିଓ ଶୀତଦିନେ ତଟକା ପରିବା ଏବଂ ସୁଷମ ଖାଦ୍ୟ ଅଧିକ ପରିମାଣରେ ଖିଆଯାଇଥାଏ ତଥାପି ଓଜନ ବୃଦ୍ଧି ପାଇଁ ଏହା ଏକମାତ୍ର କାରଣ ନୁହେଁ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ବୃଦ୍ଧି ଘଟୁଥିବା ଓଜନକୁ 'ହଲିଡେ ୱେଟ୍ ଗେନ୍' ବୋଲି କୁହାଯାଏ। ୩ ମାସର ଏହି ଓଜନବୃଦ୍ଧି ହ୍ରାସ କରିବାକୁ ୫ମାସ ଲାଗିଥାଏ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି।

କର୍ନେଲ ୟୁନିଭର୍ସିଟିର ଫୁଡ୍ ଆଣ୍ଡ ବ୍ରାଣ୍ଡ ଲ୍ୟାବ, ଫିନ୍‌ଲାଣ୍ଡ ଏବଂ ଫ୍ରାନ୍ସର ବୈଜ୍ଞାନିକଙ୍କ ଏକ ଟିମ୍ ଏହା ଉପରେ ଗବେଷଣା ଜାରି ରଖିଛନ୍ତି। 'ହଲିଡେ ୱେଟ୍ ଗେନ୍' ସମ୍ପର୍କରେ ତଥ୍ୟ ହାସଲ କରିବାକୁ ପୃଥିବୀର ବିଭିନ୍ନ ଦେଶର ୩୦୦୦ ଲୋକଙ୍କୁ ଅଧ୍ୟୟନରେ ସାମିଲ କରାଯାଇଥିଲା। ଏଥିରୁ ଜଣାପଡ଼ିଛି, ଅକ୍ଟୋବରରୁ ଓଜନ ବଢ଼ିବା ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଡିସେମ୍ବର ଏବଂ ନୂଆବର୍ଷ ବେଳକୁ ଏହା ଦୁଇଗୁଣା ତୀବ୍ର ହୋଇଯାଏ। ଜାନୁୟାରୀରୁ ପୁଣି ଓଜନ କମିବା ପ୍ରକ୍ରିୟା ଆରମ୍ଭ ହୋଇଥାଏ। ହେଲେ ୩ ମାସରେ ଜମିଥିବା ଅତିରିକ୍ତ ଚର୍ବି କମିବାକୁ ପାଖାପାଖି ୫ ମାସ ଲାଗିଥାଏ। ନ୍ୟୁ ଇଂଲଣ୍ଡ ଜର୍ନାଲ ଅଫ୍ ମେଡିସିନରେ ଏ ସମ୍ପର୍କିତ ସବିଶେଷ ତଥ୍ୟ ପ୍ରକାଶିତ ହୋଇଛି। ପ୍ରାୟ ଅଧିକାଂଶ ଦେଶରେ ମହୋତ୍ସବ ସମୟରେ ଲୋକଙ୍କ ଓଜନ ବଢ଼ିଥାଏ। ତେବେ ଶୀତଦିନେ ଏହାର ହାର ଅନ୍ୟଦିନ ଅପେକ୍ଷା ଅଧିକ। ଇଣ୍ଟରନ୍ୟାଶନାଲ ଜର୍ନାଲ ଅଫ୍ ଓବେସିଟିରେ କୁହାଯାଇଛି, ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ଅଣ୍ଟା ସମେତ ନିତମ୍ବ ଅଂଶରେ ସର୍ବାଧିକ ଚର୍ବି ଜମିଥାଏ। କମ୍ ତାପମାତ୍ରା କାରଣରୁ ଶରୀର ଅଧିକ ପରିମାଣରେ ଫ୍ୟାଟ୍ ସଞ୍ଚୟ କରିବାର ଶକ୍ତି ହାସଲ କରିଥାଏ। ଋତୁକାଳୀନ ବ୍ୟତିକ୍ରମ (ସିଜନାଲ ଏଫେକ୍ଟିଭ୍ ଡିଜ୍‌ଅର୍ଡର) ମଧ୍ୟ ଏହାର ଅନ୍ୟତମ କାରଣ। ଶୀତଦିନେ ସୂର୍ଯ୍ୟକିରଣ ହ୍ରାସ ପାଇଥାଏ, ଯାହା ହର୍ମୋନକୁ ପ୍ରଭାବିତ କରେ। ମନକୁ ଅବସାଦଗ୍ରସ୍ତ କରାଇବାରେ କମ୍ ତାପମାତ୍ରା ଏକ କାରକ ଭାବେ କାର୍ଯ୍ୟକରେ। ଶରୀରର ସକ୍ରିୟତା କମିଯାଏ। ଏସବୁ କାରଣରୁ ଓଜନରେ ବୃଦ୍ଧି ଘଟିଥାଏ। ଅପରପକ୍ଷେ ଶୀତଦିନେ ରାତି ଲମ୍ବା ହୋଇଥାଏ। ଏହି କାରଣରୁ ମଣିଷ ଅଧିକ ସମୟ ଶୋଇବାକୁ ବାଧ୍ୟ ହୁଏ। ଶୋଇବା ସମୟ ବଢ଼ିଲେ ଆଳସ୍ୟ ମାଡ଼ିବସେ। ଅଧିକ ନିଦ ଓଜନ ବଢ଼ିବାର କାରଣ ପାଲଟେ। ସେହିପରି ଶୀତରେ ମେଟାବଲିଜିମ୍ ବଢ଼ିଯାଏ। ଫଳରେ ଶରୀରକୁ ଗରମ ରଖିବା ସହ ଖାଇବାର ଆବଶ୍ୟକତାରେ ମଧ୍ୟ ବୃଦ୍ଧି ଘଟେ। ତେଣୁ ସର୍ଦ୍ଦିରେ ଅଧିକ ଭୋକ ଲାଗେ। ଅକ୍ଟୋବରରୁ ଜାନୁୟାରୀ ମଧ୍ୟରେ ଏକାଧିକ ପର୍ବପର୍ବାଣି କ୍ରମାନ୍ୱୟରେ ଆସେ। ତଦନୁଯାୟୀ ଖାଇବା ପିଇବା ବେଶି ହୁଏ। ଏସବୁର ମିଳିତ ପ୍ରଭାବ 'ହଲିଡେ ୱେଟ୍ ଗେନ୍'କୁ ଡାକିଆଣେ। ଡାଏଟିସିଆନଙ୍କ ପରାମର୍ଶ ନେବା, ଅଧିକ କ୍ୟାଲୋରିଯୁକ୍ତ ଭୋଜନ କମାଇବା, ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇବା, ବ୍ୟାୟାମ କରିବା ଦ୍ୱାରା ଏହା ଉପରେ ନିୟନ୍ତ୍ରଣ କରାଯାଇପାରିବ। ନଚେତ୍ ସାମୟିକ ଭାବେ ହେଉଥିବା ଏପରି ଓଜନ ବୃଦ୍ଧି ହୃଦ୍‌ରୋଗ, ଗଣ୍ଠି ଯନ୍ତ୍ରଣା ଭଳି ଜଟିଳ ରୋଗର କାରଣ ସାଜିପାରେ ବୋଲି ବିଶେଷଜ୍ଞମାନେ ଚେତାଇଛନ୍ତି।

# ବର୍ଷେ ପରେ ପୁଣି ଫେରିଲେ ୨ ପ୍ରବାସୀ ପକ୍ଷୀ

**ଇମ୍ଫାଲ(ମଣିପୁର):** ପ୍ରବାସୀ ପକ୍ଷୀଙ୍କ ସଂଖ୍ୟା କମିବାରେ ଲାଗିଛି। ଏମାନଙ୍କ ସଂରକ୍ଷଣ ନିମନ୍ତେ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ୨୦୧୯ରେ ଏକ ନୂଆ ଉପାୟ ଆରମ୍ଭ ହୋଇଥିଲା। ଏଦିଗରେ ଏକ ବଡ଼ ସଫଳତା ମିଳିଛି। ୨୦୧୯ ନଭେମ୍ବରରେ ମଣିପୁରସ୍ଥିତ ତମେଙ୍ଗଲୋଙ୍ଗ ଜେଲ୍‌ରୁ ୫ ବାଜପକ୍ଷୀଙ୍କ ଦେହରେ ରେଡିଓ ଟ୍ୟାଗ୍ ଲଗାଯାଇ ଛଡ଼ାଯାଇଥିଲା। ସେମାନଙ୍କ ଗତିବିଧି ଉପରେ ନଜର ରଖିବା ତଥା ଲୋକେସନ୍ ମନିଟରିଂ ପାଇଁ ପକ୍ଷୀଙ୍କ ଦେହରେ ଏହି ଟ୍ୟାଗ୍ ଲଗାଯାଇଥିଲା। ତେବେ ୫ ପକ୍ଷୀଙ୍କ ମଧ୍ୟରୁ ୩ଟିର ମୃତ୍ୟୁ ଘଟିଥିବାବେଳେ ବର୍ଷେ ପରେ ୨ପକ୍ଷୀ ମଣିପୁର ଫେରିଥିବା ଜଣାପଡ଼ିଛି। ଚିୟୁଲାନ୍ ନାମକ ଚଢ଼େଇ ୩୩ହଜାର କି.ମି. ବୁଲିବା ପରେ ଅକ୍ଟୋବର ୨୬ରେ ଫେରିଥିବାବେଳେ ଇରାଙ୍ଗ୍ ନାମକ ଅନ୍ୟ ଚଢ଼େଇଟି ୨୯ ହଜାର କି.ମି. ବୁଲିବା ପରେ ୨୮ରେ ଫେରିଥିବା ଜଣାପଡ଼ିଛି। ମଣିପୁର ବନବିଭାଗ ପକ୍ଷରୁ ଭାରତୀୟ ବନ୍ୟ ଜୀବ ସଂସ୍ଥାନ ସହଯୋଗରେ ପକ୍ଷୀଙ୍କ ଦେହରେ ରେଡିଓ ଟ୍ୟାଗ୍ ଲଗାଇବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ଏଥିରେ ବିଶେଷକରି ବାଜ ପକ୍ଷୀଙ୍କୁ ସାମିଲ କରାଯାଇଛି। ଏହି ରେଡିଓ ଟ୍ୟାଗ୍ ମାଧ୍ୟମରେ ପକ୍ଷୀଗୁଡ଼ିକ କେଉଁ ରାସ୍ତାଦେଇ ଯାଇଛନ୍ତି, କେଉଁଠାରେ ଅଟକିଛନ୍ତି ଜାଣିହେବ। ଏହା ପକ୍ଷୀଙ୍କ ସଂରକ୍ଷଣରେ ସାହାଯ୍ୟ କରିଥାଏ। ପାରା ଆକାରର ବାଜପକ୍ଷୀ(ପ୍ରବାସୀ) ସାଇବେରିଆରେ ରୁହନ୍ତି। କିନ୍ତୁ ଥଣ୍ଡାରୁ ରକ୍ଷା ପାଇଁ ଏମାନେ ସେଠାରେ ଥଣ୍ଡା ପଡ଼ିବା ପୂର୍ବରୁ ଭାରତକୁ ଉଡ଼ିଆସନ୍ତି। ଉତ୍ତର ପୂର୍ବ ଭାରତରେ ପ୍ରାୟ ୨ମାସ ରହିବା ପରେ ଦକ୍ଷିଣ ଆଫ୍ରିକା ଅଭିମୁଖେ ଯାଇଥାନ୍ତି। ସେଠାରେ ପ୍ରାୟ ୪ ମାସ ରହିଥାନ୍ତି। ଚଳିତବର୍ଷ ଥଣ୍ଡା ଆରମ୍ଭ ହୋଇଥିବାବେଳେ ୨ ପକ୍ଷୀ ପୁଣି ଭାରତ ଆସିଛନ୍ତି। ତମେଙ୍ଗଲୋଙ୍ଗ ଡିଏଫ୍‌ଓଙ୍କ କହିବା ହେଲା ବାଜପକ୍ଷୀଙ୍କୁ ଖାଇବା ପାଇଁ ଶିକାର କରାଯାଇଥାଏ। କିନ୍ତୁ ମଣିପୁର ଏବଂ ନାଗାଲାଣ୍ଡରେ ଏବେ ଏମାନଙ୍କ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି ବୋଲି ସେ କହିଛନ୍ତି। ୨ ଚଢ଼େଇ ଫେରିବା ଖୁସିର ବିଷୟ। ଏହାଦ୍ୱାରା ବହୁ ନୂଆ ବିଷୟ ଜାଣିବାକୁ ମିଳିଥାଏ। ଏସବୁ ଏମାନଙ୍କ ସଂରକ୍ଷଣ ଦିଗରେ ସାହାଯ୍ୟ କରିଥାଏ।



ପକ୍ଷୀ ସଂରକ୍ଷଣରେ ସାହାଯ୍ୟ କରିବ ରେଡିଓ ଟ୍ୟାଗ୍



ଅଦା ଶର୍ମା

# ବଂଶୀବାଦନ ଶୁଣି ମନ୍ତ୍ରମୁଗ୍ଧ ଅଦା

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ଅଦା ଶର୍ମାଙ୍କ ସବୁ ଅନ୍ଦାଜ୍ ନିଆରା। ସେ ସବୁବେଳେ ନିଜ ଲାଇଫ୍‌ରେ କିଛି ନା କିଛି ଇଣ୍ଟରେଷ୍ଟିଙ୍ଗ କରୁଥାନ୍ତି। ସେଥିପାଇଁ ଫ୍ୟାନ୍‌ମାନେ ତାଙ୍କ ପଛରେ ଦିୱାନା। ଦେଖିବାକୁ ଯେମିତି ସୁନ୍ଦରୀ ଅଭିନୟ ମଧ୍ୟ ସେମିତି। ବଲିଉଡ୍‌ରେ ଫିଲ୍ମ କରିବା ସହ ସାଉଥ୍‌ରେ ମଧ୍ୟ ତାଙ୍କର ବେଶ୍ ନାଁ ଅଛି। କିଛି ଦିନ ପୂର୍ବରୁ ତାଙ୍କର ଯୋଗ ଏବଂ ଡ୍ୟାନ୍ସ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଅଦା ନିକଟରେ ଆଉ ଏକ ଭିଡିଓ ଶେୟାର କରିଛନ୍ତି। ଯେଉଁଥିରେ ତାଙ୍କୁ ଭିନ୍ନ ଏକ ଅନ୍ଦାଜ୍‌ରେ ଦେଖିବାକୁ ମିଳିଛି। ଏହି ଭିଡିଓରେ ଜଣେ ବ୍ୟକ୍ତି ବଂଶୀ ବାଦନ କରୁଛନ୍ତି। 'ରସ୍‌କେ କମର୍' ଗୀତର ଧୁନ୍‌କୁ ବଂଶୀରେ ବାଜୁଥିବାର ଶୁଣି ଅଦା ମନ୍ତ୍ରମୁଗ୍ଧ ହୋଇଯାଇଛନ୍ତି। ଏହାର ଏକ ଭିଡିଓ କରି ସେ ଇନ୍‌ଷ୍ଟାରେ ଶେୟାର କରିଛନ୍ତି। ଏବଂ ସେହି ବ୍ୟକ୍ତିଙ୍କୁ ଅଦା ବହୁତ ପ୍ରଶଂସା କରିଛନ୍ତି। ଆଉ କହିଛନ୍ତି ସମସ୍ତଙ୍କ ପାଖରେ ଏପରି ଟ୍ୟାଲେଣ୍ଟ ନ ଥାଏ। ମଣିଷ ଏହି ଧୂନ ଶୁଣିଲେ ନିଜର ସବୁ ଦୁଃଖ ଭୁଲିଯିବ। ୱାର୍କଫ୍ରଣ୍ଟ କଥା କହିବାକୁ ଗଲେ ଅଦାଙ୍କୁ ଶେଷ ଥର 'କମାଣ୍ଡୋ-୩'ରେ ଦେଖିବାକୁ ମିଳିଥିଲା। ଏହି ଫିଲ୍ମଟିକୁ ଲୋକେ ଖୁବ୍ ପସନ୍ଦ କରିଥିଲେ।

# ପଞ୍ଜାବର ଅଭିଯାନ ଶେଷ କଲା ଚେନ୍ନାଇ



ରତୁରାଜ ଗାଏକ୍ୱାଡ

**ଆବୁଧାବି, ୧।୧୧**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ କିଙ୍ଗ୍ସ ଇଲେଭେନର ଅଭିଯାନ ଶେଷ କରିଛି ଚେନ୍ନାଇ ସୁପରକିଙ୍ଗ୍ସ। ରବିବାର ଅନୁଷ୍ଠିତ ମ୍ୟାଚରେ ଚେନ୍ନାଇ ୯ ଉଇକେଟରେ ପଞ୍ଜାବକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ୨୦ ଓଭରରେ ୬ ଉଇକେଟ ହରାଇ ୧୫୩ ରନ କରିଥିବାବେଳେ ଚେନ୍ନାଇ ୧୮.୫ ଓଭରରେ ୧ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଚେନ୍ନାଇର ଏହାଥିଲା କ୍ରମାଗତ ତୃତୀୟ ବିଜୟ। ପ୍ଲେ-ଅଫ୍ ଆଶା ଉଜ୍ଜୀବିତ ରଖିବାକୁ ହେଲେ ପଞ୍ଜାବକୁ ଏହି ମ୍ୟାଚ ଜିତିବା ଜରୁରୀ ଥିଲା। ମାତ୍ର ପୂର୍ବରୁ ବିଦାୟ ପଥ ଦେଖି ସାରିଥିବା ଚେନ୍ନାଇକୁ ହରାଇବା ଲୋକେଶ ରାହୁଲଙ୍କ ଦଳ ପକ୍ଷରେ ସମ୍ଭବ ହୋଇ ନ ଥିଲା। ଉଭୟ ପଞ୍ଜାବ ଓ ଚେନ୍ନାଇ ୧୪ ମ୍ୟାଚରୁ ୧୨ ପଏଣ୍ଟ ଲେଖାଏ ପାଇଁ ଅଭିଯାନ ଶେଷ କରିଛନ୍ତି। ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ପରେ ଦ୍ରୁତ ଇନିଂସ ଖେଳି ଅପରାଜିତ ରହିଥିବା ଚେନ୍ନାଇର ରତୁରାଜ ଗାଏକ୍ୱାଡ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଚେନ୍ନାଇ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ। ଓପନରଙ୍କ ମାଧ୍ୟମରେ ପଞ୍ଜାବ ଭଲ ଓପନିଂ କରିଥିଲେ ହେଁ ମିଡିଲ ଅର୍ଡରରେ ଚେନ୍ନାଇ ବୋଲରମାନେ ଚମତ୍କାର ବୋଲିଂ କରିଥିଲେ। ଫଳରେ ବଡ଼ ସ୍କୋର ସମ୍ଭବ ହୋଇ ନ ଥିଲା। ଅଧିନାୟକ ଲୋକେଶ ରାହୁଲ ଓ ଆହତ ସମସ୍ୟାରୁ ଫେରିଥିବା ମୟଙ୍କ ଅଗ୍ରୱାଲ ପ୍ରଥମ ଉଇକେଟରେ ୩୨ ବଲ୍‌ରୁ ୪୮ ରନ ସଂଗ୍ରହ କରିଥିଲେ। ମାତ୍ର ଯୋଡ଼ି ଭାଙ୍ଗିବାପରେ ପଞ୍ଜାବର ବ୍ୟାଟିଂ ଦିଗହରା ହୋଇ ଯାଇଥିଲା। ଲୁନ୍‌ଗି ଏନ୍‌ଗିଡି ୬ଷ୍ଠ ଓଭରର ଦ୍ୱିତୀୟ ବଲ୍‌ରେ ଅଗ୍ରୱାଲଙ୍କୁ ଆଉଟ କରି ଚେନ୍ନାଇକୁ ବ୍ରେକ୍ ଥ୍ରୁ ଦେଇଥିଲେ। ୧୫ ବଲ୍‌ରୁ ୫ ଚୌକା ସହାୟତାରେ ମୟଙ୍କ ୨୬ ରନ କରିଥିଲେ। ଏହାର ଗୋଟିଏ ଓଭର ପରେ ରାହୁଲ ମଧ୍ୟ ୨୭ ବଲ୍‌ରୁ ୨୯(୩ ଚୌକା, ୧ ଛକା) ରନ କରିଥିବାବେଳେ ଏନ୍‌ଗିଡିଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ନିକୋଲାସ ପୁରନ(୨)ଙ୍କୁ ଧୋନୀଙ୍କ ହାତରେ କ୍ୟାଚ କରାଇ ଶାର୍ଦ୍ଦୁଳ ଠାକୁର ପ୍ୟାଭିଲିୟନ ପଥ ଦେଖାଇ ଥିବାବେଳେ କ୍ରିସ୍ ଗେଲ୍‌ଙ୍କୁ ଏଲବିଡବ୍ଲ୍ୟୁ କରି ଇମ୍ରାନ ତାହିର ପଞ୍ଜାବର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ୧୯ ବଲ୍‌ରୁ ୧୨ ରନ କରିଥିବା ଗେଲ୍ ରିଭ୍ୟୁ ନେଇଥିଲେ ହେଁ ତାହା ତାଙ୍କ ବିପକ୍ଷରେ ଯାଇଥିଲା। ମନଦୀପ ସିଂ(୧୪) ଓ ଜେମ୍ସ ନିଶାମ(୨) ପ୍ରତିପକ୍ଷ ବୋଲରଙ୍କୁ ମୁକାବିଲା କରିବାରେ ବିଫଳ ହୋଇଥିଲେ। ଦୀପକ ହୁଡାଙ୍କ ଅପରାଜିତ ଅର୍ଦ୍ଧଶତକ ଯୋଗୁ ପଞ୍ଜାବ ସ୍କୋର ୧୫୦ ଅତିକ୍ରମ କରିଥିଲା। ୩୦ଟି ବଲ୍ ଖେଳିଥିବା ହୁଡା ୩ ଚୌକା ଓ ୪ ଛକା ସହାୟତାରେ ୬୨ ରନ କରି ଅପରାଜିତ ରହିଥିଲେ। ଚେନ୍ନାଇ ପକ୍ଷରୁ ଏନ୍‌ଗିଡି ୩ଟି ଏବଂ ଶାର୍ଦ୍ଦୁଳ, ତାହିର ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଚଳିତ ସଂସ୍କରଣରେ ନିଜର ଶେଷ ମ୍ୟାଚ ଥିବାରୁ ଏହାକୁ ବିଜୟ ସହ ଶେଷ କରିବାକୁ ସତେ ଯେପରି ବଦ୍ଧ ପରିକର ଥିଲା ଚେନ୍ନାଇ। ଦୁଇ ଓପନର ଫାଫ୍ ଡୁ'ପ୍ଲେସି ଓ ରତୁରାଜ ଓପନିଂ ଯୋଡ଼ିରେ ୫୯ ବଲ୍‌ରୁ ୮୨ ରନ ଯୋଗକରି ଦଳର ବିଜୟ ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ୩୪ ବଲ୍‌ରୁ ୪ ଚୌକା ଓ ୨ ଛକା ସହାୟତାରେ ୪୮ ରନ କରିବାପରେ ୧୦ମ ଓଭରର ୫ମ ବଲ୍‌ରେ କ୍ରିସ୍ ଜୋର୍ଡାନଙ୍କ ବଲ୍‌ରେ ଉଇକେଟ କିପର ରାହୁଲଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ ଏହି ଦକ୍ଷିଣ ଆଫ୍ରିକୀୟ କ୍ରିକେଟର। ପୂର୍ବ ମୁକାବିଲାରେ ଚେନ୍ନାଇ ୧୦ ଉଇକେଟରେ ପଞ୍ଜାବକୁ ହରାଇଥିଲା। ତେଣୁ ଚଳିତ ଆଇପିଏଲରେ ପଞ୍ଜାବ ପାଇଁ ଏହାଥିଲା ପ୍ରଥମ ଚେନ୍ନାଇ ଉଇକେଟ। ଏତିକିରେ ହିଁ ରାହୁଲଙ୍କ ଦଳକୁ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। କାରଣ ରତୁରାଜ ଓ ଅମ୍ବାତି ରାୟୁଡୁ ଆଉ କୌଣସି କ୍ଷତି ହେବାକୁ ନ ଦେଇ ଅସମାପ୍ତ ଦ୍ୱିତୀୟ ଉଇକେଟରେ ୭୨ ରନର ଭାଗୀଦାରି ଗଢ଼ି ଦଳକୁ ବିଜୟୀ କରାଇଥିଲେ। ରତୁରାଜ ୪୯ ବଲ୍‌ରୁ ୬ ଚୌକା ଓ ୧ ଛକା ସହ ୬୨ ଏବଂ ରାୟୁଡୁ ୩୦ ବଲ୍‌ରୁ ୩୦(୨ ଚୌକା) ରନ କରି ଅପରାଜିତ ରହିଥିଲେ। ଗୋଟିଏ ମାତ୍ର ଉଇକେଟ ଜୋର୍ଡାନ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

କିଙ୍ଗ୍ସ ଇଲେଭେନ ପଞ୍ଜାବ ୨୦ ଓଭରରେ ୧୫୩/୬ (ହୁଡା-୬୨*, ରାହୁଲ-୨୯, ଅଗ୍ରୱାଲ-୨୬, ଏନଗିଡି-୩/୩୯, ଶାର୍ଦ୍ଦୁଳ-୧/୨୭, ତାହିର-୧/୨୪, ଜାଡେଜା-୧/୧୭)। ଚେନ୍ନାଇ ସୁପରକିଙ୍ଗ୍ସ ୧୮.୫ ଓଭରରେ ୧୫୪/୧ (ରତୁରାଜ-୬୨*, ଡୁପ୍ଲେସି-୪୮, ରାୟୁଡୁ-୩୦*, ଜୋର୍ଡାନ-୧/୩୧)।

## ଶେଫିଲ୍ଡ ଶିଲ୍ଡରେ ରେକର୍ଡ ପାର୍ଟନରଶିପ୍



**ଆଡିଲେଡ, ୧।୧୧(ଏପି)**

ଅଷ୍ଟ୍ରେଲିଆର ପ୍ରଥମଶ୍ରେଣୀ ଘରୋଇ କ୍ରିକେଟ ପ୍ରତିଯୋଗିତା ଶେଫିଲ୍ଡ ଶିଲ୍ଡରେ ରେକର୍ଡ ପାର୍ଟନରଶିପ୍ ସୃଷ୍ଟି କରିଛନ୍ତି ଟେଷ୍ଟ ବ୍ୟାଟ୍ସମ୍ୟାନ ମାର୍କୁସ ହାରିସ ଓ ପ୍ରତିଭା ସମ୍ପନ୍ନ ୱିଲ ପୁକୋଭସ୍କି। ସାଉଥ ଅଷ୍ଟ୍ରେଲିଆ ବିପକ୍ଷରେ ଏ ଦୁହେଁ ଭିକ୍ଟୋରିଆ ପକ୍ଷରୁ ଓପନିଂ ଯୋଡ଼ିରେ ୪୮୬ ରନର ଭାଗୀଦାରି ଗଢ଼ି ୩୦ ବର୍ଷ ତଳର ରେକର୍ଡ ଭାଙ୍ଗିଛନ୍ତି। ହାରିସ ୨୩୯ ରନରେ ଆଉଟ ହେବା ସହ ଏହି ପାର୍ଟନରଶିପ୍ ଭାଙ୍ଗିଥିଲା। ୩୦ ବର୍ଷ ପୂର୍ବେ ଅର୍ଥାତ୍ ୧୯୯୦ରେ ଓ୍ୱ'ବ୍ରଦର୍ସ ମାର୍କ ଓ ଷ୍ଟିଭ୍ ୱେଷ୍ଟର୍ନ ଅଷ୍ଟ୍ରେଲିଆ ବିପକ୍ଷରେ ନ୍ୟୁ ସାଉଥ୍ ୱେଲ୍ସ ପକ୍ଷରୁ ୪୬୪ ରନର ପାର୍ଟନରଶିପ୍ ଗଢ଼ି ରେକର୍ଡର ଅଧିକାରୀ ଥିଲେ। ୧୮୯୨ରେ ଶେଫିଲ୍ଡ ଶିଲ୍ଡ ଆରମ୍ଭ ହେବାଠାରୁ ହାରିସ ଓ ପୁକୋଭସ୍କିଙ୍କ ଭାଗୀଦାରି ସର୍ବଶ୍ରେଷ୍ଠ।

**୧୦ମ ଜନ୍ମବାର୍ଷିକ ଶୁଭେଚ୍ଛା**



ଓମ୍ ପ୍ରସାଦ ନାୟକ
ଗ୍ରାମ: ଖୋଋଡ଼, ନିମାପଡ଼ା
ଆଜି ତୋର ୧୦ମ ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ କି ତୋର ଚଳାପଥ କୁସୁମିତ ହେଉ।
-:ଶୁଭେଚ୍ଛା ସହ:-
ଜେଜେ, ଜେଜେମା', ଅଜା, ଆଈ, ବଡ଼ବାବା, ବଡ଼ମମି, ବାବା, ମମି, ପିଉସା, ପିଉସୀ, ମାଉସୀ, ସୋନୁ ଭାଇ, ଲକି ଭାଇ, ମୁକ୍ତି ଦିଦି, ସ୍ୱପ୍ନା ଦିଦି, ଗୁଗୁଲି ଦିଦି, ରାନି, ରାଜ୍।
ଧ-୬୮୪୪

**ଜନ୍ମଦିନ ଶୁଭେଚ୍ଛା**



(ସୁକୀର୍ତ୍ତି)
ଅଭିଲାଷା ଖମାରୀ
ବୁଗବୁଗା, ଅତାବିରା (ବରଗଡ଼)
ତୋର ଚଲାପଥ କୁସୁମିତ ହେଉ। ଆଜି ତୋର ଷଷ୍ଠ ଜନ୍ମବାର୍ଷିକୀରେ ମାଁ ମାହେଶ୍ୱରୀଙ୍କଠାରେ ଆମର ଏତିକି ପ୍ରାର୍ଥନା।
-:ଶୁଭେଚ୍ଛା ସହ:-
ସତ୍ୟଜିତ୍, ଅଭିଜିତ୍, ଅଭିଲିପ୍ସା, ସୋନାଲିସା, ରୋଜାଲିସା, ଆଲିସା, ଲିପ୍ସା।
ଧ-୧୮୭୪

## ଜିଓ ମହିଳା ଟି୨୦ ଚ୍ୟାଲେଞ୍ଜର ପ୍ରାୟୋଜକ

**ଦୁବାଇ, ୧।୧୧ (ପି.ଟି.)**

ନଭେମ୍ବର ୪ରୁ ୯ ପର୍ଯ୍ୟନ୍ତ ଶାରଜାରେ ହେବାକୁଥିବା ମହିଳା ଟି୨୦ ଚ୍ୟାଲେଞ୍ଜ ଲାଗି ଜିଓ ଟାଇଟଲ ପ୍ରାୟୋଜକ ହୋଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ରବିବାର ଏହା ସୂଚନା ଦିଆଯାଇଛି। କୋଭିଡ୍ ଯୋଗୁ ଚଳିତବର୍ଷ ଏହି ଇଭେଣ୍ଟ ଆୟୋଜନ ହୋଇ ପାରିବ କି ନା ସେ ନେଇ ସନ୍ଦେହ ରହିଥିଲା। ମାତ୍ର ପୂର୍ବଭଳି ଏହାର ମ୍ୟାଚଗୁଡ଼ିକ ଆଇପିଏଲ୍ ପ୍ଲେ-ଅଫ୍ ସହିତ ଖେଳାଯିବ ବୋଲି ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଅଗଷ୍ଟରେ ସ୍ପଷ୍ଟ କରିଥିଲେ। ଜିଓ ଟି୨୦ ଚ୍ୟାଲେଞ୍ଜ ଅଧିକ ସଂଖ୍ୟାରେ ବାଳିକାଙ୍କୁ ଖେଳ ପ୍ରତି ଆକୃଷ୍ଟ କରିବ। କ୍ରିକେଟ ଖେଳିଲେ କ୍ୟାରିୟର ସୁଯୋଗ ରହିଛି ବୋଲି ମାତାପିତାଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି ହେବ ବୋଲି ଗାଙ୍ଗୁଲି କହିଛନ୍ତି। ମହିଳା ଟି୨୦ ଚ୍ୟାଲେଞ୍ଜରେ ଭାଗ ନେଉଥିବା ତିନୋଟି ଦଳ ହେଲେ ଭେଲୋସିଟି, ସୁପରନୋଭାସ ଓ ଟ୍ରେଲବ୍ଲେଜର୍ସ। ପ୍ରତ୍ୟେକ ଦଳ ପରସ୍ପର ସହ ଖେଳିବା ପରେ ଫାଇନାଲିଷ୍ଟ ବଛାଯିବ। ଆଇପିଏଲ୍ ଫାଇନାଲ ଦିନକ ପୂର୍ବରୁ ଏହାର ଟାଇଟଲ ମୁକାବିଲା ନଭେମ୍ବର ୯ରେ ହେବ। ଏକ ସମୟରେ ମହିଳା ବିଗ୍ ବାଶ୍ ଖେଳାଯାଉଥିବାରୁ ଇଭେଣ୍ଟରେ ଅଷ୍ଟ୍ରେଲିଆର କୌଣସି ଖେଳାଳି ଭାଗ ନେଉନାହାନ୍ତି। କିନ୍ତୁ ଏଥିରେ ଇଂଲଣ୍ଡ, ୱେଷ୍ଟଇଣ୍ଡିଜ, ବାଂଲାଦେଶ ଏପରିକି ଥାଇଲାଣ୍ଡରୁ ଖେଳାଳିମାନେ ଅଂଶଗ୍ରହଣ କରୁଛନ୍ତି। ମାର୍ଚ୍ଚରେ ଟି୨୦ ବିଶ୍ୱକପ୍ ପରେ ଭାରତୀୟ ଖେଳାଳି ପ୍ରଥମ ଥର ପଡ଼ିଆକୁ ଓହ୍ଲାଇବେ।

# ଦିନିକିଆ ମ୍ୟାଚ୍ ପରିଚାଳନାରେ ଦାରଙ୍କ ରେକର୍ଡ

**ରାୱଲପିଣ୍ଡି, ୧।୧୧(ପି.ଟି.)**

**ରୁଡି କର୍ଜନଙ୍କୁ ପଛରେ ପକାଇଲେ**

ପାକିସ୍ତାନ ଅମ୍ପାୟର ଆଲିମ ଦାର ଆଉ ଏକ ରେକର୍ଡ କରିଛନ୍ତି। ଜଣେ ଅନ୍‌ଫିଲ୍ଡ ଅମ୍ପାୟର ଭାବେ ସେ ସର୍ବାଧିକ ଦିନିକିଆ ମ୍ୟାଚ୍ ପରିଚାଳନା କରି ଏହି ସଫଳତା ପାଇଛନ୍ତି। ଏଠାରେ ରବିବାର ଖେଳାଯାଇଥିବା ପାକିସ୍ତାନ- ଜିମ୍ବାୱେ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ପରିଚାଳନା କରି ଦାର ୨୧୦ତମ ଦିନିକିଆ ମ୍ୟାଚ୍ ପରିଚାଳନା କରିଛନ୍ତି। ସର୍ବାଧିକ ଦିନିକିଆ ମ୍ୟାଚ୍ ପରିଚାଳନା କରିବାରେ ୫୨ ବର୍ଷୀୟ ଦାର ଦକ୍ଷିଣ ଆଫ୍ରିକା ଅମ୍ପାୟର ରୁଡି କୋର୍ଜେନ୍‌ଙ୍କୁ ପଛରେ ପକାଇଛନ୍ତି।

ପୂର୍ବରୁ ସର୍ବାଧିକ ଟେଷ୍ଟ ମ୍ୟାଚ୍ ପରିଚାଳନା କରିବାରେ ଦାର ରେକର୍ଡ କରିଥିଲେ। ଗତବର୍ଷ ଡିସେମ୍ବରରେ ପର୍ଥରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ଟେଷ୍ଟ ମ୍ୟାଚ୍ ପରିଚାଳନା କରି ସେ ଏହି ସଫଳତା ପାଇଥିଲେ। ଏଥିସହ ସେ ୧୩୨ତମ ଟେଷ୍ଟ ମ୍ୟାଚ୍ ପରିଚାଳନା କରିଥିଲେ। ଏହି କ୍ରମରେ ସେ ଜାମାଇକାର ଷ୍ଟିଭ ବକ୍‌ନରଙ୍କୁ ପଛରେ ପକାଇଥିଲେ। ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାଚ୍ ପରିଚାଳନା କରିବାର ରେକର୍ଡ ମଧ୍ୟ ଦାରଙ୍କ ନାମରେ ରହିଛି। ସେ ମଧ୍ୟ ୪୫ଟି ଟି୨୦ ମ୍ୟାଚ୍ ପରିଚାଳନା କରିଛନ୍ତି। ଆଉ ଗୋଟିଏ ଟି୨୦ ମ୍ୟାଚ୍ ପରିଚାଳନା କଲେ ସେ ନିଜ ଦେଶର ଅନ୍ୟତମ ଅମ୍ପାୟର ଏକସାନ ରାଜାଙ୍କ ସହ ସମକକ୍ଷ ହେବେ।

ଦିନିକିଆ ଓ ଟେଷ୍ଟରେ ସର୍ବାଧିକ ମ୍ୟାଚ ପରିଚାଳନା କରିଥିବାରୁ ନିଜକୁ ଗୌରବାନ୍ୱିତ ମନେକରୁଛି ବୋଲି ଦାର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏହି ସଫଳତା ପାଇବି ବୋଲି କେବେ ଭାବି ନ ଥିଲି। ଅମ୍ପାୟରିଂ ଆରମ୍ଭ କରିବା ବେଳେ ଏହି ସଫଳତା ପାଇବି ବୋଲି କେବେ ଭାବି ନ ଥିଲି ବୋଲି ଦାର କହିଛନ୍ତି। ଏଥିପାଇଁ ସେ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ଓ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)କୁ କୃତଜ୍ଞତା ଜଣାଇଛନ୍ତି। ଅମ୍ପାୟରିଂ କରିବା ପୂର୍ବରୁ ଦାର ଜଣେ ଅଲରାଉଣ୍ଡର ଭାବେ ଦୀର୍ଘ ଏକ ଦଶନ୍ଧିଧରି ପ୍ରଥମ ଶ୍ରେଣୀ କ୍ରିକେଟ ଖେଳିଥିଲେ। ୨୦୦୦ରେ ସେ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ପ୍ରଥମ ଥର ପାଇଁ ଅମ୍ପାୟରିଂ କରିଥିଲେ। ଗତ ୧୬ ବର୍ଷ ହେବ ସେ ଆଇସିସି ଏଲିଟ୍ ପ୍ୟାନେଲ ଅଫ୍ ଅମ୍ପାୟରର ସଦସ୍ୟ ରହି ଆସିଛନ୍ତି।



ଆଲିମ ଦାର

## ପାକିସ୍ତାନ ସିରିଜ ବିଜୟୀ

**ରାୱଲପିଣ୍ଡି, ୧।୧୧:** ଅନ୍ତର୍ଜାତୀୟ ଦିନିକିଆରେ ଇଫ୍‌ତିଖର ଅହମ୍ମଦଙ୍କ ପ୍ରଥମ ୫ଉଇକେଟ ସଫଳତା ଏବଂ ବାବର ଆଜାମଙ୍କ ଆକର୍ଷଣୀୟ ଅପରାଜିତ ୭୭ରନ ସହାୟତାରେ ପାକିସ୍ତାନ ଏଠାରେ ରବିବାର ଅନୁଷ୍ଠିତ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଜିମ୍ବାୱେକୁ ୬ ଉଇକେଟରେ ପରାସ୍ତ କରିଛି। ଏଥିସହ ଦଳ ୨-୦ରେ ଅଗ୍ରଣୀ ଲାଭ କରିଥିବାବେଳେ ୩ ମ୍ୟାଚବିଶିଷ୍ଟ ସିରିଜ ଆଗୁଆ ଜିତିନେଇଛି। ଅନ୍ତର୍ଜାତୀୟ ଦିନିକିଆରେ ପାକିସ୍ତାନର ଏହା ହେଉଛି କ୍ରମାଗତ ୮ମ ବିଜୟ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜିମ୍ବାୱେ ସିନ୍ ୱିଲିୟମ୍ସ (୭୦ବଲ୍‌ରୁ ୭୫ ରନ)ଙ୍କ ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ୨୦୬ ରନ କରି ଅଲଆଉଟ ହୋଇଯାଇଥିଲା। ପାକିସ୍ତାନ ପକ୍ଷରୁ ଇଫ୍‌ତିକର ୪୦ ରନ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିବା ବେଳେ ମହମ୍ମଦ ମୁସା ୨ ଏବଂ ହାରିସ ରଫ୍, ଫହିମ ଅଶ୍ରଫ ଓ ଇମାଦ ୱାସିମ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପାକିସ୍ତାନ ୩୫.୨ ଓଭରରେ ୪ଉଇକେଟ ବିନିମୟରେ ୨୦୮ରନ କରି ମ୍ୟାଚ ଜିତି ନେଇଥିଲା।

**ସଂକ୍ଷିପ୍ତ ସ୍କୋର**

**ଜିମ୍ବାୱେ:** ୪୫.୧ ଓଭରରେ ୨୦୬/ଅଲ୍‌ଆଉଟ୍ (ସିନ୍ ୱିଲିୟମ୍ସ-୭୫, ଇଫ୍‌ତିଖର ଅହମ୍ମଦ-୫/୪୦, ମହମ୍ମଦ ମୁସା-୨/୨୧)।
**ପାକିସ୍ତାନ:** ୩୫.୨ ଓଭରରେ ୨୦୮/୪ (ବାବର ଆଜାମ-୭୭*, ଇମାମୁଲ ହକ୍-୪୯, ଟେଣ୍ଡାଇ ଚିସୋରେ-୨/୪୯)।

# ବାଙ୍ଗାଲୋର-ଦିଲ୍ଲୀ ଗୁରୁତ୍ୱପୂର୍ଣ୍ଣ ମୁକାବିଲା ଆଜି

**ଆବୁଧାବି,୧।୧୧(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଓ ଦିଲ୍ଲୀ କ୍ୟାପିଟାଲ୍ସ ମୁହାଁମୁହିଁ ହେବେ। ଏହି ମ୍ୟାଚ୍ ଜିତି ଉଭୟ ଦଳ ପଏଣ୍ଟ ତାଲିକାର ଶ୍ରେଷ୍ଠ ଦୁଇଟି ସ୍ଥାନରେ ରହିବା ପାଇଁ ପ୍ରୟାସ କରିବେ। ବାଙ୍ଗାଲୋର ଏପର୍ଯ୍ୟନ୍ତ ୧୩ଟି ମ୍ୟାଚ୍ ଖେଳି ୭ ବିଜୟ, ୬ ପରାଜୟ ସହ ୧୪ ପଏଣ୍ଟ ପାଇ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଦିଲ୍ଲୀ ମଧ୍ୟ ୧୩ ମ୍ୟାଚ୍ ଖେଳି ୭ ବିଜୟ, ୬ ପରାଜୟ ସହ ସମାନ ୧୪ ପଏଣ୍ଟ ପାଇଥିଲେ ମଧ୍ୟ ନେଟ୍ ରନ ରେଟ୍‌ରେ ପଛରେ ରହି ତୃତୀୟ ସ୍ଥାନରେ ରହିଛି। ତେଣୁ ଏହି ମ୍ୟାଚ୍ ଉଭୟ ଦଳ ପାଇଁ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସଦୃଶ ହୋଇଛି।

ଦିଲ୍ଲୀ କ୍ରମାଗତ ଭାବେ ୪ଟି ମ୍ୟାଚ୍‌ରେ ଓ ବାଙ୍ଗାଲୋର ୩ଟି ମ୍ୟାଚ୍‌ରେ ପରାସ୍ତ ହୋଇଛନ୍ତି। କିନ୍ତୁ ଏହି ମ୍ୟାଚ୍‌ରେ ଦୁଇ ଦଳ ଅସଲ ପରୀକ୍ଷାର ସମ୍ମୁଖୀନ ହେବେ। ବିଜୟୀ ଦଳ ପ୍ଲେ- ଅଫ୍‌ରେ ସ୍ଥାନ ପାଇବ। କିନ୍ତୁ ହାରିବା ଦଳ ପାଇଁ ମଧ୍ୟ ସାମାନ୍ୟ ଆଶା ରହିବ। ପରାଜିତ ଦଳ ଅନ୍ୟ ଦଳଗୁଡ଼ିକର ଦୟା ଉପରେ ନିର୍ଭର କରିବ। ଅର୍ଥାତ୍ ଅନ୍ୟ ମ୍ୟାଚ୍‌ଗୁଡ଼ିକର ଫଳାଫଳ ନିର୍ଣ୍ଣାୟକ ସାବ୍ୟସ୍ତ ହେବ।

ଟୁର୍ନାମେଣ୍ଟ ଆରମ୍ଭରେ ଦିଲ୍ଲୀ ବେଶ୍ କେତୋଟି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରି ବିଜୟୀ ହୋଇଥିଲା। ତେବେ ପରେ ଦିଲ୍ଲୀ ପ୍ରଦର୍ଶନରେ ଅବନତୀ ହୋଇଥିଲା। ଦଳ ଦୁଇ ସପ୍ତାହ ତଳେ ଶେଷଥର ପାଇଁ ବିଜୟ ହାସଲ କରିଥିଲା। ଦିଲ୍ଲୀର ବ୍ୟାଟ୍ସମ୍ୟାନମାନେ ଗତ କେତୋଟି ମ୍ୟାଚ୍‌ରେ ମାମୁଲି ପ୍ରଦର୍ଶନ କରିଛନ୍ତି। ଟୁର୍ନାମେଣ୍ଟ ଆରମ୍ଭରୁ ଭଲ ପ୍ରଦର୍ଶନ କରିଥିବା ବୋଲରମାନେ ମଧ୍ୟ ଚମକହୀନ ପ୍ରଦର୍ଶନ କରିଛନ୍ତି। ଓପନିଂ ଯୋଡି ଦିଲ୍ଲୀ ପାଇଁ ମୁଖ୍ୟ ସମସ୍ୟା ସୃଷ୍ଟି କରିଛନ୍ତି। ଅଭିଜ୍ଞ ଶିଖର ଧାୱନଙ୍କ ସହ ପୃଥ୍ୱୀ ଶ ଓ ଅଜିଙ୍କ୍ୟ ରାହାନେ ଓପନିଂ କରିଥିଲେ ମଧ୍ୟ ଦୁହେଁ ସ୍ଥିର ପ୍ରଦର୍ଶନ କରିପାରି ନାହାନ୍ତି। ଧାୱନ ମଧ୍ୟ ତାଙ୍କ ଫର୍ମ ହରାଇଛନ୍ତି। କ୍ରମାଗତ ଦୁଇଟି ଶତକ ହାସଲ କରିବା ପରେ ସେ ପର ୨ଟି ମ୍ୟାଚ୍‌ରେ ଖାତା ଖୋଲିପାରି ନ ଥିଲେ। ଅପରପକ୍ଷରେ ବାଙ୍ଗାଲୋର ଅବସ୍ଥା ମଧ୍ୟ ସମାନ ରହିଛି। ଶନିବାର ଦଳ ସନରାଇଜର୍ସ ହାଇଦ୍ରାବାଦଠାରୁ ପରାସ୍ତ ହୋଇଥିଲା। କ୍ରମାଗତ ୩ଟି ପରାଜୟ ପରେ ଦଳର ଆତ୍ମବିଶ୍ୱାସ ଦୋହଲି ଯାଇଛି। ଅଧିନାୟକ ବିରାଟ କୋହଲି ଓ ଅଭିଜ୍ଞ ଏବି ଡି'ଭିଲର୍ସ ବିଫଳ ହୋଇଥିବାରୁ ଦଳ ପରାସ୍ତ ହୋଇଛି। କେତେଜଣ ତାରକା ଖେଳାଳିଙ୍କ ଉପରେ ଦଳ ଅତ୍ୟଧିକ ଭାବେ ନିର୍ଭରଶୀଳ ହୋଇପଡିଛି ଓ ଏ ନେଇ ଚର୍ଚ୍ଚା ମଧ୍ୟ ଆରମ୍ଭ ହୋଇଛି। ଗତ ଦୁଇଟି ମ୍ୟାଚ୍‌ରେ କୋହଲି ଓ ଡି'ଭିଲର୍ସ ବିଫଳ ହୋଇଥିଲେ। ଫଳରେ ଦଳ ବୃହତ୍ ପରାଜୟ ବରଣ କରିଥିଲା।

**ଆଇପିଏଲ୍**
(ସୋମବାର ମ୍ୟାଚ୍)
ଦିଲ୍ଲୀ କ୍ୟାପିଟାଲ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର
**ସ୍ଥାନ:** ଆବୁଧାବି, **ସମୟ:** ରାତି ୭ଟା ୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ



ଜିମ୍‌ରେ ଶିଖର ଧାୱନ।

# ହାମିଲଟନଙ୍କ ୯୩ତମ ଫର୍ମୁଲା ୱାନ୍ ବିଜୟ



ଲୁଇସ୍ ହାମିଲଟନ

**ଇମୋଲା (ଇଟାଲୀ), ୧।୧୧ (ଏପି)**

ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ରବିବାର ଇମିଲିଆ ରୋମାଗ୍ନା ଫର୍ମୁଲା ୱାନ ମୋଟର ରେସ୍ ଗ୍ରାଁ ପ୍ରି ଜିତିଛନ୍ତି। ଫଳରେ ସବୁଠାରୁ ଅଧିକ ଫର୍ମୁଲା ୱାନ ରେସ୍ ଜିତିବାରେ ତାଙ୍କ ନାମରେ ଯେଉଁ ରେକର୍ଡ ରହିଛି ତାହା ୯୩କୁ ବୃଦ୍ଧି ପାଇଛି। ହାମିଲଟନ ତାଙ୍କ ଟିମ୍‌ମେଟ ଭାଲଟେରି ବୋଟାସଙ୍କୁ ୫.୭ ସେକେଣ୍ଡ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଗତ ସପ୍ତାହରେ ହାମିଲଟନ ୯୨ତମ ବିଜୟ ସହ ସୁମାକରଙ୍କ ରେକର୍ଡ ଭଙ୍ଗ କରିଥିଲେ। ରବିବାରର ଏହି ବିଜୟ ଦ୍ୱାରା ମର୍ସିଡିଜ ଟିମ୍ କ୍ରମାଗତ ୭ମ ଥର କନଷ୍ଟ୍ରକ୍ଟର୍ସ ଚାମ୍ପିୟନଶିପ୍ ଜିତିବାରେ ସମର୍ଥ ହୋଇଛି। ରେନଲ୍ଟର ଡାନିଏଲ ରିକାର୍ଡୋ ତୃତୀୟ ସ୍ଥାନରେ ରହିଥିଲେ। ଚଳିତ ସିଜନରେ ଏହା ହେଉଛି ତାଙ୍କର ଦ୍ୱିତୀୟ ପୋଡିୟମ ଫିନିଶ। ଡ୍ରାଇଭର୍ସ ଟାଇଟଲ ଦୌଡ଼ରେ ହାମିଲଟନ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବୋଟାସଙ୍କଠାରୁ ୮୫ ପଏଣ୍ଟ ବ୍ୟବଧାନରେ ଶୀର୍ଷରେ ରହିଛନ୍ତି। ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍‌ଙ୍କ କାର ପଙ୍କଚର ହୋଇଯିବାରୁ ବୋଟାସ ଏହି ତାଲିକାର ଦ୍ୱିତୀୟ ସ୍ଥାନକୁ ପଦୋନ୍ନତି ପାଇଛନ୍ତି। ୨୦୦୬ ପରେ ଇମୋଲାରେ ପ୍ରଥମ ଥର ଫର୍ମୁଲା ୱାନ ରେସ୍ ଆୟୋଜିତ ହୋଇଥିଲା। ୪ର୍ଥରୁ ୧୦ମ ସ୍ଥାନରେ ରହିଥିବା ଡ୍ରାଇଭରମାନେ ଯଥାକ୍ରମେ ହେଲେ ଡାନିଲ କ୍ୟାଟ୍ (ଆଲ୍‌ଫା ତାଉରି), ଚାର୍ଲସ ଲେକ୍‌ରେକ୍ (ଫେରାରି), ସର୍ଗିଓ ପେରେଜ (ରେସିଂ ପଏଣ୍ଟ), ଚାର୍ଲ୍ସ ସେଞ୍ଜ୍ ଜୁନିୟର (ମ୍ୟାକ୍‌ଲରେନ), ଲାଣ୍ଡୋ ନୋରିସ୍ (ମ୍ୟାକଲରେନ), କିମି ରାଇକୋନେନ୍ (ଆଲ୍‌ଫା ରୋମିଓ), ଆଣ୍ଟୋନିଓ ଜିଓଭିନାଜି (ଆଲ୍‌ଫା ରୋମିଓ)।

## ଆସନ୍ତାବର୍ଷ ମଧ୍ୟ ଧୋନୀ ଆଇପିଏଲ୍ ଖେଳିବେ

**ଆବୁଧାବି. ୧।୧୧ (ପି.ଟି.):** ଆସନ୍ତା ବର୍ଷ ମଧ୍ୟ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିବେ ମହେନ୍ଦ୍ର ସିଂ ଧୋନୀ। ରବିବାର କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷରେ ଚଳିତ ସିଜନର ଶେଷ ମ୍ୟାଚ ଖେଳିବା ପୂର୍ବରୁ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଅଧିନାୟକ ଏହା ସ୍ପଷ୍ଟ କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇସାରିଥିବା ଧୋନୀଙ୍କୁ ପରବର୍ତ୍ତୀ ଆଇପିଏଲ୍‌ରେ ଦେଖିବାକୁ ମିଳିବ କି ନା ସେ ନେଇ ତାଙ୍କ ଅଗଣିତ ପ୍ରଶଂସକଙ୍କ ମନରେ ଉତ୍ସୁକତା ଥିଲା। ଟସ୍ ବେଳେ ନ୍ୟୁଜିଲାଣ୍ଡର ପୂର୍ବତନ ପେସ୍ ବୋଲର ଡ୍ୟାନି ମୋରିସନଙ୍କ ପ୍ରଶ୍ନର ଉତ୍ତରରେ ଧୋନୀ କହିଥିଲେ, ଆଇପିଏଲ୍‌ରେ ଏହା ତାଙ୍କର ଶେଷ ମ୍ୟାଚ ନୁହେଁ। ସେ ଆସନ୍ତା ସିଜନରେ ମଧ୍ୟ ସିଏସ୍‌କେ ତରଫରୁ ଖେଳିବେ। କୋଭିଡ୍ ଯୋଗୁ ଚଳିତବର୍ଷ ଅକ୍ଟୋବର-ନଭେମ୍ବରରେ ହେବାକୁଥିବା ଟି୨୦ ବିଶ୍ୱକପ୍‌କୁ ସ୍ଥଗିତ ରଖାଯିବା ପରେ ଅଗଷ୍ଟ ୧୫ରେ ୩୯ ବର୍ଷୀୟ ଧୋନୀ ଅନ୍ତର୍ଜାତୀୟ କ୍ରିକେଟରୁ ତାଙ୍କର ଅବସର ଘୋଷଣା କରିଥିଲେ। ସେ ଅତିକମ୍‌ରେ ଦୁଇ ସିଜନ ଆଇପିଏଲ୍ ଖେଳିବେ ବୋଲି ଆଶା କରାଯାଉଥିଲା। ଧୋନୀ ଶେଷ ଥର ପାଇଁ ଭାରତ ତରଫରୁ ନ୍ୟୁଜିଲାଣ୍ଡ ବିପକ୍ଷ ୨୦୧୯ ବିଶ୍ୱକପ୍ ସେମିଫାଇନାଲ ଖେଳିଥିଲେ। ଚଳିତବର୍ଷ ଆଇପିଏଲ୍‌ରେ ସିଏସ୍‌କେ ସବୁଠାରୁ ନିକୃଷ୍ଟ ପ୍ରଦର୍ଶନ କରିଛି। ପଏଣ୍ଟ ଟେବୁଲର ନିମ୍ନ ଭାଗରେ ରହିଛି। ୩ଥର ଚାମ୍ପିୟନ ଦଳ କ୍ରମାଗତ ସ୍ଥିର ପ୍ରଦର୍ଶନ କରିବା ପରେ ପ୍ରଥମ ଥର ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିପାରି ନାହିଁ। ଆସନ୍ତା ବର୍ଷ ଆଇପିଏଲ୍ ସ୍ୱାଭାବିକ ଏପ୍ରିଲ-ମେରେ କରିବା ଲାଗି ଯୋଜନା ରହିଛି।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ବିପିନ୍ ବିହାରୀ ନାୟକ
ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ
ଗୋବିନ୍ଦପୁର, ବିଞ୍ଝାରପୁର, ଯାଜପୁର
ଆବିର୍ଭାବ: ୧୮।୦୭।୧୯୪୮
ତିରୋଧାନ: ୨୩।୧୦।୨୦୨୦
ତୁମ ଅମୃତ ଆଶୀର୍ବାଦ ଫଳେ ହସୁଥିଲା ଆମଘର। କାହିଁ ଚାଲିଗଲ ଦରଦୀ ପ୍ରିୟ ହେ କରିଦେଇ ସାତପର। ଯେଉଁଠି ଥାଅ ଶାନ୍ତିରେ ଥାଅ। ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବାବା ବରୁଣେଶ୍ୱରଙ୍କ ନିକଟରେ ଏତିକି ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପତ୍ନୀ: ସୁଷମା ନାୟକ, ପୁତ୍ର: ଧନେଶ୍ୱର, ପରମେଶ୍ୱର, ଖଗେଶ୍ୱର, ସର୍ବେଶ୍ୱର, ଦୀପକ, ମନୋଜ, ବୋହୂ: ନିରୁପମା, ରଶ୍ମି, ସୁନିତା, କବିତା, ସଂଘମିତ୍ରା, ଝିଅ-ଜ୍ୱାଇଁ: ମାମି, ଟିଣ୍ଟୁ, ଡୁଲୁ, ନାତି-ନାତୁଣୀ ଓ ବନ୍ଧୁ, ପରିବାରବର୍ଗ।
ଧ-୧୮୭୬

**ସ୍ମୃତି ତର୍ପଣ ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତା ଡା. ଶର୍ମିଷ୍ଠା ଦାସ
ଫିରିଙ୍ଗି ବଜାର, କଟକ
ଆବିର୍ଭାବ: ୧୦।୦୨।୧୯୩୦
ତିରୋଧାନ: ୨୩।୧୦।୨୦୨୦
ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଦତଳେ ସବିନୟ ମିନତି କରୁଛୁ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୧୮୭୫

**ଏକାଦଶାହ ଉପଲକ୍ଷେ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



√ କେଶବ ଚନ୍ଦ୍ର ଜେନା
ମଞ୍ଚେଶ୍ୱର, ଭୁବନେଶ୍ୱର
ଆବିର୍ଭାବ - ୦୫.୦୫.୧୯୪୬
ତିରୋଧାନ - ୨୩.୧୦.୨୦୨୦
ଆଜିର ଏକାଦଶ ଉପଲକ୍ଷେ ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ : ପତ୍ନୀ- ଡାଳିମ୍ବଦେଈ, ଭ୍ରାତା-କୃଷ୍ଣଚନ୍ଦ୍ର ଜେନା, ପୁତ୍ର-ଶାରଦା ପ୍ରସାଦ ଜେନା, ପୁତ୍ରବଧୂ, ବନ୍ଧୁ ଏବଂ ଜେନା ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ।
CONTACT : 7008440382
ଧ-୭୦୦୦୭

# ପ୍ରତ୍ୟାବର୍ତ୍ତନ କରିପାରେ ବରଫ ଯୁଗ

ପୃଥିବୀର ଜଳବାୟୁ ଦିନକୁ ଦିନ ପରିବର୍ତ୍ତନ ହେବାରେ ଲାଗିଛି। ତା'ସହ ବାୟୁମଣ୍ଡଳ ମଧ୍ୟ ଅଧିକ ପ୍ରଦୂଷିତ ହେବାରେ ଲାଗିଛି। ଏପରି ପ୍ରକ୍ରିୟା ଦୀର୍ଘଦିନ ଧରି ଲାଗି ରହିଲେ ପୁଣି ଥରେ ବରଫ ଯୁଗ ପ୍ରତ୍ୟାବର୍ତ୍ତନର ଆଶା କରାଯାଏ। ଏପରି ମତ ରଖିଛନ୍ତି ଆମେରିକୀୟ ପାଣିପାଗ ବିଶେଷଜ୍ଞମାନେ। ପୃଥିବୀର ପରିବର୍ତ୍ତିତ ଜଳବାୟୁ ଉପରେ ନିକଟରେ ୟୁନିଭର୍ସିଟି ଅଫ କାଲିଫର୍ନିଆର ପାଣିପାଗ ବିଜ୍ଞାନୀମାନେ ତନ୍ନ ତନ୍ନ କରି ସର୍ଭେ କରିଥିଲେ। ନିକଟରେ ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ଏ ସମ୍ପର୍କିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ୧୬୬୪-୧୭୧୫ ମଧ୍ୟରେ ଲଘୁ ବରଫ ଯୁଗ ଆରମ୍ଭ ହୋଇଥିଲା। ସେହି ସମୟ ମଧ୍ୟରେ ଆମେରିକାର ଥେମ୍ସ ନଦୀର ଜଳ ଦୀର୍ଘ ସାତ ସପ୍ତାହ ପର୍ଯ୍ୟନ୍ତ ବରଫରେ ପରିଣତ ହୋଇଯାଇଥିଲା। ବର୍ତ୍ତମାନ ସୂର୍ଯ୍ୟଙ୍କ ଉତ୍ତାପରେ ତାରତମ୍ୟତା ପରିଲକ୍ଷିତ ହେଉଛି। ଯଦି ଏହା ଜାରି ରହେ ତେବେ ୧୫-୨୫ବର୍ଷ ମଧ୍ୟରେ ବରଫ ଯୁଗ ପୁଣି ଥରେ ଫେରିବାର ସମ୍ଭାବନା ରହିଛି।



# ଅବସାଦ ପାଇଁ ଦାୟୀ ଅସନ୍ତୁଳିତ ଜୀବନଶୈଳୀ



ଆଜିକାଲିର ବ୍ୟସ୍ତମୟ ଜୀବନରେ ଆମେ ନିଜର ଜୀବନଶୈଳୀ ପ୍ରତି ସତର୍କ ହେବା ନିହାତି ଜରୁରୀ। ଖାଦ୍ୟପେୟ ପ୍ରତି ଯତ୍ନବାନ ହେବା ସହ ନିଜେ କିପରି ସୁସ୍ଥ ରହିବା ସେ ନେଇ ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ। କେତେକ ବ୍ୟକ୍ତି ନିଜର ଜୀବନଶୈଳୀକୁ ଆବଶ୍ୟକ ମୁତାବକ ଗୁରୁତ୍ୱ ଦେଇ ନ ଥାନ୍ତି। ଫଳତଃ ସେମାନେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ନିକଟରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ଏକ ଗବେଷଣାରୁ ଜଣାପଡିଛି ଯେ, ଅଧିକାଂଶ ସମୟ ଅବସାଦଗ୍ରସ୍ତ ରହିବା ପଛରେ ଅସନ୍ତୁଳିତ ଜୀବନଶୈଳୀର ଭୂମିକା ରହିଛି। ଏପରି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ ଅଧିକାଂଶ ସମୟ ଅବସାଦଗ୍ରସ୍ତ ରହୁଥିବା କେତେକ ବ୍ୟକ୍ତିଙ୍କର ଜୀବନଶୈଳୀକୁ ପରୀକ୍ଷା କରି ଏପରି ତଥ୍ୟ ପ୍ରକାଶ କରିଛନ୍ତି। ତେବେ ଏପରି ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ପାଇଁ ନିଜ ଜୀବନଶୈଳୀ ପ୍ରତି ଦୃଷ୍ଟି ଦେବାକୁ ସେମାନେ ପରାମର୍ଶ ଦେଇଛନ୍ତି।

# କର୍ମଯୋଗୀ ବୈଜ୍ଞାନିକ



ଡ. ଏନ. ବିଜୟ କୁମାର ଚୌଧୁରୀ

ନିଷ୍କାମ କର୍ମ କରୁଥିବା ଲୋକଙ୍କୁ କୁହାଯାଏ କର୍ମଯୋଗୀ। ଆତ୍ମସ୍ୱାର୍ଥର ଊର୍ଦ୍ଧ୍ୱକୁ ଯାଇ ସେମାନେ ସମୂହ କଲ୍ୟାଣରେ ନିଜକୁ ନିୟୋଜିତ କରିଥାଆନ୍ତି। ସେହିପରି ଜଣେ ବ୍ୟକ୍ତି ଥିଲେ ଡ. ଏନ. ବିଜୟ କୁମାର ଚୌଧୁରୀ। ସେ ଥିଲେ ଏକାଧାରରେ ଜଣେ ସମାଜସେବୀ, ଦୂରଦ୍ରଷ୍ଟା ଏବଂ ବୈଜ୍ଞାନିକ। ଆଜି ଓଡିଶା ବିଜ୍ଞାନ ଏକାଡେମୀ କେବଳ ଆମ ରାଜ୍ୟରେ ନୁହେଁ, ସମଗ୍ର ଦେଶରେ ବିଜ୍ଞାନକୁ ଜନପ୍ରିୟ କରୁଥିବା ଏକ ପ୍ରମୁଖ ଅନୁଷ୍ଠାନ ରୂପେ ସୁଖ୍ୟାତି ଅର୍ଜନ ମୂଳରେ ଏହାର ସମ୍ପାଦକ ରୂପେ ତାଙ୍କର ଅବଦାନ ଅତୁଳନୀୟ।

ଡ. ଚୌଧୁରୀ ୧୯୪୩ ମସିହାରେ ଗଞ୍ଜାମ ଜିଲାର ସୋରଡା ଗ୍ରାମରେ କାନ୍ତାମା ଏବଂ ସତ୍ୟନାରାୟଣ ଚୌଧୁରୀଙ୍କ କୋଳ ମଣ୍ଡନ କରିଥିଲେ। ତା'ପରେ ସେ ରେଭେନ୍‌ଶା ମହାବିଦ୍ୟାଳୟରୁ ୧୯୬୭ରେ ପ୍ରାଣୀବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କଲା ପରେ ଗଙ୍ଗାଧର ମେହେର ମହାବିଦ୍ୟାଳୟ, ସମ୍ବଲପୁର, ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ପୁରୀ ଇତ୍ୟାଦି ରାଜ୍ୟର ବହୁ ପ୍ରମୁଖ ସରକାରୀ ମହାବିଦ୍ୟାଳୟରେ ଅଧ୍ୟାପନା କରିଥିଲେ ଏବଂ ଶେଷରେ ବିଜେବି କଲେଜ (ରାତ୍ରି) ଏବଂ ବିକ୍ରମଦେବ କଲେଜ, କୋରାପୁଟର ଅଧ୍ୟକ୍ଷ ରୂପେ ଦାୟିତ୍ୱ ନିର୍ବାହ କଲା ପରେ ୨୦୦୩ରେ ଏହି ସେବାରୁ ଅବସର ଗ୍ରହଣ କରିଥିଲେ। ଇତି ମଧ୍ୟରେ ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ୧୯୯୨ରେ ପିଏଚଡି ଡିଗ୍ରୀ ପ୍ରାପ୍ତ ହୋଇଥିଲେ। ତାଙ୍କ ଗବେଷଣାର ବିଷୟବସ୍ତୁ ଥିଲା 'ମାଛ ଉପରେ ପାରଦର ପ୍ରଦୂଷଣର ବିଷାକ୍ତ ପ୍ରଭାବ'। ଏଥିପୂର୍ବରୁ ୧୯୮୧-୮୨ରେ ସେ ଲଣ୍ଡନ ଯାତ୍ରା କରିଥିଲେ ବିଜ୍ଞାନ ଶିକ୍ଷା ଏବଂ ଏହାକୁ ଆହୁରି ଜନପ୍ରିୟ କରିବା ଦିଗରେ ପ୍ରଶିକ୍ଷଣ ଦେବା ଲାଗି। ଓଡିଶା ବିଜ୍ଞାନ ଏକାଡେମୀର ସମ୍ପାଦକ ରୂପେ ସେ କାର୍ଯ୍ୟ ନିର୍ବାହ କରିଥିଲେ ୧୯୯୨ରୁ ୧୯୯୯ ପର୍ଯ୍ୟନ୍ତ।

ଏଥିପୂର୍ବରୁ ଏହି ଅନୁଷ୍ଠାନଟି ପ୍ରାୟତଃ ସୁପ୍ତ ଏବଂ ଲୋକଲୋଚନର ଅନ୍ତରାଳରେ ଥିଲା। ଡ. ଚୌଧୁରୀଙ୍କ କାଉଁରି ସ୍ପର୍ଶରେ ତାହାକୁ ଏକ ସକ୍ରିୟ ଏବଂ ପ୍ରଭାବଶାଳୀ ଅନୁଷ୍ଠାନରେ ପରିଣତ କରିଦେଲା। ଏହାର ମାଧ୍ୟମରେ ସମଗ୍ର ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଲା ବିଜ୍ଞାନ ଲେଖକ କର୍ମଶାଳା। ବହୁ ଲେଖା ପ୍ରତି ଆକୃଷ୍ଟ ହେଲେ। ଫଳରେ ସୃଷ୍ଟି ହେଲେ ବହୁ ବିଜ୍ଞାନୀ ଲେଖକ। ଏହାବ୍ୟତୀତ ସେ ଛାତ୍ରୀଛାତ୍ର ଏବଂ ଜନସାଧାରଣଙ୍କ ମଧ୍ୟରେ ବୈଜ୍ଞାନିକ ଚେତନାର ବିକାଶ ଲାଗି ନିୟମିତ ବିବିଧ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଓଡିଶାର ବହୁଳ ରୂପେ ପ୍ରସାରିତ ବିଜ୍ଞାନ ପତ୍ରିକା 'ବିଜ୍ଞାନ ଦିଗନ୍ତ' ଏବଂ ଦୃଷ୍ଟିବାଧିତମାନଙ୍କ ପାଇଁ ଏହାର ଏକ ବ୍ରେଲ୍ ସଂସ୍କରଣ ପ୍ରକାଶ ମଧ୍ୟ ଥିଲା ତାଙ୍କର ମାନସ ପୁତ୍ର। ଏଥିପାଇଁ ସେ ସର୍ବଭାରତୀୟ ସ୍ତରରେ ପ୍ରଶଂସିତ ହୋଇଥିଲେ। ଚଳିତବର୍ଷ ଅକ୍ଟୋବର ୨୪ରେ ତାଙ୍କର ଦେହାନ୍ତ ହୋଇଯାଇଛି। ରାଜ୍ୟର ବିଜ୍ଞାନୀପ୍ରେମୀମାନଙ୍କ ହୃଦୟରେ ସେ ବଞ୍ଚିରହିବେ ଅନେକ ଦିନ ଧରି।

# ଜିନୀୟ ସମ୍ପାଦନା ଉପକରଣ



ପ୍ର. ରମେଶ ଚନ୍ଦ୍ର ପରିଡା

ସଜୀବର ଜୀବନଶୈଳୀ ନିର୍ଭର କରିଥାଏ ତା' ଜିନ୍ ଉପରେ। ଏଥିରେ ହିଁ ଲିପିବଦ୍ଧ ହୋଇଥାଏ ତାହାର ମାନଚିତ୍ର। ଏହାର ସଂରଚନାରେ ତାରତମ୍ୟ ସେ ପ୍ରତ୍ୟେକଙ୍କୁ ଅନ୍ୟଠାରୁ ଭିନ୍ନ କରି ଗଢ଼ିଥାଏ। ଅନ୍ୟପକ୍ଷରେ, ତହିଁରେ ସାମାନ୍ୟତମ ତ୍ରୁଟିର ପରିଣାମ ଭୟାବହ ହୋଇପାରେ ! ତାହା ଅସାଧ୍ୟ ରୋଗବ୍ୟାଧିଠାରୁ ଆରମ୍ଭ କରି ପ୍ରଜାତିଟିର ବିଲୁପ୍ତିର କାରଣ ମଧ୍ୟ ହୋଇପାରେ। ସେଥିପାଇଁ ଦୀର୍ଘଦିନ ଧରି ପ୍ରକୃତିର ଏହି ବିସ୍ମୟକର ସୃଷ୍ଟିରେ ହସ୍ତକ୍ଷେପ କରିବା ଲାଗି, ଅର୍ଥାତ୍ ଉକ୍ତ ମାନଚିତ୍ରଟିର ରୂପରେଖ ବଦଳାଇ ଜୀବନ ପ୍ରକ୍ରିୟାରେ ହସ୍ତକ୍ଷେପ କରିବା ଲାଗି ଚିନ୍ତା କରି ଆସିଛନ୍ତି ବୈଜ୍ଞାନିକମାନେ। ଏହା ଫଳରେ ବିବିଧ ବଂଶଗତ ଜିନୀୟ ରୋଗର ନିରାକରଣଠାରୁ ଆରମ୍ଭ କରି ଉଚ୍ଚମାନର ଫସଲ ଓ ଗୋସମ୍ପଦ ସୃଷ୍ଟି ସେମାନଙ୍କର ଲକ୍ଷ୍ୟ। ଏହାରି ସାଧନ ପାଇଁ ଉପକରଣଟିଏ ଆବିଷ୍କାର କରି ଚଳିତବର୍ଷ (୨୦୨୦)ରେ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ଲାଭ କରିଛନ୍ତି ବର୍ଲିନସ୍ଥିତ 'ମାକ୍ସପ୍ଲାଙ୍କ୍ ୟୁନିଟ୍ ଫର ସାଇନ୍ସ ଅଫ ପାଥେଜେନ୍'ର ଇମ୍ମାନୁଏଲ୍ ମ୍ୟାରିକ୍ ଚାରପେଣ୍ଟିଅର୍ ଏବଂ 'ୟୁନିଭର୍ସିଟି ଅଫ କାଲିଫର୍ନିଆ'ର ଜେନିଫର୍ ଆନେ ଡାଉଡ୍‌ନା।

ଏହି ଜୈବିକ ଉପକରଣଟି ହେଲା CRISPR/cas9। Clustered Regulatty Interspaced Short Polindromic Repeatsର ସଂକ୍ଷିପ୍ତ ନାମ ହେଉଛି 'CRISPR'। ଏହା ଜୀବାଣୁମାନଙ୍କର ପ୍ରତିରକ୍ଷା ବ୍ୟବସ୍ଥାର ବିଶିଷ୍ଟତା। ସେହିପରି cas ହେଲା CRISPR ସହ ଜଡିତ ପ୍ରୋଟିନ୍। ଏଗୁଡିକ ଜୀବାଣୁମାନଙ୍କୁ ଭୂତାଣୁଦ୍ୱାରା ସଂକ୍ରମିତ ହେବାରୁ ରକ୍ଷା କରେ। ଚାରପେଣ୍ଟିଅର ଏବଂ ଡାଉଡନା ଅତି ଅପ୍ରତ୍ୟାଶିତ ଭାବେ ଏହା ଆବିଷ୍କାର କରିବାର ସୂଚନା ଦେଇଥିଲେ ୨୦୧୨ ମସିହାରେ। 'ଷ୍ଟ୍ରେପ୍ଟୋକୋକସ୍ ପାୟୋଜିନସ୍' ନାମକ ଜୀବାଣୁର ପ୍ରତିରକ୍ଷା ବ୍ୟବସ୍ଥା ଅଧ୍ୟୟନ କରିବା ଅବସରରେ। ସେଥିରୁ ଜଣାପଡିଥିଲା ଯେ, ତାଙ୍କଠାରେ ଥିବା CRISPR ଏବଂ ଏଥିସହିତ ସଂପୃକ୍ତ cas ଜିନ୍‌ଗୁଡିକ ସେମାନଙ୍କୁ ଏଥିପାଇଁ ସକ୍ଷମ କରନ୍ତି। କାରଣ ତାହା 'ଜିନୀୟ କତୁରି' ରୂପେ କାର୍ଯ୍ୟକରି ସଂକ୍ରମଣକାରୀ ଭୂତାଣୁର ଜିନୀୟ ପଦାର୍ଥକୁ କାଟିଦିଏ।

ଚଳିତବର୍ଷର ନୋବେଲ ପୁରସ୍କାର ବିଜୟିନୀଦ୍ୱୟ କୃତ୍ରିମ ଉପାୟରେ ଜୀବାଣୁଟିର ଜିନୀୟ କତୁରି ତିଆରି କରିବାରେ ସଫଳତା ଅର୍ଜନ କରିବା ସହିତ ତାହାର ବିଭିନ୍ନ କ୍ଷେତ୍ରରେ ବ୍ୟବହାର ପଦ୍ଧତିକୁ ସରଳ କରିଛନ୍ତି। ଏହାର ବ୍ୟବହାର ଜୀବ ବିଜ୍ଞାନର ବିଭିନ୍ନ ଦିଗକୁ ପରିବର୍ଦ୍ଧିତ ଏବଂ ବିକଶିତ ହେବାରେ ସହାୟକ ହୋଇପାରିଛି।

**ନୋବେଲ ପୁରସ୍କାର : ରସାୟନ ବିଜ୍ଞାନ-୨୦୨୦**



ମ୍ୟାରିକ୍ ଚାରପେଣ୍ଟିଅର୍



ଜେନିଫର୍ ଆନେ ଡାଉଡ୍‌ନା

> ''ଚଳିତବର୍ଷର ନୋବେଲ ପୁରସ୍କାର ବିଜୟିନୀଦ୍ୱୟ- ବର୍ଲିନସ୍ଥିତ 'ମାକ୍ସପ୍ଲାଙ୍କ୍ ୟୁନିଟ୍ ଫର ସାଇନ୍ସ ଅଫ ପାଥେଜେନ୍'ର ଇମ୍ମାନୁଏଲ୍ ମ୍ୟାରିକ୍ ଚାରପେଣ୍ଟିଅର୍ ଏବଂ 'ୟୁନିଭର୍ସିଟି ଅଫ କାଲିଫର୍ନିଆ'ର ଜେନିଫର୍ ଆନେ ଡାଉଡ୍‌ନା କୃତ୍ରିମ ଉପାୟରେ ଜୀବାଣୁଟିର ଜିନୀୟ କତୁରି ତିଆରି କରିବାରେ ସଫଳତା ଅର୍ଜନ କରିବା ସହିତ ତାହାର ବିଭିନ୍ନ କ୍ଷେତ୍ରରେ ବ୍ୟବହାର ପଦ୍ଧତିକୁ ସରଳ କରିଛନ୍ତି। ଏହାର ବ୍ୟବହାର ଜୀବ ବିଜ୍ଞାନର ବିଭିନ୍ନ ଦିଗକୁ ପରିବର୍ଦ୍ଧିତ ଏବଂ ବିକଶିତ ହେବାରେ ସହାୟକ ହୋଇପାରିଛି।''



ବର୍ତ୍ତମାନ ସୁଦ୍ଧା ତିନି ପ୍ରକାର CRISPR କ୍ରିୟାବିଧି ଚିହ୍ନିତ ହୋଇପାରିଛି। ତନ୍ମଧ୍ୟରୁ ଟାଇପ୍-୨ଟି ସବୁଠାରୁ ଅଧିକ ଅଧ୍ୟୟନ ହୋଇଛି। ଏଥିରେ cas ପ୍ରୋଟିନ୍ cas9 ର ମୁଖ୍ୟ ଭୂମିକା ଥିବାର ଦେଖାଯାଉଛି। ଏହା ଅନ୍ୟମାନଙ୍କ ତୁଳନାରେ ଅନନ୍ୟ ହେବାର କାରଣ ହେଲା ଯେ, ଜିନ୍‌କୁ ନୀରବ କରିଦେବା ପାଇଁ ଏଥିରେ ଆବଶ୍ୟକ ହୋଇଥାଏ ମାତ୍ର ଗୋଟିଏ cas ପ୍ରୋଟିନ୍ (cas9)।

ଇମ୍ମାନୁଏଲ୍ ଚାରପେଣ୍ଟିଅର୍ ୧୯୬୮ ମସିହା ଡିସେମ୍ବର ୧୧ ତାରିଖରେ ଫ୍ରାନ୍ସର ଦୁଭିସି-ସୁର୍-ଅରବାଠାରେ ଜନ୍ମଗ୍ରହଣ କରିଥିଲେ। ତତ୍ପରେ ସେ ପ୍ୟାରିସସ୍ଥିତ ଇନଷ୍ଟିଚ୍ୟୁଟ୍ ପାଶ୍ଚରରୁ ପିଏଚଡି ଡିଗ୍ରୀ ହାସଲ କଲେ। ବର୍ତ୍ତମାନ ସେ ବର୍ଲିନର ମାକ୍ସପ୍ଲାଙ୍କ୍ ୟୁନିଟ୍ ଫର ସାଇନ୍ସ ଅଫ ପାଥେଜେନ୍‌ର ନିର୍ଦ୍ଦେଶିକା। ଅନ୍ୟପକ୍ଷରେ ଜେନିଫର ଡାଉଡନା ୱାଶିଂଟନ ଡିସିଠାରେ ୧୯୬୪ ମସିହା ଫେବୃୟାରୀ ୧୪ ତାରିଖ ଦିନ ଜନ୍ମ ଗ୍ରହଣ କରିଥିଲେ। ବୋଷ୍ଟନସ୍ଥିତ ହାର୍ଭାର୍ଡ ମେଡିକାଲ ସ୍କୁଲରୁ ସେ ପିଏଚଡି ଡିଗ୍ରୀ ହାସଲ କରିଥିଲେ। ଏବେ ସେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଏବଂ ତା'ସହ ହୋୱାର୍ଡ ହ୍ୟୁଗସ ମେଡିକାଲ ଇନଷ୍ଟିଚ୍ୟୁଟରେ ଅନୁସନ୍ଧାନକାରୀ ବୈଜ୍ଞାନିକ ରୂପେ କାର୍ଯ୍ୟରତ। ଏକ ସଂଗରେ ରସାୟନ ବିଜ୍ଞାନରେ ଦୁଇ ଜଣ ମହିଳା ନୋବେଲ ପୁରସ୍କାର ଲାଭ କରିବା ଏହାର ଇତିହାସରେ ବିରଳ। ସେମାନଙ୍କୁ ଏହି ପୁରସ୍କାର ରାଶି ୧୦ନିୟୁତ ସ୍ୱିଡେନ୍ କ୍ରୋନ୍‌ର ସମାନଭାବରେ ପ୍ରଦାନ କରାଯିବ।

ଚାରପେଣ୍ଟିଅର ଏବଂ ଡାଉଡନାଙ୍କର ଜିନୀୟ ବିଜ୍ଞାନକୁ ଏହି ଅବଦାନ ଯୁଗାନ୍ତକାରୀ। ତାହା ହୁଏତ ଦିନେ ମଣିଷକୁ ଜିନ୍-ସମ୍ପାଦନା ମାଧ୍ୟମରେ ଈଶ୍ୱରଙ୍କ ଆସନରେ ଅଧିଷ୍ଠିତ କରିବ ବୋଲି ମନେକରାଯାଏ।

-ଉଷାନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ : ୯୯୩୭୯୮୫୭୬୭



# ବ୍ୟକ୍ତିତ୍ୱକୁ ପ୍ରଭାବିତ କରେ ଏକୁଟିଆପଣ

କେତେକ ବ୍ୟକ୍ତି ଏକୁଟିଆ ରହିବାକୁ ପସନ୍ଦ କରିଥାଆନ୍ତି। ଏହା ଅଭ୍ୟାସରେ ପରିଣତ ହୋଇଗଲେ ଏକୁଟିଆପଣର ପ୍ରଭାବ ବ୍ୟକ୍ତିତ୍ୱ ଉପରେ ପଡିବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ଜାଣିପାରିଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ। 'ଏକୁଟିଆପଣ ଓ ବ୍ୟକ୍ତିତ୍ୱ' ଶୀର୍ଷକ ବିଷୟକୁ ନେଇ ସେମାନେ ଏକ ସର୍ଭେ କରିଥିଲେ। ଯେଉଁମାନେ ଅଧିକାଂଶ ସମୟ ଏକୁଟିଆ ରହୁଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୩୦ ପ୍ରତିଶତ ବ୍ୟକ୍ତିଙ୍କର ବ୍ୟକ୍ତିତ୍ୱ ଏହାଦ୍ୱାରା ପ୍ରଭାବିତ ହେଉଥିବାର ସେମାନେ ଜାଣିବାକୁ ପାଉଥିଲେ। ପୁଣି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ସବୁବେଳେ ଏକୁଟିଆ ରହିଲେ ତାହାର ପ୍ରଭାବ ସକାରାତ୍ମକ ମାନସିକତା ଉପରେ ପଡିଥାଏ। ତେଣୁ କିଛି ସମୟ ସାଙ୍ଗସାଥୀ, ପରିବାର ସଦସ୍ୟଙ୍କ ସହ କଟାଇଲେ ମନ ପ୍ରଫୁଲ୍ଲ ରହିବା ସହ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିଥାଏ।

# ଖାଦ୍ୟ ସଂରକ୍ଷଣ ଓ ନୀଳ ଆଲୋକ

ଆଜିକାଲି ଖାଦ୍ୟକୁ ସଂରକ୍ଷଣ କରି ରଖିବା ପାଇଁ ଅନେକ ପ୍ରକାର ଉପାୟ ଅବଲମ୍ବନ କରାଯାଉଛି। ଏହି ତାଲିକାରେ ନିକଟରେ ଆଉ ଏକ ଉପାୟକୁ ସାମିଲ କରିଛନ୍ତି ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ ସିଙ୍ଗାପୁରର ବିଶେଷଜ୍ଞମାନେ। ଏପରି ନୂଆ ତଥା ଅଭିନବ ଉପାୟ ବିଷୟରେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଏହି ଉପାୟ ଦ୍ୱାରା ଖାଦ୍ୟକୁ ବ୍ୟାକ୍ଟେରିଆଠାରୁ ରକ୍ଷାକରାଯାଇପାରିବ। ସେଥିପାଇଁ ସେମାନେ ଏକ ନୀଳ ରଙ୍ଗର ଏଲଇଡି ଲାଇଟ୍ ପ୍ରସ୍ତୁତ କରିଛନ୍ତି। ଉକ୍ତ ଖାଦ୍ୟ ସଂରକ୍ଷଣ ପ୍ରଣାଳୀକୁ ସେମାନେ 'ବ୍ଲୁ ଲାଇଟ୍ ଏମିଟିଂ ଡାଇଓଡସ୍' ନାମରେ ନାମିତ କରିଛନ୍ତି ଯାହାର ଆଣ୍ଟିବ୍ୟାକ୍ଟେରିଆ ଗୁଣ ରହିଛି। ତା'ସହ ଉକ୍ତ ଲାଇଟ୍‌ରେ ଥିବା ଖାଦ୍ୟକୁ ବ୍ୟାକ୍ଟେରିଆ ନଷ୍ଟ କରିବା ଆଶଙ୍କା ଯଥେଷ୍ଟ କମ। ଅନ୍ୟପକ୍ଷରେ ଉକ୍ତ ଲାଇଟ୍ ରସାୟନମୁକ୍ତ ହୋଇଥିବାରୁ ତାହା ଖାଦ୍ୟପଦାର୍ଥକୁ ମଧ୍ୟ ନଷ୍ଟ କରି ନ ଥାଏ।





# ହୃଦ୍‌ଘାତ ଆଶଙ୍କା କମାଏ ଭିଟାମିନ୍ 'ସି'

ଆମେ ସମ୍ମୁଖୀନ ହେଉଥିବା ଜଟିଳ ସ୍ୱାସ୍ଥ୍ୟ ସମସ୍ୟାଗୁଡିକ ମଧ୍ୟରୁ ହୃଦ୍‌ଘାତ ଅନ୍ୟତମ। ଅବଶ୍ୟ ଆଜିକାଲି ଏହାର ଉପଚାର ସମ୍ଭବ ହେଲାଣି। ହେଲେ ଯଦି ପରିସ୍ଥିତି ଜଟିଳ ହୁଏ ତେବେ ହୃଦ୍‌ରୋଗୀ ମୃତ୍ୟୁବରଣ କରିବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ହୃଦ୍‌ଘାତଠାରୁ ନିଜକୁ ଦୂରେଇ ରଖିବା ପାଇଁ ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ 'ସି'କୁ ସାମିଲ କରିବାକୁ ୟୁନିଭର୍ସିଟି ଅଫ ଲଣ୍ଡନର ହୃଦ୍‌ରୋଗ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ସେମାନଙ୍କ ମତରେ ଭିଟାମିନ୍ 'ସି' ହେଉଛି ଏପରି ଏକ ଆଣ୍ଟିଅକ୍ସିଡାଣ୍ଟ ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରିଥାଏ। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଯଦି ଆମେ ଭିଟାମିନ୍ 'ସି' ଯୁକ୍ତ ଫଳମୂଳ ଏବଂ ଖାଦ୍ୟ ଖାଉ ତେବେ ହୃଦ୍‌ଘାତ ଆଶଙ୍କା କେତେକାଂଶରେ କମିଯାଇଥାଏ। ତେଣୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ଏପରି ଖାଦ୍ୟକୁ ସାମିଲ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି।



# ସ୍ୱାସ୍ଥ୍ୟ ସୂଚନା

- ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ଆଲୋଚନା କରୁଥିଲେ ରୋଗର କାରଣ ଏବଂ ଅନ୍ୟ କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟା ଥିଲେ ତାହା ଡାକ୍ତରଙ୍କୁ ଜଣାନ୍ତୁ। ଏହାକୁ ଲୁଚାଇବାକୁ ଚେଷ୍ଟା କଲେ ତାହା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ପରିସ୍ଥିତିକୁ ଜଟିଳ କରିବାର ଆଶଙ୍କା ରହିଛି।
- ଯଦି ନିଜର କୌଣସି ଔଷଧ ଉପରେ ଆଦୌ ଜ୍ଞାନ ନାହିଁ ତେବେ ଅନ୍ୟମାନଙ୍କୁ ତାହା ଖାଇବାକୁ ପରାମର୍ଶ ଦିଅନ୍ତୁ ନାହିଁ।
- କେତେକ ଔଷଧକୁ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଖାଇବାକୁ ଡାକ୍ତର ପରାମର୍ଶ ଦେଇଥାଆନ୍ତି। ତେଣୁ ତାହାକୁ ଅନୁସରଣ କରନ୍ତୁ। ସୁସ୍ଥ ଲାଗିବା ପରେ ଔଷଧ ବନ୍ଦ ନ କରିବା ଭଲ। କୌଣସି ସମସ୍ୟା ଦେଖାଦେଲେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ଘରେ ଯଦି କୌଣସି ଔଷଧ ରଖୁଛନ୍ତି ତେବେ ତାହାର ନାମ ଏବଂ ଏକ୍ସପାୟରି ତାରିଖ ଡାଏରୀରେ ଲେଖି ରଖନ୍ତୁ।
- ଘରେ ସବୁବେଳେ ଫାଷ୍ଟ-ଏଡ୍ ବକ୍ସ ରଖନ୍ତୁ। ଏହାକୁ ଏପରି ସ୍ଥାନରେ ରଖନ୍ତୁ ଯେମିତି ଖୋଜିବା ମାତ୍ରେ ତାହାକୁ ପାଇପାରିବେ।
- ଯଦି ଅଫିସରେ କାମ କରୁଛନ୍ତି ତେବେ ସିଟ୍‌ରେ ଅଧିକ ସମୟ ବସି ରହନ୍ତୁ ନାହିଁ। ନିୟମିତ ଅନ୍ତରାଳରେ ବସିବା ସ୍ଥାନରୁ ଉଠି ଟିକେ ଚଲାବୁଲା କରନ୍ତୁ।
- କାମ କରିବା ସମୟରେ ଆଖିକୁ କିଛି ସମୟ ବିଶ୍ରାମ ଦିଅନ୍ତୁ। ନିୟମିତ ସମୟ ବ୍ୟବଧାନରେ ମୁହଁ ଧୁଅନ୍ତୁ। ଏହାଦ୍ୱାରା ମନ ଫ୍ରେସ୍ ରହିବା ସହ ଆଖି ଉପରେ କାମର ପ୍ରେସର ପଡିବ ନାହିଁ।
- ଦୃଷ୍ଟିଶକ୍ତି ସମସ୍ୟା ଥିଲେ ନିୟମିତ ସମୟ ଅନ୍ତରାଳରେ ଚକ୍ଷୁ ବିଶେଷଜ୍ଞଙ୍କ ନିକଟରେ ଆଖି ପରୀକ୍ଷା କରାଇ ନିଅନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ରାୟଗଡ଼ା, ସୋମବାର, ନଭେମ୍ବର ୨/୨୦୨୦ Rayagada, Monday, November 2/ 2020




# ରୟାଲ୍ସ ବିଦା, ଆଶାରେ କୋଲକାତା

**ଦୁବାଇ, ୧।୧୧**

ଇଅନ ମୋର୍ଗାନଙ୍କ ଅଧିନାୟକ ଇନିଂସ ପରେ ପ୍ୟାଟ୍ କୁମିନ୍ସଙ୍କ ଘାତକ ବୋଲିଂ ବଳରେ କୋଲକାତା ନାଇଟ ରାଇଡର୍ସ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ରବିବାର ଅନୁଷ୍ଠିତ ମ୍ୟାଚରେ ରାଜସ୍ଥାନ ରୟାଲ୍ସକୁ ୬୦ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ୨୦ ଓଭରରେ ୭ ଉଇକେଟ ହରାଇ ୧୯୧ ରନ କରିଥିଲା। ୧୯୨ ରନ ବିଜୟ ଲକ୍ଷ୍ୟରେ ରାଜସ୍ଥାନ ୨୦ ଓଭରରେ ୯ ଉଇକେଟ ହରାଇ ୧୩୧ ରନ କରିବାକୁ ସକ୍ଷମ ହୋଇଥିଲା। ଏଠାରେ ବିଜୟ ଫଳରେ କୋଲକାତାର ପ୍ଲେ-ଅଫ୍ ପ୍ରବେଶ ଆଶା ଉଜ୍ଜୀବିତ ରହିଛି। ଏହିଦଳ ୧୪ ମ୍ୟାଚରୁ ୧୪ ପଏଣ୍ଟ ସହିତ ଟେବୁଲର ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ରୟାଲ୍ସ ୧୪ ମ୍ୟାଚରୁ ୧୨ ପଏଣ୍ଟରେ ରହି ବିଦାୟ ନେଇଛି।

ଟସ୍ ଜିତି ରାଜସ୍ଥାନ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଇନିଂସର ଦ୍ୱିତୀୟ ବଲ୍‌ରେ ନୀତୀଶ ରାଣାଙ୍କୁ ଆଉଟ କରି କୋଲକାତାକୁ ପ୍ରାରମ୍ଭିକ ଝଟ୍‌କା ଦେଇଥିଲେ ଜୋଫ୍ରା ଆର୍ଚର। ଶୁବମନ ଗିଲ ଓ ରାହୁଲ ତ୍ରିପାଠୀ ଦ୍ୱିତୀୟ ଉଇକେଟରେ ୭୨ ରନ ଯୋଗ କରି ଏକ ସମ୍ମାନଜନକ ସ୍କୋର ପାଇଁ ପଥ ପ୍ରସ୍ତୁତ କରିଥିଲେ। ପୁରା ସିଜନରେ ଫର୍ମରେ ଥିବା ଶୁବମନ ୨୪ ବଲ୍‌ରୁ ୩୬ (୬ ଚୌକା) ରନ କରିଥିବାବେଳେ ରାହୁଲ ଟେଓ୍ୱାଟିଆଙ୍କ ଶିକାର ହୋଇଥିଲେ। ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ସୁନୀଲ ନାରିନ୍ ଖାତା ଖୋଲିବା ପୂର୍ବରୁ ପ୍ୟାଭିଲିୟନ ଫେରିବା ନାଇଟ୍ ରାଇଡର୍ସ ପାଇଁ ଖରାପ ସୂଚନା ଦେଇଥିଲା। ଅଧିନାୟକ ଇଅନ ମୋର୍ଗାନ କ୍ରିଜ୍‌ରେ ଯୋଗଦେଇ ଉନ୍ନତ ରନ୍‌ହାର ସହ ଇନିଂସକୁ ଆଗେଇ ନେବାକୁ ଉଦ୍ୟମ କରିଥିଲେ। ମାତ୍ର ୪ ବଲ୍ ବ୍ୟବଧାନରେ ସେଟ୍ ବ୍ୟାଟ୍ସମ୍ୟାନ ରାହୁଲ ତ୍ରିପାଠୀ ଓ ବିଦାୟୀ ଅଧିନାୟକ ଦୀନେଶ କାର୍ତ୍ତିକ ଆଉଟ ହେବାରୁ କୋଲକାତା ଅଗ୍ରଗତିରେ ବାଧା ସୃଷ୍ଟି ହୋଇଥିଲା। ତ୍ରିପାଠୀ ୩୪ ବଲ୍‌ରୁ ୪ ଚୌକା ଓ ୨ ଛକା ସହାୟତାରେ ୩୯ ରନ କରିଥିବାବେଳେ କାର୍ତ୍ତିକ ଖାତାଖୋଲିପାରି ନ ଥିଲେ। ଫଳରେ ୧୨.୩ ଓଭର ବେଳକୁ ସ୍କୋର ୯୯/୫ ହୋଇ ଯାଇଥିଲା। ମୋର୍ଗାନ କିନ୍ତୁ ଖେଳିଥିଲେ ଅଧିନାୟକ ଇନିଂସ। ସେ ୩୫ଟି ବଲ୍‌ର ସମ୍ମୁଖୀନ ହୋଇ ୫ ଚୌକା ଓ ୬ ଛକା ସହାୟତାରେ ୬୮ ରନରେ ଅପରାଜିତ ରହି ଦଳକୁ ଏକ ଚ୍ୟାଲେଞ୍ଜିଂ ସ୍କୋର ପ୍ରଦାନରେ ଗୁରୁଦାୟିତ୍ୱ ନିର୍ବାହ କରିଥିଲେ। ଫର୍ମରେ ନ ଥିବା ଆନ୍ଦ୍ରେ ରସେଲ ୧୧ ବଲ୍‌ରୁ ୨୫(୧ ଚୌକା, ୩ ଛକା) ଏବଂ ପ୍ୟାଟ୍ କୁମିନ୍ସ ୧୧ ବଲ୍‌ରୁ ୧୫ ରନର ମୂଲ୍ୟବାନ ଇନିଂସ ଖେଳିଥିଲେ। ମୋର୍ଗାନ ରସେଲଙ୍କ ସହ ୬ଷ୍ଠ ଉଇକେଟରେ ୪୫ ଓ କୁମିନ୍ସଙ୍କ ସହ ୭ମ ଉଇକେଟରେ ୪୦ ରନର ଭାଗୀଦାରି ଗଢ଼ିଥିଲେ। ରୟାଲ୍ସ ପକ୍ଷରୁ ରାହୁଲ ଟେଓ୍ୱାଟିଆ ୩ଟି, କାର୍ତ୍ତିକ ତ୍ୟାଗୀ ୨ଟି ଏବଂ ଆର୍ଚର ଓ ଶ୍ରେୟାସ ଗୋପାଳ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଉନ୍ନତ ରନ ହାର ସହ ମ୍ୟାଚ ଜିତିବା ଲକ୍ଷ୍ୟ ନେଇ ରାଜସ୍ଥାନ ପ୍ରଥମ ବଲ୍‌ରୁ ହିଁ ଆକ୍ରମଣାତ୍ମକ ଆଭିମୁଖ୍ୟ ଦେଖାଇଥିଲା। ପ୍ୟାଟ୍ କୁମିନ୍ସ ବୋଲିଂ କରିଥିବା ଇନିଂସର ପ୍ରଥମ ବଲ୍‌କୁ ଛକା ମାରି ଅଭିଯାନ ଆରମ୍ଭ କରିଥିଲେ ରବିନ ଉଥପ୍ପା। ମାତ୍ର କୁମିନ୍ସ ଘାତକ ବୋଲିଂ କରି ରୟାଲ୍ସ ଆଶାରେ ପାଣି ଭରି ଦେଇଥିଲେ। ଉଥପ୍ପା ୬, ବେନ୍ ଷ୍ଟୋକ୍ସ ୧୮, ଅଧିନାୟକ ଷ୍ଟିଭେନ ସ୍ମିଥ ୪, ସଞ୍ଜୁ ସାମସନ ୧ ଓ ରିୟାନ ପରାଗ ଖାତା ଖୋଲିବା ପୂର୍ବରୁ ଆଉଟ ହେବାରୁ ରୟାଲ୍ସ ସ୍କୋର ୫ ଓଭର ବେଳକୁ ୩୭/୫ ହୋଇ ଯାଇଥିଲା। ଏହା ମଧ୍ୟରୁ ୪ଟି ଉଇକେଟ କେବଳ କୁମିନ୍ସ ନେଇଥିଲେ। ଦଳର ଶେଷ ଆଶା ଜୋସ୍ ବଟଲର ୨୨ ବଲ୍‌ରୁ ୩୫(୪ ଚୌକା, ୧ ଛକା) ରନ କରି ବରୁଣ ଚକ୍ରବର୍ତ୍ତୀଙ୍କ ବଲ୍‌ରେ ଆଉଟ ହେବାରୁ ରୟାଲ୍ସ ପରାଜୟ ନିଶ୍ଚିତ ହୋଇ ଯାଇଥିଲା। ରାହୁଲ ଟେଓ୍ୱାଟିଆ ଦ୍ରୁତ ୩୧ରନ(୨୭ ବଲ, ୨ ଚୌକା, ୧ ଛକା) କରିବାରୁ ରାଜସ୍ଥାନ ସ୍କୋର ୧୦୦ ରନ ଅତିକ୍ରମ କରିଥିଲା। ଶ୍ରେୟାସ ଗୋପାଳ ୨୩ ବଲ୍‌ରୁ ୨୩(୨ ଚୌକା) ରନରେ ଅପରାଜିତ ରହିବାରୁ ରୟାଲ୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୩୧ ରନ କରି ପାରିଥିଲା। କୋଲକାତା ପକ୍ଷରୁ କୁମିନ୍ସ ୪ଟି, ବରୁଣ ଓ ଶିବମ ମାଭି ୨ଟି ଲେଖାଏ ଏବଂ କମଲେଶ ନାଗରକୋଟି ଗୋଟିଏ ଉଇକେଟ ନେଇଥିଲେ।



ଦ୍ରୁତ ଇନିଂସ୍ ଅବସରରେ ଅଧିନାୟକ ଇଅନ ମୋର୍ଗାନ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୯ | ୪ | ୧୮ | +୧.୨୯୬ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୩ | ୭ | ୬ | ୧୪ | -୦.୧୪୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୩ | ୭ | ୬ | ୧୪ | -୦.୧୫୯ |
| ନାଇଟ ରାଇଡର୍ସ | ୧୪ | ୭ | ୭ | ୧୪ | -୦.୨୧୪ |
| ସନ୍‌ରାଇଜର୍ସ | ୧୩ | ୬ | ୭ | ୧୨ | +୦.୫୫୫ |
| କିଙ୍ଗ୍ସ ଇଲେଭେନ | ୧୪ | ୬ | ୮ | ୧୨ | -୦.୧୬୨ |
| ଚେନ୍ନାଇ ସୁପରକିଙ୍ଗ୍ସ | ୧୪ | ୬ | ୮ | ୧୨ | -୦.୪୫୫ |
| ରାଜସ୍ଥାନ ରୟାଲ୍ସ | ୧୪ | ୬ | ୮ | ୧୨ | -୦.୫୬୯ |

## ସଂକ୍ଷିପ୍ତ ସ୍କୋର

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୯୧/୭(ମୋର୍ଗାନ-୬୮*, ତ୍ରିପାଠୀ-୩୯, ଶୁବମନ-୩୬, ରସେଲ-୨୫, ଟେଓ୍ୱାଟିଆ-୩/୨୫, ତ୍ୟାଗୀ-୨/୩୬, ଆର୍ଚର-୧/୧୯, ଗୋପାଳ-୧/୪୪)। ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୩୧/୯ (ବଟଲର-୩୫, ଟେଓ୍ୱାଟିଆ-୩୧, କୁମିନ୍ସ-୪/୩୪, ବରୁଣ-୨/୨୦, ମାଭି-୨/୧୫, ନାଗରକୋଟି-୧/୨୪)।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ